

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୪ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 14 DECEMBER 2022
Vol.No. 33 ■ No. 325 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଚାଇନାର ଗୁଣ୍ଡାଗର୍ଦ୍ଦି : ସଂସଦରେ ପୂରା ଘଟଣା ସମ୍ପର୍କରେ କହିଲେ ପ୍ରତିରକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ, ୧୩/୧୨ : ଅରୁଣାଚଳ ପ୍ରଦେଶର ତୱାଙ୍ଗ ସେକ୍ଟରରେ ଚାଇନାର ଅନୁପ୍ରବେଶ ଘଟଣାକୁ ନେଇ ତମ୍ଫିତୋଫାନ ଦେଖାଦେଇଛି । ଚାଇନା ସେନା ଏକତରଫା ଭାବେ ଅରୁଣାଚଳ ପ୍ରଦେଶର ସ୍ଥିତାବସ୍ଥା ବଦଳାଇବାକୁ ଚେଷ୍ଟା କରୁଥିଲା । ଏଥିସହ ଭାରତର ଗୋଟିଏ ଅଂଶକୁ ଦଖଲ କରିବାକୁ ଚାହିଁଥିଲା । କିନ୍ତୁ ଭାରତୀୟ ସେନା ବେଶ ସାହାସର ସହ ଚାଇନା ଯବାନଙ୍କ ମୁକାବିଲା କରିଥିଲା । ଫଳରେ ଚାଇନା ସେନା ପଛକୁ ହଟିବାକୁ ବାଧ ହୋଇଥିଲେ । ଏହି ଘଟଣା ସାମ୍ନାକୁ ଆସିବା ପରେ ଆଜି ସଂସଦର ଉଭୟ ଗୃହରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବିବୃତି ରଖିଛନ୍ତି । ସେ କହିଛନ୍ତି, "ଡିସେମ୍ବର ୯ ତାରିଖରେ ପିଏଲଏ ଟ୍ରୁପ୍ସ ଏଲଏସି(ପ୍ରକୃତ ନିୟନ୍ତ୍ରଣ ରେଖା) ଅତିକ୍ରମ କରିଥିଲେ । ସେମାନେ



ଅରୁଣାଚଳ ପ୍ରଦେଶର ତୱାଙ୍ଗ ଅଞ୍ଚଳରେ ଅନୁପ୍ରବେଶ କରି ସ୍ଥିତାବସ୍ଥାକୁ ଏକତରଫା ଭାବେ ପରିବର୍ତ୍ତନ କରିବାକୁ ଚାହିଁଥିଲେ । ଚାଇନାର ଏପରି ଆଚରଣର ଜବାବ ଆମ ଯବାନ ବେଶ ଦୃଢ଼ତାର ସହ ଦେଇଛନ୍ତି । ଏହି ସମୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଭାରତୀୟ ସେନା ଚାଇନାର ଏପରି ଅନୁପ୍ରବେଶକୁ ରୋକିବା ସହ ପିଏଲଏକୁ ସେମାନଙ୍କ ପୋଷ୍ଟ ନିକଟକୁ ଫେରିଯିବାକୁ ବାଧ କରାଇଥିଲା । ଏହି ସଂଘର୍ଷରେ ଦୁଇ ପକ୍ଷର ସୈନ୍ୟ ଆହତ ହୋଇଛନ୍ତି । ମୁଁ ଏହି ସଦନକୁ ଅବଗତ କରାଇବାକୁ ଚାହୁଁଛି ଯେ ଜଣେ ହେଲେ ବି ଭାରତୀୟ ସୈନ୍ୟ ପ୍ରାଣ ହରାଇନାହାନ୍ତି । ଏପରି କି କେହି ବି ଗୁରୁତର ଆହତ ହୋଇନାହାନ୍ତି । ଭାରତୀୟ ମିଲିଟାରୀ କମାଣ୍ଡରଙ୍କ ସଠିକ ପଦକ୍ଷେପ ଯୋଗୁ ପିଏଲଏ ଯବାନମାନେ ସେମାନଙ୍କ ପୋଷ୍ଟକୁ ଫେରି ଯାଇଛନ୍ତି । ଘଟଣାର ପରେ ଉକ୍ତ ଅଞ୍ଚଳର କମାଣ୍ଡର ୧୧ ଡିସେମ୍ବରରେ ନିଜର ଚାଇନିଜ ପ୍ରତିପକ୍ଷଙ୍କ ସହ ବୈଠକ କରିଥିଲେ । ଫ୍ଲାଗ ମିଟିଂ କରି ଚାଇନା ସହ ଏହି ଘଟଣା ସମ୍ପର୍କରେ ଆଲୋଚନା କରାଯାଇଛି । ଚାଇନାକୁ ଏପରି ଅନୁପ୍ରବେଶ ନ କରିବାକୁ କୁହାଯାଇଛି । ଏଥିସହ ସୀମାରେ ଶାନ୍ତି ବଜାୟୀ ରଖିବାକୁ ପରାମର୍ଶ ଦିଆଯାଇଛି । ଏହି ପ୍ରସଙ୍ଗରେ ଚାଇନିଜ ଅଧିକାରୀଙ୍କ ସହ କୂଟନୀତିକ ସ୍ତରରେ ମଧ ଆଲୋଚନା ହୋଇଛି । ଆମ ଯବାନମାନେ ▶▶ପୃଷ୍ଠା ୭

# କଂଗ୍ରେସ ନେତା ରାଜା ପଟେରିଆ ଗିରଫ, ମୋଦିଙ୍କ ହତ୍ୟାକୁ ନେଇ ଦେଇଥିଲେ ବୟାନ

ନୂଆଦିଲ୍ଲୀ, ୧୩/୧୨ : ବନ୍ଧା ହେଲେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ରାଜା ପଟେରିଆ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବିବାଦୀୟ ଟିପ୍ପଣୀ ଦେଇ ଫସିଲେ କଂଗ୍ରେସ ନେତା । ମୋଦିଙ୍କ ହତ୍ୟାକୁ ନେଇ ବୟାନ ଦେବର ୪୮ ଘଣ୍ଟା ଭିତରେ ତାଙ୍କୁ ପୁଲିସ ଗିରଫ କରିଛି । ରାଜା ପଟେରିଆ ଏକ ଜନସଭାରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନେଇ ବିବାଦୀୟ ଟିପ୍ପଣୀ ଦେଇଥିଲେ । ଏହାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା । ଏହାପରେ ଏହାକୁ ନେଇ ରାଜନୈତିକ ମହଲରେ ଝଡ ସୃଷ୍ଟି ହୋଇଥିଲା । ପରେ ତାଙ୍କ ନାଁରେ ପୁଲିସ ମାମଲା ରୁଜୁ କରିଥିଲା । ଆଜି ସକାଳୁ ମଧ୍ୟପ୍ରଦେଶ ଦମୋହାର ହଟ୍ଟା ସ୍ଥିତ ତାଙ୍କ ବାସଭବନରୁ କଂଗ୍ରେସ ନେତାଙ୍କୁ ପୁଲିସ ଗିରଫ କରିଛି । ଏହାପରେ ପୁଲିସ ରାଜା



ପଟେରିଆଙ୍କୁ ପନ୍ନା ନେଇଯାଇଛି । ସୂଚନା ମୁତାବକ, ରବିବାର ପାନ୍ନାରେ କଂଗ୍ରେସର ଏକ କାର୍ଯ୍ୟକ୍ରମ ଚାଲିଥିଲା । ଏହି ସଭାରେ କର୍ମୀଙ୍କ ସହ ଆଲୋଚନା କରିବା ବେଳେ ରାଜା ପଟେରିଆ କହିଥିଲେ, ମୋଦି ଧର୍ମ, ଜାତି, ଭାଷା ଆଧାରରେ ଦେଶକୁ ବିଭାଜନ କରୁଛନ୍ତି । ଯଦି ଆପଣମାନେ ସମ୍ବିଧାନ ବଞ୍ଚାଇବାକୁ ଚାହୁଁଛନ୍ତି, ତେବେ ମୋଦିଙ୍କୁ ହତ୍ୟା କରିବାକୁ ପ୍ରସ୍ତୁତ ରୁହ । ହେଲେ ଏପରି ଟିପ୍ପଣୀ ପ୍ରକୃତରେ ମୋଦିଙ୍କୁ ହତ୍ୟା କରିବା ପାଇଁ ଅର୍ଥରେ ନୁହେଁ ବରଂ ତାଙ୍କ ଶାସନକୁ ମାତ୍ ଦବା ଅର୍ଥରେ କହିଥିଲେ କଂଗ୍ରେସ ନେତା । ଏହି ବୟାନ୍ ସାମ୍ନାକୁ ଆସିବା ପରେ ବିଜେପି ଏହାକୁ ନେଇ କଂଗ୍ରେସକୁ ଟାର୍ଗେଟ କରିଥିଲା । ଘଟଣାକୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ନିନ୍ଦା କରିଥିଲେ । ସେହିପରି ଗୃହମନ୍ତ୍ରୀ ନରୋତମ ମିଶ୍ର ତାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ ।

# ଲାଞ୍ଚ ନେଉଥିଲେ ପୋଲିସ ବାବୁ, ଭିଜିଲାନ୍ସ ଟିମକୁ ଦେଖି ଗିଳିଦେଲେ ୪୦୦୦ ଟଙ୍କା

ନୂଆଦିଲ୍ଲୀ, ୧୩/୧୨ : ଲାଞ୍ଚ ନେଉଥିଲେ ସବଇନ୍ସପେକ୍ଟର । ମାଡି ମସିଲା ଭିଜିଲାନ୍ସ ଟିମ୍ । ବିକଳରେ ୪୦୦୦ ଟଙ୍କା ଗିଳିଦେଲେ ପୋଲିସ ବାବୁ । ହେଲେ ଛାଡିଲେନି ଭିଜିଲାନ୍ସ ଅଧିକାରୀ । ପୋଲିସ ବାବୁଙ୍କ ପାଟିରେ ହାତ ପୁରାଇ ଟଙ୍କା କାଢିବାକୁ ଚେଷ୍ଟା କଲାବେଳେ ଉଭୟ ଧରାପରା ହେଲେ । ଏଭଳି ଏକ ଦୃଶ୍ୟ ଏବେ ଭାଇରାଲ ହେଉଛି । ଲାଞ୍ଚ ନେଇ ଧରା ପଡିବାର ଏଭଳି ମଜାଦାର ଘଟଣା ଘଟିଛି ହରିୟାଣା ଫରିଦାବାଦର ସେକ୍ଟର ୩ ଅଞ୍ଚଳରେ । ସୂଚନା ମୁତାବକ, ଶମ୍ଭୁ ନାଥ ନାମକ ଜଣେ ବ୍ୟକ୍ତିଙ୍କର ମଇଁଷି ଚୋରୀ ହୋଇଯାଇଥିଲା । ସେ ଏଫଆଇଆର ଦେବାକୁ ପୋଲିସର ଦ୍ୱାରସ୍ଥ ହୋଇଥିଲେ । ହେଲେ ମାମଲା ଦାଏର କରାଇବାକୁ ଦାୟିତ୍ୱରେ ଥିବା ସବଇନ୍ସପେକ୍ଟର ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ପ୍ରଥମେ ଶମ୍ଭୁନାଥ ପୋଲିସ ବାବୁଙ୍କୁ ୪ ହଜାର ଓ ପରେ ୨ ହଜାର ଟଙ୍କା ଦେବା ପରେ ବି ଶାନ୍ତି ହୋଇନଥିଲେ ପୋଲିସ ବାବୁ । ଏଥିରେ ଅସନ୍ତୁଷ୍ଟ ହୋଇ ଶମ୍ଭୁନାଥ ଭିଜିଲାନ୍ସକୁ ଜଣାଇଦେଇଥିଲେ । ▶▶ପୃଷ୍ଠା ୭

# ନୀତିଶ କୁମାରଙ୍କ ବଡ ଘୋଷଣା, ୨୦୨୫ ବିଧାନସଭା ନିର୍ବାଚନରେ ନେତୃତ୍ୱ ନେବେ ତେଜସ୍ୱୀ

ନୂଆଦିଲ୍ଲୀ, ୧୩/୧୨ : ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବଡ ଘୋଷଣା କରିଛନ୍ତି । ନୀତିଶ ସ୍ପଷ୍ଟ ଶବ୍ଦରେ କହିଛନ୍ତି ୨୦୨୫ରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ତେଜସ୍ୱୀଙ୍କ ନେତୃତ୍ୱରେ ଲଢାଯିବ । ସେ ଏହା ମଧ ସ୍ପଷ୍ଟ କରିଛନ୍ତି ପ୍ରଧାନମନ୍ତ୍ରୀ ପଦ ଦୌଡରେ ସେ ନାହାନ୍ତି । ନୀତିଶଙ୍କ କହିବା କଥା ସମସ୍ତଙ୍କ ସହ ମିଳିତଭାବେ ସେ ବିଜେପିକୁ ହଟାଇବାକୁ ଚାହୁଁଛନ୍ତି । ମହାମେଣ୍ଟର ବୈଠକ ପରେ ନୀତିଶଙ୍କ ଏହି ବୟାନ ସାମ୍ନାକୁ ଆସିଥିଲା । କିଛି ଦିନ ପୂର୍ବରୁ ନୀତିଶ ଏନଡିଏ ମେଣ୍ଟ ଛାଡି ମହାମେଣ୍ଟରେ ସାମିଲ ହୋଇଥିଲେ । ଏହା ପରେ ବିହାର ରାଜନୀତିରେ ବଡ ପରିବର୍ତ୍ତନ



ହୋଇଥିଲା । ଠିକ ସେହିପରି ନୀତିଶଙ୍କ ଏହି ଘୋଷଣା ପରେ ରାଜନୀତି ସରଗରମ ହୋଇଛି । ମଙ୍ଗଳବାର ବିହାର ବିଧାନ ପରିଷଦରେ ମହାମେଣ୍ଟର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ଶେଷ ହେବା ପରେ ଗଣମାଧମକୁ ସୂଚନା ଦେଇ ନୀତିଶ କହିଥିଲେ, ୨୦୨୫ରେ ହେବାକୁ ଥିବା ବିହାର ବିଧାନସଭା ନିର୍ବାଚନରେ ତେଜସ୍ୱୀଙ୍କ ନେତୃତ୍ୱରେ ଲଢାଯିବ । ମୁଁ ପ୍ରଧାନମନ୍ତ୍ରୀ ପଦପାଇଁ ଦାବିଦାର ନୁହେଁ । ଆମେ ସମସ୍ତେ ବିଜେପିକୁ ହଟାଇବାକୁ ଚାହୁଁଛୁ । ସେହିଭଳି ମଦ ବନ୍ଦ ପ୍ରସଙ୍ଗରେ ହେଉଥିବା ରାଜନୀତିକୁ ନେଇ ସେ ନାରାଜ ହୋଇଛନ୍ତି ।

# ଭୁବନେଶ୍ୱରରେ ଘନ କୁହୁଡି କାରଣରୁ ବିମାନ ବନ୍ଦରରେ ବିମାନ ଚଳାଚଳ ପ୍ରଭାବିତ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ମଙ୍ଗଳବାର ଦିନ ରାଜଧାନୀ ଭୁବନେଶ୍ୱରେ ରେ ଘନ କୁହୁଡ଼ି ପରିଲକ୍ଷିତ ହୋଇଥିବା କାରଣରୁ ସକାଳୁ ସକାଳୁ ରାସ୍ତାରେ ଭିଜିବିଲିଟି ଅତ୍ୟନ୍ତ କମ ହୋଇଯାଇଥିଲା । ଅନ୍ୟ ପକ୍ଷରେ ଏହି ଘନ କୁହୁଡି କାରଣରୁ ବିମାନ ସେବା ଉପରେ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି । ଏହି ଘନ କୁହୁଡ଼ି ପାଇଁ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଚଳାଚଳ ବିଳମ୍ବିତ ହୋଇଛି । ଭୁବନେଶ୍ୱରରୁ ନୂଆଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ବେଙ୍ଗାଲୁରୁ ଅଭିମୁଖେ ଯାତାୟତ କରୁଥିବା ବିମାନ ନିର୍ଧାରିତ ସମୟରେ ଉଡ଼ାଣ ଆରମ୍ଭ ନ କରି ପାରି ବିଳମ୍ବରେ ଯାତ୍ରା ଆରମ୍ଭ କରିଥିବା ଜଣା ପଡିଛି ।

# ଇଡି ରିମାଣ୍ଡରେ ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ରିମାଣ୍ଡରେ ନେଇଛି ପ୍ରବର୍ତନ ନିର୍ଦ୍ଦେଶାଳୟ ବା ଇଡି । ଇଡି ପକ୍ଷରୁ ହୋଇଥିବା ରିମାଣ୍ଡ ଆବେଦନକୁ ଖୋର୍ଦ୍ଧା ଓ ଜିଲ୍ଲା ଜଜ୍ କୋର୍ଟ ଗ୍ରହଣ କରିଛନ୍ତି । କୋର୍ଟ ଅର୍ଚ୍ଚନାଙ୍କୁ ୬ ଦିନିଆ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଛନ୍ତି । ସେହିଭଳି ଜଗବନ୍ଧୁଙ୍କୁ ୯ ଦିନ ପାଇଁ ରିମାଣ୍ଡରେ ନେବାକୁ କୋର୍ଟ ଆଦେଶ ଦେଇଛନ୍ତି । ଅର୍ଚ୍ଚନା ଆଜି ଦ୍ୱିତୀୟ ଥର ପାଇଁ ରିମାଣ୍ଡରେ ଯାଇଛନ୍ତି । ଜଗବନ୍ଧୁ ଆସନ୍ତାକାଲି ଠାରୁ ରିମାଣ୍ଡରେ ଯିବେ । ମଙ୍ଗଳବାର ଦିନ ଉଭୟ ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ କୋର୍ଟରେ ହାଜର କରାଯାଇଥିଲା । କୋର୍ଟରେ ଇଡି ପକ୍ଷରୁ ଜଗବନ୍ଧୁଙ୍କୁ ୧୫ ଦିନ ଓ ଅର୍ଚ୍ଚନାଙ୍କୁ



୭ ଦିନ ପାଇଁ ରିମାଣ୍ଡରେ ନେବାକୁ ଆବେଦନ କରାଯାଇଥିଲା । ରିମାଣ୍ଡ ଆବେଦନ ମଞ୍ଜୁର ହେବା ପରେ ଆଜି ଅର୍ଚ୍ଚନାଙ୍କୁ ଇଡି ନେଇ ଥିବା ବେଳେ ବୁଧବାର ଜଗବନ୍ଧୁଙ୍କୁ ଜେଲରୁ ରିମାଣ୍ଡରେ ନେବ । ଇଡି ବୁଧବାର ଦିନ ଜଗବନ୍ଧୁଙ୍କୁ ରିମାଣ୍ଡରେ ନେବା ପରେ ଉଭୟ ଦମ୍ପତିଙ୍କୁ ସାମ୍ନାସାମ୍ନି ଜେରା କରିବ । ସୂଚନାଯୋଗ୍ୟ, କମିସନରେଟ ପୁଲିସ ହାତରୁ ମାମଲା ସ୍ଥାନାନ୍ତରିତ ହେଲା ପରେ ଇଡି ପ୍ରଥମ ଥର ପାଇଁ ଅର୍ଚ୍ଚନା ନାଗଙ୍କୁ ୭ ଦିନିଆ ରିମାଣ୍ଡରେ ନେଇଥିଲା । ଏହି ରିମାଣ୍ଡ କାଳରେ ବିଭାଗୀୟ ଅଧିକାରୀମାନେ ପଚରାଉଚରା କରିଥିଲେ ।

# ହାଇକୋର୍ଟ ବେଂଚ ପ୍ରତିଷ୍ଠା : ଓକିଲମାନଙ୍କ ଆନ୍ଦୋଳନ ସ୍ଥଗିତ

ସମ୍ବଲପୁର/ଭୁବନେଶ୍ୱର, ୧୩/୧୨ (ନି.ପ୍ର): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବିରେ ହୋଇଥିବା ଓକିଲଙ୍କ ଧର୍ମଘଟକୁ ଆଜି ସନ୍ଧ୍ୟାରେ ସ୍ଥଗିତ ରଖାଯାଇଛି । ପଶ୍ଚିମ ଓଡ଼ିଶାର ସମସ୍ତ ବାର ଆସୋସିଏସନ୍ କୁ ନେଇ ଗଠିତ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଏହି ନିଷ୍ପତି ନିଆଯାଇଥିବା ନେଇ ସମ୍ବଲପୁର ଜିଲ୍ଲା ବାର୍ ଆସୋସିଏସନ୍ ର ସଂପାଦକ ବିଜିତେନ୍ଦ୍ରୀୟ ପ୍ରଧାନ ଓ ସୁନ୍ଦରଗଡ଼ ଜିଲ୍ଲା ବାର୍ ଆସୋସିଏସନ୍ ର ଆବାହକ ଅଶୋକ କୁମାର ଦାଶ ଏହି ସୂଚନା ଦେଇଛନ୍ତି । କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି କହିଛି ପଶ୍ଚିମ ଓଡ଼ିଶାରେ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ହେବା ନେଇ କମିଟି ଆଶାବାଦୀ ଅଛି । ଏ ଦିଗରେ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ସମସ୍ତ ସାମ୍ବିଧାନିକ ସଂସ୍ଥାଠାରୁ ସହଯୋଗ ମିଳିବ ବୋଲି ଆଶା ପ୍ରକାଶ ପାଇଛି । ସେହିପରି କମିଟି ଆନ୍ଦୋଳନ ସ୍ଥଗିତ ରଖିବା ସହିତ ସୁପ୍ରିମକୋର୍ଟଙ୍କ ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ କରିଛି । ଏ ନେଇ କମିଟି କେନ୍ଦ୍ର, ରାଜ୍ୟ ସରକାର ଓ ହାଇକୋର୍ଟଙ୍କ ଉପରେ ମଧ ଭରସା ରଖିଛି । ସୂଚନାଯୋଗ୍ୟ ସମ୍ବଲପୁରରେ ଆଇନ୍‌ଜୀବୀଙ୍କ ଆନ୍ଦୋଳନ ସୋମବାର ହିଂସାତ୍ମକ ରୂପ ନେଇଥିଲା । ଆଇନଜୀବୀମାନେ କୋର୍ଟ ପରିସରରେ ପଶି ଭଙ୍ଗାରୁଜା କରିବା ସହ ଜିଲ୍ଲା ଜଜଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ । ଏହା ସୁପ୍ରିମକୋର୍ଟଙ୍କୁ କ୍ଷୁବ୍ଧ କରିଥିଲା । ▶▶ପୃଷ୍ଠା ୭

# ସଂସଦ ଉପରେ ଆକ୍ରମଣ ଘଟଣାକୁ ୨୧ ବର୍ଷ ପୁରିଲା

ନୂଆଦିଲ୍ଲୀ, ୧୩/୧୨ : ଉପରାଷ୍ଟ୍ରପତି, ରାଜ୍ୟସଭାର ସଭାପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମେତ ବିଭିନ୍ନ ସାଂସଦ ମାନେ ମଙ୍ଗଳବାର ଦିନ ସଂସଦ ଭବନ ପରିସରରେ ୨୦୦୧ ମସିହାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ସର୍ବୋଚ୍ଚ ବଳିଦାନ ଦେଇଥିବା ବଳିଦାନୀ ମାନଙ୍କୁ ଶ୍ରଦ୍ଧାଂଜଳି ଦେଇଛନ୍ତି । ଏହି ଅବସରରେ ରାଜ୍ୟସଭାର ସଭାପତି ଜଗଦୀପ ଧନଖଡ, ଲୋକସଭା ବାଚସ୍ପତି ଓମ ବିରଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହ ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ, ଅଧୀର ରଂଜନ ଚୌଧୁରୀ ▶▶ପୃଷ୍ଠା ୭

# ସହଜ ଓ ସରଳ ହେଲା ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ରାଜ୍ୟରେ ଉଚ୍ଚ ଗୁଣାତ୍ମକମାନର ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଏବଂ ଏକ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାର ନୋ-ଅବ୍‌ଜେକ୍‌ସନ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟାକୁ ଅଧିକ ସହଜ ଓ ସରଳ କରିଛନ୍ତି । ଏଥିପାଇଁ ଆଜି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଏକ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ କରାଯାଇଛି । ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ୨୦୨୩-୨୪ ଶିକ୍ଷା ବର୍ଷଠାରୁ ନୂଆ ନର୍ସିଂ, ଡି.ଫାର୍ମା, ବି. ଫାର୍ମା, ଏମ୍. ଫାର୍ମା, ଡି.ଏମ.ଏଲ୍.ଟି, ଡି.ଏମ୍.ଆର୍.ଟି., ଫିଜିଓଥେରାପି, ଅକୁପେସନାଲ୍ ଥେରାପି ଓ ଆନୁସାଙ୍ଗିକ ବିଷୟରେ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା କରିବାକୁ ଚାହୁଁଥିବା ଦରଖାସ୍ତକାରୀଙ୍କୁ ଜି.ଆଇ.ଏସ୍. ଏବଂ ଗ୍ୟାପ୍ ଆନାଲିସିସ୍ ତଥ୍ୟ ଦେବାକୁ ପଡିବ ନାହିଁ । ବିଭଗୀୟ ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ୍ କହିଛନ୍ତି ଯେ, ପ୍ରଚଳିତ ବ୍ୟବସ୍ଥା ସମ୍ବନ୍ଧରେ ବିଭିନ୍ନ ସ୍ତରରୁ ମିଳିଥିବା ମତାମତକୁ ଏକ ଉଚ୍ଚସ୍ତରୀୟ କମିଟି ପୁଙ୍ଖାନୁପୁଙ୍ଖ ଭାବେ ବିଚାର କରିଥିଲେ । କମିଟିର ନିଷ୍ପତି ଅନୁସାରେ ଏ ପ୍ରକାର ଅନୁଷ୍ଠାନ ଗୁଡିକର ଭିତିଭୂମି ଓ ଦକ୍ଷତା ଆକଳନ ସଂପୃକ୍ତ ବିଷୟରେ ବିଶେଷଙ୍କ କମିଟି ଦ୍ୱାରା କରାଯିବ । ଆକଳନରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ବି.ଡି.ଓ., ତହସିଲ୍‌ଦାର ଆଦିଙ୍କର ସଂପୃକ୍ତି ଦରକାର ହେବନାହିଁ । ଏହି ନୂଆ ବ୍ୟବସ୍ଥା ଦ୍ୱାରା ରାଜ୍ୟରେ ଅଧିକ ଗୁଣାତ୍ମକମାନର ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦେବାସହ ସ୍ୱାସ୍ଥ୍ୟ ସେବା ନିମନ୍ତେ ତାଲିମପ୍ରାପ୍ତ ଓ କୁଶଳୀ ମାନବସମ୍ବଳ ସୃଷ୍ଟି ହେବ ବୋଲି ବୁଦ୍ଧିଜିବୀମାନେ ଆଶା ପ୍ରକାଶ କରିଛନ୍ତି ।

# ସଜାଗ ହେଲା ଭାରତୀୟ ସେନା: ସୀମାରେ ମୁତୟନ ହେଲା ଲଢୁଆ ବିମାନ

ନୂଆଦିଲ୍ଲୀ, ୧୩/୧୨ : ଏଲଏସିରେ ଚୀନ ସେନାର ଉତ୍ପାତ ପରେ ଭାରତୀୟ ସେନା ସଜାଗ ହୋଇଛି । ସୀମାରେ ମୁତୟନ କରିଛି ଲଢୁଆ ବିମାନ । ଡ୍ରାଗନ ସେନାର ଗତିବିଧି ଉପରେ ନଜର ରଖିବା ସହ ସୀମାରେ ଯେକୌଣସି ପରିସ୍ଥିତିର ମୁକାବିଲ ପାଇଁ ଆକାଶରେ ପଇଁତରା ମାରୁଛି । ପ୍ରକୃତ ନିୟନ୍ତ୍ରଣ ରେଖାର ନିକଟରେ ରହି ଚକର କାଟୁଛି ଭାରତୀୟ ବାୟୁସେନାର ଲଢୁଆ



ବିମାନ । ଭାରତ-ଚୀନ ସୀମା ଏଲଏସିକୁ ଲାଗିକରି ଥିବା, ଅରୁଣାଚଳ ପ୍ରଦେଶର ଏହି ଅଂଚଳକୁ ଚାଲି ଆସିଥିଲେ ପ୍ରାୟ ୩ଶହ ଚୀନ ସେନା । ୧୭ହଜାର ଫୁଟ ଉଚ୍ଚରେ ଥିବା ଏହି ଅଂଚଳରେ ଭାରତୀୟ ସେନାର ଟେଂଟକୁ ଭାଂଗି ଫୋପାଡି ଦେବାକୁ ଉଦ୍ୟମ କରିଥିଲେ । ଚୀନ ସେନାର ଏଭଳି ଉଦ୍ୟମକୁ କଡା ଜବାବ ଦେଇଥିଲେ ଭାରତୀୟ ଯବାନ । କିଛି ସମୟ ଉଭୟ ସେନା ମଧ୍ୟରେ ସଂଘର୍ଷ ହୋଇଥିଲା । ଶେଷରେ ଭାରତୀୟ ଯବାନଙ୍କ ପ୍ରବଳ ବିରୋଧ ଆଗରେ ମୁଣ୍ଡ ନୁଆଁଇ ନିଜ ଠକଣାକୁ ଫେରିଯାଇଥିଲେ ଚୀନ ସେନା । ▶▶ପୃଷ୍ଠା ୭

# ବରିଷ୍ଠ ଓଏଏସ୍ ସ୍ତରରେ ବଦଳି

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ରାଜ୍ୟ ସରକାର ଆଜି ବରିଷ୍ଠ ଓଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ତଥା ଓଏଏସ୍ ସୁରଥ ଚନ୍ଦ୍ର ମଲ୍ଲିକଙ୍କୁ ଅତିରିକ୍ତ ଜେଲ୍ ଆଇଜି ଭାବେ ବଦଳି କରାଯାଇଛି । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ସୁରଥ ଚନ୍ଦ୍ର ମଲ୍ଲିକଙ୍କୁ ଭୁବନେଶ୍ୱରସ୍ଥିତ ଜେଲ୍ ନିର୍ଦ୍ଦେଶାଳୟରେ ଅତିରିକ୍ତ ଜେଲ୍ ଆଇଜି ଭାବେ ବଦଳି ହୋଇଛି । ସେହିପରି ସେଠାରେ ଥିବା ବରିଷ୍ଠ ଓଏଏସ୍ ସୀତାରାମ ପଟେଲଙ୍କୁ ସମ୍ବଲପୁରସ୍ଥିତ ବନ୍ଦୋବସ୍ତ ଓ ଚକବନ୍ଦୀ ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି । ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢ଼ୀଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି ଓ ସେ ଅତରିକ୍ତ ଭାବେ ଟିଚର୍ସ ଟ୍ରେନିଂ ଆଣ୍ଡ ଏସସିଇଆରଟି ନିର୍ଦ୍ଦେଶକ ଭାବେ ମଧ କାର୍ଯ୍ୟ କରିବେ । ସେହିପରି ବରିଷ୍ଠ ଓଏଏସ୍ ବିରଂଚି ନାରାୟଣ ଦରଓ୍ୱାନଙ୍କୁ କଳାହାଣ୍ଡି ଜିଲ୍ଲା ପରିଷଦ ଅତିରିକ୍ତ ଏକଜ୍ୟୁଟିଭ ଅଫିସର ଭାବେ ବଦଳି ହୋଇଛି । ଓଏଏସ୍ ଟୁନା ମେହେରଙ୍କୁ କଳାହାଣ୍ଡି ଜିଲ୍ଲା ଥୂଆମୂଳ ରାମପୁର ଆଇଟିଡିଏ ପ୍ରକଳ୍ପ ଅଧିକାରୀ, ଓଏଏସ୍ ସୁରେନ୍ଦ୍ର ମେହେରଙ୍କୁ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅତିରିକ୍ତ ଏକଜ୍ୟୁଟିଭ ଅଫିସର, ଓଏଏସ୍ ରାଖାଲ ଚନ୍ଦ୍ର ପରିଡ଼ାଙ୍କୁ ବାରିପଦା ମ୍ୟୁନିସପାଲଟିର ଏକଜ୍ୟୁଟିଭ ଅଫିସର ଏବଂ ଓଏଏସ୍ ଅଶୋକ କୁମାର ଲେଙ୍କାଙ୍କୁ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର ଭାବେ ବଦଳି କରାଯାଇଛି ।

## ପୁରୀ ଓକିଲ ସଂଘ ପକ୍ଷରୁ ସତ୍ୟାଗ୍ରହ

ପୁରୀ, ୧୩/୧୨ (ନି.ପ୍ର): ଓକିଲମାନଙ୍କ ବିଭିନ୍ନ ଦାବି ନେଇ ରାଜ୍ୟ ସଂଘ ଡ଼ାକରାରେ ପୁରୀ ଓକିଲ ସଂଘ ପକ୍ଷରୁ ଆଜି ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କୋର୍ଟ କାର୍ଯ୍ୟାଳୟ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶହ ଶହ ଓକିଲ ସତ୍ୟାଗ୍ରହରେ ବସିଥିଲେ । ଆଇନଜୀବୀଙ୍କ ମୌଳିକ ଅଧିକାର ସୁରକ୍ଷା, ଆଇନଜୀବୀ ପରିଷଦର ଓକିଲ ମାରଣନୀତି ବନ୍ଦ କରିବା ଓ ଆଇନଜୀବୀମାନଙ୍କ ସମ୍ମାନ ଓ ସ୍ୱାଭିମାନ ସୁରକ୍ଷା ପାଇଁ ଏହି ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା ।

ଏହି ସତ୍ୟାଗ୍ରହରେ ପୁରୀ ବାର ଆସୋସିଏସନର ସଭାପତି ଜୟରାମ ବସ୍ତିଆ, ସଂପାଦକ ବିଭୁତି ଶଙ୍କର ତ୍ରିପାଠୀ, ପୂର୍ବତନ ସଭାପତି ପ୍ରେମାନନ୍ଦ ମହାପାତ୍ର, ପୂର୍ବତନ ସଂପାଦକ ସାରଦା ପ୍ରସନ୍ନ ସାମଲ, ଶରତ ରାୟଗୁରୁ, ବିଶ୍ୱଜିତ ସେନାପତି, ଭାଗବତ ପଟ୍ଟନାୟକ, ବିଭୁଦତ ପଟ୍ଟନାୟକ, ଭାଗିରଥୀ ସ୍ୱାଇଁ, ରାମଚନ୍ଦ୍ର ମହାପାତ୍ର, ସୁରେଶ ମହାପାତ୍ର, ବୈଦନାଥ ପାଣି, ଦେବଦତ ପଟ୍ଟନାୟକ, ଅନିଲ କୁମାର ସାହୁ, ବାର ଆସୋସିଏସନର ନିର୍ବାଚିତ ପ୍ରତିନିଧିଗଣ ଓ ସଦସ୍ୟମାନେ ଯୋଗ ଦେଇଥିଲେ ।

## ତରୁଣ ପ୍ରଜ୍ଞା ଭାରତୀର ବାର୍ଷିକ ଉତ୍ସବ ପାଳିତ

ଜୟପୁର, ୧୩/୧୨ (ନି.ପ୍ର): ତରୁଣ ପ୍ରଜ୍ଞା ଭାରତୀ ଜୟପୁରର ଚତୁଃତ୍ରିଂଶତମ ବାର୍ଷିକ ଉତ୍ସବ ସ୍ଥାନୀୟ ସନ୍ଧ୍ୟା ଫଙ୍କସନ୍ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡ. ଗଙ୍ଗାଧର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଓଡିଶୀ ନୃତ୍ୟଶିଳ୍ପୀ ନୂଆଦିଲ୍ଲୀ ଡ. ଚନ୍ଦନା ରାଉଳ, ସମାଜସେବୀ ତଥା ରାଷ୍ଟ୍ରଦୀପ ପ୍ରସାର ସମିତିର ବିଭାଗ ସଂଗଠନ ସମ୍ପାଦକ ଡ. ଜଳେନ୍ଦ୍ର ତ୍ରିପାଠୀ, ସେବାନିବୃତ୍ତ ବିଦ୍ୟୁତ୍ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. କେଦାର ନାଥ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ପ୍ରୀତିସୁଧା ଜେନା ଯୋଗଦାନ କରି ପ୍ରତିଯୋଗୀମାନଙ୍କୁ ମାର୍ଗ ଦର୍ଶନ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂପାଦକ ଯଜ୍ଞେଶ୍ୱର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସହସମ୍ପାଦକ ମନୋରଞ୍ଜନ ପଣ୍ଡା ଅତିଥି ଆମନ୍ତ୍ରଣ କରିଥିଲେ ।

ଓଡ଼ିଆ ଅସ୍ମିତାର ଚିରନ୍ତନ ପ୍ରତୀକ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ପରେ ଛାତ୍ରଛାତ୍ରୀଙ୍କଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ଅନୁଷ୍ଠାନର ସଭ୍ୟା ସୁବର୍ଣ୍ଣ କୁମାରୀ ଖିଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସଂପାଦକ ଯଜ୍ଞେଶ୍ୱର ପଣ୍ଡା ସଂପାଦକୀୟ ବିବରଣୀ ପାଠ କରିଥଲେ ।ଏହି ଅବସରରେ ପନ୍ତାତ୍ତ୍ୱିକ ଗବେଷକ ଶ୍ରୀରଙ୍ଗ ନାୟକ, ବନବାସୀ ସଙ୍ଗୀତକାର ଗଣେଶ ଚନ୍ଦ୍ର ବିଷୋୟୀ, ବନବାସୀ ସମାଜ ସୁଧାରକ କୁଳମଣି ଜେନା, ଭାରୋତ୍ତଳନରେ ରୌପ୍ୟ ପଦକ ବିଜୟିନୀ ଶୁଭସ୍ମିତା ମହାନ୍ତି, ଆଇନଜୀବୀ ଏସ. ବାବୁରାଓ, ନୀରବ ସାଧକ ପି. ସିମାଞ୍ଚଲମ୍, ଯୁବ ପ୍ରତିଭା ଅମିତ୍ କୁମାର ପୋଡାଲ ଓ ଚୈତନ୍ୟ ନେମାନୀଙ୍କୁ ଅନୁଷ୍ଠାନ ତରଫରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନ ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରାୟ ୩୯୫ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଶାବରୀ ସୁକନ୍ୟା ବିଜୟିନୀ ହୀରା ମାଝି, ସାଇବାଣୀ ଓ୍ୱାଡେକା, ସୁଜୟନ୍ତି ବାଲିଆ, ଭଗବତୀ ଦୁରୁଆ ଓ ଜିମେ କଓ୍ୱାସୀଙ୍କୁ ରୌପ୍ୟ ମୁକୁଟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ପରିଚାଳନା କରିଥିବାବେଳେ ଉପସଭାପତି ମୀନକେତନ ଦାଶ, ସହ ସମ୍ପାଦକ ରାମଶଙ୍କର ଷଡ଼ଙ୍ଗୀ, ଯୁଗ୍ମ ସମ୍ପାଦକ କେ. ତିରୁପତି ପାତ୍ର , ସଂଗଠନ ସମ୍ପାଦିକା ସବିତା ତ୍ରିପାଠୀ, ଅନୁଷ୍ଠାନର କାର୍ଯ୍ୟକାରିଣୀ ସଭ୍ୟସଭ୍ୟା ରବୀନ୍ଦ୍ର କୁମାର ମହାରଣା, ଅଜୟ ମଲିକ, ଅନନ୍ତ ବିଜୟ ଧୀବର, ସୁବାସ ଚନ୍ଦ୍ର ପଣ୍ଡା, ପ୍ରମୋଦ କୁମାର ରାଉଳ, ସାବିତ୍ରୀ ବେହେରା, ରୀତଞ୍ଜଳି ଡାକୁଆ, କବିତା ସାହୁ, ଲିପିକା ଦଳେଇ , କୃଷ୍ଣଚନ୍ଦ୍ର ହୋତା, ପରମେଶ୍ୱର ପାତ୍ର ପ୍ରମୁଖ ମାନପତ୍ର ପାଠ ସହିତ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅନୁଷ୍ଠାନର ସଦସ୍ୟ ହେମନ୍ତ କୁମାର ଚନ୍ଦ୍ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଡ. ସୁରେଶ ଦାଶ, ବିନୋଦ ମହାପାତ୍ର , କୃଷ୍ଣ କେଶବ ଷଡ଼ଙ୍ଗୀ, ଗୀତା ପ୍ରକାଶ ଚନ୍ଦ୍ର ମିଶ୍ର, ସିମାଞ୍ଚଳ ମିଶ୍ର, ଦେବେନ୍ଦ୍ର ବାହିନୀପତି ଉପସ୍ଥିତ ଥିଲେ ।

## ଟୁମୁଡିବନ୍ଧ ଶିଶୁ ବିଦ୍ୟାମନ୍ଦିରରେ ସ୍ୱଦେଶୀ ସପ୍ତାହ ପାଳନ

କନ୍ଧମାଳ, ୧୩/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଟୁମୁଡିବନ୍ଧ ବ୍ଲକ ମୁଖ୍ୟାଳୟ ଠାରେ ଥିବା ଡ଼ଃ. ଆମ୍ବେଦକାର ଛକରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ କୁନି କୁନି ଛାତ୍ରଛାତ୍ରୀମାନେ ସ୍ୱଦେଶୀ ଜିନିଷଗୁଡିକର ପ୍ରଦର୍ଶନ କରିଥିଲେ । ଡିସେମ୍ବର ୬ ରୁ ୧୨ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ସ୍ୱଦେଶୀ ସପ୍ତାହ ପାଳନ କରାଯାଉଛି । ବିଭିନ୍ନ ସ୍ଥାନରେ ଏହି ଅବସରରେ ବକ୍ତୃତା, ଚିତ୍ରାଙ୍କନ, ସଚେତନତା ରାଲି, ପଥପ୍ରାନ୍ତ ନାଟକ, ଦାସକାଠିଆ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିଲା ବେଳେ ଏହି ଅନୁଷ୍ଠାନର ଭାଇ ଭଉଣୀମାନେ ଘରେ ବ୍ୟବହୃତ କରୁଥିବା ବିଭିନ୍ନ ସ୍ୱଦେଶୀ ଦ୍ରବ୍ୟ, ଖାଦ୍ୟ ସାମଗ୍ରୀ, ପନିପରିବା, ଫୁଲ ଫଳ ଆଦି ପ୍ରଦର୍ଶନ କରିବା ସହ ସେହି ଜିନିଷଗୁଡିକର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ ।

ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ କୈଳାଶ ଚନ୍ଦ୍ର ଧଳ ସ୍ୱଦେଶୀ ଜିନିଷର ନାମ ସହ ତାର ବ୍ୟବହାର ବିଷୟରେ ଅବଗତ କରାଇବା ସହ ପ୍ରଥମରୁ ପରିବାର ଠାରୁ ଏ ସଚେତନତା ଆରମ୍ଭ ହେବା ଉଚିତ ବୋଲି କହିଥିଲେ । ମା''କୁ ମମି ନ କହି ମା'' କିମ୍ବା ବୋଉ ବୋଲି ସମ୍ବୋଧନ କରିବାକୁ ଶିଶୁମାନଙ୍କୁ ପରାମର୍ଶ ଦେଇଥିଲେ । ପରିଚାଳନା ସମିତିର ସକ୍ରିୟ ସଦସ୍ୟ ବେଣୁଧର ମଝି, ଚନ୍ଦ୍ରମଣି ପଣ୍ଡା, ଉପ ସଭାପତି ପ୍ରସନ୍ନ କୁମାର ସାହୁ, ଉପଦେଷ୍ଟା ରାମକୃଷ୍ଣ ପାଢ଼ୀ ମହୋଦୟ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ସମସ୍ତ ଗୁରୁଜୀ ଗୁରୁମା ଏଥିରେ ସହଯୋଗ କରିଥିଲେ । ସ୍ୱଦେଶୀ ଜିନିଷ ସଂଗ୍ରହରେ ଅଭିଭାବକ ଓ ଅଭିଭାବିକା ମାନଙ୍କର ବିଶେଷ ଆଗ୍ରହ ପରିଲକ୍ଷିତ ହୋଇଥିଲା ।

## ସିଭିଲ କୋର୍ଟ ପଛପଟେ ଯୁବକକୁ ମରଣାନ୍ତକ ଆକ୍ରମଣ : ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତରିତ

ବଲାଙ୍ଗିର, ୧୩/୧୨ (ନି.ପ୍ର): ବଲାଙ୍ଗିର ସହର ଭିତରେ ଦିନକୁ ଦିନ ବଢିବାରେ ଲାଗିଛି ଅପରାଧି ମାନଙ୍କ ସଂଖ୍ୟା । କଥା କଥାରେ ବୁଲୁଛି ଖଣ୍ଡା ତଲଓ୍ୱାର । ଗତକାଲି ଅପରାହ୍ନ ୫ ଟାରେ ଜଣେ ଯୁବକକୁ ଟେକି ନେଇ ମରଣାନ୍ତକ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି । ପାଟଣାଗଡ ଥାନା ଘସିଏନ ଗାଁର ଅଶୋକ ଖୁଟଲା ବଲାଙ୍ଗିର ଶାନ୍ତିପଡାରେ ଭଡା ଘରେ ରହି ଏକ ଗ୍ୟାରେଜରେ କାମ କରନ୍ତି । ତାଙ୍କୁ କଲେଜ ଛକରୁ ୬ ଜଣ ଯୁବକ ଟେକି ନେଇଥିଲେ । ସିଭିଲକୋର୍ଟ ପଛପଟକୁ ନେଇ ଯୁବକଙ୍କୁ ଲୁହା ରଡ ସାହାଯ୍ୟରେ ନିର୍ଦ୍ଧୁମ ମାଡ ମାରି ଫେରାର ହୋଇଯାଇଥିଲେ । ଏନେଇ ସ୍ଥାନୀୟ ଲୋକେ ପୋଲିସକୁ ଖ୍ୱର ଦେଇଥିଲେ । ପି.ସି.ଆର. ଆସି ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସପିଟାଲର ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରିଛି । ଗୁରୁତର ଅଶୋକଙ୍କ ହାତ ଓ ଗୋଡରେ ଗଭୀର ଆଘାତ ଲାଗିଛି । ତେବେ ଆକ୍ରମଣର କାରଣ ଜଣାପଡିନାହିଁ । ଟାଉନ ପୋଲିସର ତଦନ୍ତ ଜାରୀ ରହିଛି । ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରେ ବୁର୍ଲା ସ୍ଥାନାନ୍ତରିତ କରାଯାଇଥିବାର ସୂଚନା ମିଳିଛି ।

## ଇଚ୍ଛା ମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କଲେ ଭିନ୍ନକ୍ଷମ ଦମ୍ପତି

କନ୍ଧମାଳ , ୧୩/୧୨ (ନି.ପ୍ର): ନିଜର ହକ ପାଇବା ପାଇଁ ମାସେ କି ଦୁଇମାସ ନୁହେଁ ଦୀର୍ଘ ଚାରି ବର୍ଷ ହେଲା ଲଢ଼ି , ପ୍ରଶାସନ ଦ୍ୱାରା ଆକ୍ରୋଶ, ନିର୍ଯ୍ୟାତିତ, ଲାଂଛିତ ଶୋଷିତ ହୋଇ ଶେଷରେ ଅନ୍ୟ ଉପାୟ ନ ପାଇ ଇଚ୍ଛା ମୃତ୍ୟୁ ଲୋଡିଛନ୍ତି କନ୍ଧମାଳ ଜିଲ୍ଲା ଚକାପାଦ ଅଂଚଳର ଭିନ୍ନକ୍ଷମ ଦମ୍ପତି ଦୀପକ କୁମାର ହଂସ ଓ ତାଙ୍କ ପନ୍ନୀ । ଏନେଇ ଦୀପକ ଗତ ୯ ତାରିଖ ରେ ରାଷ୍ଟ୍ରପତି ଙ୍କୁ ରେଜିଷ୍ଟ୍ରି ଯୋଗେ ଚିଠି ଲେଖି ଜଣାଇଛନ୍ତି । ଦୀପକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ସ୍ତ୍ରୀ ୨୦୧୩ ରୁ ଦାରିଂବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ସ୍ୱାସ୍ଥ୍ୟ କର୍ମୀ ଭାବେ କାର୍ଯ୍ୟ କରୁଥିଲେ । ସେଇସମୟ ରେ ସେ ଦୀର୍ଘ ଦିନ ଅସୁସ୍ଥ ହୋଇପଡିଥିଲେ । ଏହାର ସୁଯୋଗ ରେ ସ୍ୱାସ୍ଥ୍ୟ ବିଭାଗ ଅଧୀକାରୀ ତାଙ୍କଛୁଟି ମଂଜୁର କରିବା ଓ ଅନ୍ୟାନ୍ୟଙ୍କର୍ଯ୍ୟରେ ଜାଣିଶୁଣି ହଇରାଣ କରିଆସୁଥିଲେ । ଏହାର ପ୍ରତିବାଦରେ ପତିପନ୍ନୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ରାଜ୍ୟ ମାନବାଧିକାର କମିଶନ କୁ ଜଣାଇଥିଲେ । ଏହାପରେ ତାଙ୍କୁ ତରବରିଆ ଭାବେ ଡେପୁଟେସସନ ରେ ଚକାପାଦ ସି ଏଚ ସି କୁ ବଦଳୀ କରିଥିଲେ । ତେବେ ତାଙ୍କୁ ପୁଣି ଦାରିଂବାଡ଼ି କୁ ବଦଳୀ କରିବାସହ ତାଙ୍କ ସ୍ତ୍ରୀ ଙ୍କ ମାନସିକ ସ୍ଥିତି କିପରି ଅଛି ସେନେଇ ଫିଟ ନେସ ସାର୍ଟିଫିକେଟ ବ୍ରହ୍ମପୁର ମେଡିକାଲ ବୋର୍ଡ଼ ରୁ ଦାଖଲ କରିବାକୁକହିଥିଲେ । ତେବେ ବ୍ରହ୍ମପୁର ବୋର୍ଡ଼ କୌଣସି ଫିଟନେସ ସାର୍ଟିଫିକେଟ ନ ଦେବାରୁ ସେ ଅଗଷ୍ଟ ଚାରି ୨୦୨୨ ରେ କଟକ ମାନସିକ ରୋଗ ବିଶେଷଜ୍ଞ ଡା ସାରଦା ପ୍ରସନ ସ୍ୱାଇଁଙ୍କ ନିକଟରେ ପରୀକ୍ଷା କରି ଫିଟନେସ ସାର୍ଟିଫିକେଟ ଆଣିଥିଲେ । ଆଉ ଦାଖଲ କରିବାକୁ ସେପଟ୍ଟେମ୍ବର ୯ ରେ ଦାରିଂବାଡ଼ି ମେଡିକାଲ କୁ ଯାଇଥିଲେ ହେଲେ ସେଠାରେ ତାଙ୍କ ସାର୍ଟଫିକେଟ ଗ୍ରହଣ କରାଯାଇନଥିଲା କି ଦାଇତ୍ୱ ଦିଆଯାଇନଥିଲା । ଫଳରେ ବର୍ଷାଧିକ ଦରମା ଗଣ୍ଡାକ ନପାଇବା ଫଳରେ ଦୁଇ ଓଳା ଦୁଇ ମୁଠା ଖାଇବାକୁ ନ ପାଇ ପରଘରେ ଆଶ୍ରୟ ନେଇ ଛନ୍ତି । ଅର୍ଥ ଅଭାବରୁ ପୁଅପାଠ ନପଢ଼ିପାରିବା ଫଳରେ ତାକୁ ବାଲିଗୁଡା ର୍‌ନ୍ୱାସିସ୍ୱେଚ୍ଛାସେବୀ ସଂଗଠନ ରେ ରଖିଛନ୍ତି । ବର୍ତ୍ତମାନ ଦୌଡିଦୌଡ଼ି କେହି ନ ଶୁଣିବା ଫଳରେ ଶେଷରେ ବାଧ ହୋଇ ଇଚ୍ଛା ମୃତ୍ୟୁ ଲୋଡିଛନ୍ତି ଏହି ଭିନ୍ନକ୍ଷମ ଦମ୍ପତି । ରାଷ୍ଟ୍ରପତି ସେମାନଙ୍କ କଥା ବିଚାରକରି ନ୍ୟାୟ ପ୍ରଦାନ କରିବେ ବୋଲି ସେମାନେ ଆଶା ରଖିଛନ୍ତି ।

## କରଞ୍ଜିଆ ବନଖଣ୍ଡରେ ୪୫ ଟିକିଆ ହାତୀପଲ

ବାରିପଦା, ୧୩/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡରେ ୪୫ ଟିକିଆ ହାତୀପଲ । ଏହି ହାତୀ ପଲ ପୃଥକ୍ ପୃଥକ୍ ସ୍ଥାନରେ ରହିଛନ୍ତି । ବର୍ତ୍ତମାନ ବଡ଼ସରେଇ ଜଙ୍ଗଲରେ ଏକ ୨୪ ଟିକିଆ ହାତୀପଲ ଅଛନ୍ତି । ଏହି ହାତୀପଲରେ ୬ଟି ଦନ୍ତା ହାତୀ ରହିଥିବା ବେଳେ ୫ଟି ଛୁଆ ହାତୀ ରହିଛନ୍ତି । ଗତକାଲି ବିଳମ୍ବିତ ରାତିରେ କେନ୍ଦୁଝର ଜିଲ୍ଲା ପାର୍ ହୋଇ ଆସିଛନ୍ତି ଏହି ୨୪ ଟିକିଆ ହାତୀପଲ । ସେହିପରି କାଦଡ଼ିହା ନିକଟ ଜଙ୍ଗଲରେ ୪ଟି ହାତୀ ଥିବା ବେଳେ ସାତକୋଶିଆ ରେଞ୍ଜ୍ ର ମହୁଲଡ଼ିହା ଜଙ୍ଗଲରେ ୧୭ ଟିକିଆ ହାତୀପଲ ରହିଥିବା ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି । ହାତୀପଲଙ୍କ ଯୋଗୁଁ କରଞ୍ଜିଆ, ଶୁକ୍ରୁଳି, ରରୁଆଁ, ଯଶୀପୁର ବ୍ଲକର ଶହେରୁ ଉର୍ଦ୍ଧ୍ୱ ଗ୍ରାମରେ ଭୟ ଓ ଆତଙ୍କର ବାତାବରଣ ଦେଖାଦେଇଛି ।

## ସାନ୍ତସାହି ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ

କେନ୍ଦ୍ରାପଡ଼ା, ୧୩/୧୨ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ ସାନ୍ତସାହି ଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ୪୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ହିମାଂଶୁ ଶେଖର ମହାନ୍ତି ଏହି ଉତ୍ସବକୁ ଶୁଭ ଉଦ୍‌ଘାଟନ କରିବା ସହ କ୍ରୀଡ଼ାରେ ଶୃଙ୍ଖଳା ଓ ସଂକଳ୍ପବଦ୍ଧତା ଓ ଉତ୍ସାହ ରହିବା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ସଂପାଦକ ହିମାଂଶୁ ଶେଖର ଦାଶ ମୁଖ୍ୟବକ୍ତା ଭାବେ ଗିରିଶ ଚନ୍ଦ୍ର କର, ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ରାଉତ ପ୍ରମୁଖ ଯୋଗ ଦେଇ କ୍ରୀଡ଼ା ଶିଶୁର ବିକାଶ ଓ ମାନ ବୃଦ୍ଧି ପାଇଁ ଶିଶୁମାନଙ୍କୁ ମୋବାଇଲ ପରିବର୍ତ୍ତେ କ୍ରୀଡା ପ୍ରତି ଆକୃଷ୍ଟ କରିବା ବୋଲି ମତ ରଖିଥିଲେ । ଏହି ଦୁଇଦିନ ଧରି ଚାଲିଥିଲା ଏହି କ୍ରୀଡ଼ା ଉତ୍ସବରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ୨୪ଟି କ୍ରୀଡା ପ୍ରଦର୍ଶନ କରାଯାଇ ଥିଲା । ଶେଷରେ ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ପ୍ରଧାନ ଆଚାର୍ଯ୍ୟ ଭିକାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସ୍କୁଲର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା ଓ କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ନାୟକ ର୍ପ୍ରମୁଖ ଓ ସହଯୋଗ କରିଥିଲେ ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୧୩/୧୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ତରଭା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରଓ୍ୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୪୯ ଗୋଟି ଓ ସାମୁହିକ ଦରଖାସ୍ତ ୦୬ ଗୋଟି ଗ୍ରହଣ କରାଯାଇଛି । ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ୧୭ ଗୋଟି ଅଭିଯୋଗ ଦରଖାସ୍ତ ର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୩୮ଟି ଆପତି ଅଭିଯୋଗ ଦରଖାସ୍ତ କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ, ତରଭବିନୟ କୁମାର ପଟେଲ ଙ୍କ ତତ୍ୱାବଧାନ ରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ - ନିହାର ରଞ୍ଜନ କହଁର, ଉପ ଜିଲ୍ଲାପାଳ, ସୋନପୁର ଡ଼ଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର ତରଭା ସୂର୍ଯ୍ୟ ମଣି ଭୋଇ, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

## ଚମ୍ପୁଆରେ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗଙ୍କ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ଚମ୍ପୁଆ, ୧୩/୧୨ (ନି.ପ୍ର): ଉପାନ୍ତ ଚମ୍ପୁଆ ଉପଖଣ୍ଡସ୍ଥ ବିଭିନ୍ନ ଅଂଚଳରେ ଆଜି ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକଙ୍କ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଏହି କାର୍ଯ୍ୟକ୍ରମ ଯୋଡ଼ା ବ୍ଲକ ଅନ୍ତର୍ଗତ କଣ୍ଡ୍ରା ଗ୍ରାମ ପଂଚାୟତ ଠାରେ ଦିବା ୧୦ ଘଟିକା ସମୟରେ ହୋଇଥିବାବେଳେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଜିଆ ପଂଚାୟତ କାର୍ଯ୍ୟାଳୟ ଠାରେ ଅପରାହ୍ନ ୩ ଘଟିକା ସମୟରେ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଏଥିରେ ଆୟୋଗ ପକ୍ଷରୁ ବ୍ଲକ ସ୍ତରୀୟ ନିର୍ଦ୍ଦିଷ୍ଟ ଅଧିକାରୀ ମାନଙ୍କୁ ଉପସ୍ଥିତ ରହିବାକୁ ସୂଚନା ପ୍ରଦାନ କରାଯାଇଥିଲା । ତେଣୁ ଅଧିକାରୀ ମାନେ ନିର୍ଦ୍ଦିଷ୍ଟ ସମୟସୀମା ଅନୁଯାୟୀ ଏକତ୍ରିତ ହୋଇ ଆୟୋଗ ସହିତ ଜନ ଶୁଣାଣି କରି ପାରୁ ପର୍ଯ୍ୟନ୍ତ ସମସ୍ତଙ୍କ ଦାବି ଶୁଣିଥିଲେ ଏବଂ ତାଙ୍କର ଅଧିକାର ତଥା ଦାବି ପୂର୍ତ୍ତି ନିମନ୍ତେ ପଦକ୍ଷେପ ନିଆଯାଇଥିଲା । ଉକ୍ତ ସଭାରେ ପଂଚାୟତର ବହୁ ଜନ ସାଧାରଣ ଆୟୋଗ ପାଖରେ ନିଜର ଦାବି ଉପସ୍ଥାପନା କରିବାକୁ ରୁଣ୍ଡିଭୁତ ହୋଇଥିବାବେଳେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ସାଧାରଣ ଜନତାଙ୍କ ଦାବିକୁ ଆୟୋଗ ପାଖରେ ତ୍ରୁଟିପୂର୍ଣ୍ଣ ଭାବେ ସହଜରେ ରଖିବାକୁ ସାହାଯ୍ୟ ତଥା ସହଯୋଗ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ, ଅଗୁ ଚରଣ ମହାନ୍ତ, ନୀଳମଣି ମହାନ୍ତ, ୨୮ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା, ରଜିଆ ସରପଂଚ ସନ୍ତୋଷ କୁମାର ନାଏକ, ଆଇନଜୀବି ରମେଶ ପ୍ରଧାନ, ସରୋଜ ପ୍ରଧାନ, ବଳରାମ ନାଏକ, ଜର୍ମାନୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଗ ଦ୍ୱାରା ଏପରି ବାରମ୍ବାର କାର୍ଯ୍ୟ କରାଯାଇ ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯାଉଥିବାରୁ ଜନ ସାଧାରଣ ତଥା ଜନତା ଭୁୟସୀ ପ୍ରଶଂସା କରିବା ସହିତ ଏପରି ଏକ ଆୟୋଗ ସାଧାରଣ ଗରିବଙ୍କୁ ଭେଟି ଦେଇଥିବାରୁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଶେଷ ଧନ୍ୟବାଦ ଦେଇଛନ୍ତି । ଆଜିର ଏହି ଜନ ଶୁଣାଣୀରେ କେନ୍ଦ୍ର ତଥା ରାଜ୍ୟର ବିଭିନ୍ନ ସରକାରୀ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ବିଧବା ଭତା, ବାର୍ଦ୍ଧକ୍ୟ ଭତା, ଜମି ପଟ୍ଟା ରୁ ବଂଚିତ ପରି ଅନେକ ଯୋଜନାରୁ ବଂଚିତ ହିତାଧିକାରୀ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା ।

## ପାଲା ଗାୟକ ପରିଷଦର ୨୫ ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୧୩/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପାଲା ଗାୟକ ପରିଷଦର ୨୫ ତମ ବାର୍ଷିକ ଉତ୍ସବ ଶ୍ୟାମସୁନ୍ଦରପୁର ଗଡା ଠାରେ ଅନୁଷ୍ଠିତ ହୋଇ ଯାଇଛି । ୨ ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଜିଲ୍ଲା ସଭାପତି ଗଗନ ବିହାରୀ ସିଂହ ଅଧ୍ୟକ୍ଷତା କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଓଡିଶାର ପ୍ରାଚୀନ ଲୋକ କଳା ସଂସ୍କୃତିକୁ ପାଲା ଦାସକାଠିଆ ପ୍ରଭୃତି ସମୃଦ୍ଧ କରିଥିବା ବକ୍ତବ୍ୟ ରଖିଥିଲେ । ଏହାସହ ଗ୍ରାମାଂଚଳରେ ସରକାରଙ୍କ ବହୁବିଦ୍ଧ ଲୋକ ହିତକର କାର୍ଯ୍ୟକୁ ପାଲା ମାଧ୍ୟମରେ ପ୍ରଚାର କରିବା ଓ ଜନ ସାଧାରଣଙ୍କୁ ସଚେତନ କରାଇବାରେ ପାଲା କଳାକାର ମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୂମିକା ରହିଥିଲେ ମଧ୍ୟ ସରକାର ଏମାନଙ୍କର ନ୍ୟାର୍ଯ୍ୟ ଦାବିପ୍ରତି ଅଣଦେଖା କରୁଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ କରିଲୋପାଟଣା କଲେଜର ପ୍ରାକ୍ତନ ଅଧକ୍ଷ ତଥା ବିଶୀଷ୍ଟ ସାହିତ୍ୟିକ କବି ସର୍ବେଶ୍ୱର ସେଣ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ଓଡିଆ ସାହିତ୍ୟରେ ପାଲା ସଂସ୍କୃତିର ଅବଦାନ ସଂପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ପାର୍ବତୀ ନାୟକ, କବି ରାମଚନ୍ଦ୍ର ଦାସ, ସାମ୍ବାଦିକ ଆଶିଷ ସେନାପତି, ତବଲା ବାଦକ ସମୀର ରଞ୍ଜନ ଦାସ, କବି କରୁଣାକର ଦାସ, ଗାୟକ ପର୍ଶୁରାମ ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବକ୍ତାମାନେ ପାଲା କଳାକାରମାନଙ୍କ ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର ଦୃଢ ପଦକ୍ଷେପ ନେବାକୁ ଦାବି କରିଥିଲେ । ଆୟୋଜିତ ଏହି ସମ୍ମିଳନୀରେ ସଂପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ସହ ସଂପାଦକ କ୍ଷିରୋଦ କୁମାର ନାଥ, ଅବୟ କୁମାର ଶତପଥୀ , ବିଭୁ ପ୍ରସାଦ ତ୍ରିପାଠୀ, ପ୍ରଫୁଲ ଦାସ, ନିରଞ୍ଜନ ନାୟକ, ଉଷା ନାୟକ, ଲକ୍ଷ୍ମୀପ୍ରିୟା ଧଳ ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ରାଜକନିକା ଓ ରାଜନଗର ର କଳାକାର ମାନେ ପାଲା ପରିବେଷଣ କରିଥିଲେ ।

## ସିଲାବସ୍ ବାହାରୁ ପ୍ରଶ୍ନପତ୍ର ଆସିଥିବା ଅଭିଯୋଗରେ ଧାରଣାରେ ବସିଲେ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ

କେନ୍ଦୁଝର, ୧୩/୧୨ (ନି.ପ୍ର): ସିଲାବସ ବାହାରୁ ପ୍ରଶ୍ନପତ୍ର ଆସିଥିବା ଅଭିଯୋଗ ଆଣି କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଆଜି ଧାରଣରେ ବସିଛନ୍ତି । ସିଲାବସ ବାହାରୁ ପ୍ରଶ୍ନ ଆସିଥିବା କାରଣରୁ ପ୍ରାୟ ୯୫ ପ୍ରତିଶତଚ ଛାତ୍ରୀ ଫେଲ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି । ଛାତ୍ରୀ ମାନଙ୍କର କହିବାନୁଶାରେ ପରୀକ୍ଷା ପାଇଁ ସେମାନେ ସିଲାବସନୁଶାରେ ପ୍ରସ୍ତୁତ ହୋଇଥିଲେ । କିନ୍ତୁ ପରୀକ୍ଷାରେ ଦେଖିଲା ବେଳକୁ ପ୍ରଶ୍ନ ସବୁ ସିଲାବସ ବାହାରୁ ଆସିଥିଲା । ଫଳରେ ସେମାନେ ସେ ସବୁର ଉତର ଲେଖିପାରି ନଥିଲେ । ଯେଉଁଥିପାଇଁ ପ୍ରାୟ ୯୫ ପ୍ରତିଶତ ଛାତ୍ରୀଙ୍କୁ ଫେଲର ମୁହଁ ଦେଖିବାକୁ ପଡିଛ ବୋଲି ମହାବିଦ୍ୟାଳୟର ତୃତୀୟ ବର୍ଷ ଛାତ୍ରୀମାନେ କହିଛନ୍ତି । ଏବଂ ଏଭଳି ଘଟଣାକୁ ସେମାନେ ସହଜରେ ହଜମ କରିପାରି ନାହାଁନ୍ତି । ଯେଉଁଥିପାଇଁ ଛାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିଲା । ପ୍ରଥମ ଅବସ୍ଥାରେ ଶତାଧିକ ଛାତ୍ର ଛାତ୍ରୀ ନରଣପୁର କେନ୍ଦୁଝର ରାସ୍ତା ଅବରୋଧ କରି ଧାରମାରେ ବସିଥିଲେ । ପରବର୍ତ୍ତୀ ଅବସ୍ଥାରେ କଲେଜର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ । ଛାଥ ଛାତ୍ରୀ ମାନଙ୍କର କହିବା କଥା ହେଲା ଯେ ଯୁକ୍ତ ତିନ ତୃତୀୟ ବର୍ଷ ଥାର୍ଡ ସେମାଷ୍ଟାର କଳା , ବିଜ୍ଞାନ , ଓ ବାଣିଜ୍ୟରେ ମୋଟ ତିନି ଶହରୁ ଉର୍ଦ୍ଧ ଛାତ୍ରୀ କମ୍ୟୁନିକେଟିଭ ଇଂରାଜୀ ପରୀକ୍ଷା ଦେଇଥିଲେ । କିନ୍ତୁ ସିଲାବସ ବାହାରୁ ଉତର ଆସିଥିବାରୁ ପ୍ରଶ୍ନର ଉତର ଲେଖିପାରି ନଥିଲେ । ସେମାନେ ତୁରନ୍ତ ପରୀକ୍ଷା ହଲରେ ଏହା ଉପରେ ପ୍ରଶ୍ନ ଉଠାଇ ପ୍ରତିବାଦ ମଧ୍ୟ କରିଥିଲେ । ଇତି ମଧ୍ୟରେ ଶୁକ୍ରବାର ଦିନ ଫଳ ପ୍ରକାଶ ପାଇବା ପରେ ଏହି କାରଣରୁ ପ୍ରାୟ ୯୫ ପ୍ରତିଶତ ଛାତ୍ରୀ କୃତକାର୍ଯ୍ୟ ହୋଇ ପାରି ନଥିବା ଜଣାପଡିଥିଲା । ଏବଂ ଛାତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦାନ ବାନ୍ଧିଥିଲା । ଏହି ସମସ୍ୟାର ସମାଧାନ କରିବା ଲାଗି ଛାତ୍ରୀ ମାନଙ୍କ ପକ୍ଷରୁ ଶନିବାର ଦିନ କଲେଜର ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ । ସୋମବାର ଦିନ ଏହି ସମସ୍ୟାର ସମାଧାନ କରାଯିବା ବୋଲି କହିଥିଲେ ।

## ମଶା ପାଇଁ ମଶାରୀଘୋଡ଼ି ହୋଇ ଧାରଣା ଦେଲେ ଆପ୍‌କର୍ମୀ

ପୁରୀ, ୧୩/୧୨ (ନି.ପ୍ର): ପୁରୀ ସହରରେ ରେ ମଶା ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ପୁରୀ ପୌରପାଳିକା ଏଥିପ୍ରତି ଧ୍ୟାନ ଦେଉନାହିଁ କି କୌଣସି ପ୍ରତିକାର କରୁନାହିଁ । ତେଣୁ ଆଜି ଅପରାହ୍ନ ୪ଟା ରେ ପୁରୀ ପୌରପାଳିକା ଅଫିସ ସମ୍ମୁଖରେ ଆପ୍ ତରଫରୁ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରାଯାଇଛି । ଆପ୍ ର ସଦସ୍ୟ ମଶାରୀ ଘୋଡ଼ି ହେଇ ପୌରପାଳିକା ଅଫିସ ସମ୍ମୁଖରେ ଏକ ଅଭିନବ ପ୍ରୟାସ ରେ ପ୍ରତିବାଦ କରିଛନ୍ତି । ପୁରୀ ପୌରପାଳିକା ପୁରୀ ସହର ସଫା ସୁତୁରା ରଖିବାରେ ବିଫଳ ହେଇଥିବାରୁ ମଶା ସଂଖ୍ୟା ବଢୁଛି ଏବଂ ମଶା କମ୍ କରିବାକୁ କୌଣସି ପଦକ୍ଷେପ ପୌରପାଳିକା ନେଉନାହାନ୍ତି ବୋଲି ଜିଲ୍ଲା ସମ୍ପାଦକ ସତ୍ୟଜିତ ମହାନ୍ତି କହିଛନ୍ତି । ସେହିଭଳି ପୁରୀ ପୌରପାଳିକା ସ୍ୱଚ୍ଛତା ପାଇଁ ପୁରସ୍କାର ପାଇଥିଲେ ମଧ୍ୟ ଏହା କେବଳ କାଗଜ କଲମରେ ସିମୀତ ବୋଲି ଜିଲ୍ଲା ଆବାହକ ସଞ୍ଜୀବ ମହାନ୍ତି କହିଛନ୍ତି । ପୁରୀ ସହରରେ ଅନେକ ନାଳ ଖୋଲା ମୁକୁଳା ପଡ଼ିଥିବା ବେଳେ ପୌରପାଳିକା ବର୍ଷକୁ ଥରେ ରଥଯାତ୍ରା ସମୟରେ ନାଳ ସଫା କରି ନିଜ ଦାୟିତ୍ୱ ରୁ ଓହରି ଯାଉଛି ବୋଲି ଆପ୍ ସଦସ୍ୟ ଅଭିଯୋଗ କରିଛନ୍ତି । ଆଗକୁ ଯଦି ପୁରୀ ର ମଶା ସମସ୍ୟାକୁ ଦୂର କରିବା ପାଇଁ ପୁରୀ ପୌରପାଳିକା ଉଚିତ୍ ପଦକ୍ଷେପ ନ ନିଏ ତେବେ ଆଜି ଯୋଉ ପ୍ରତିବାଦ ପୌରପାଳିକା ସମ୍ମୁଖରେ ହେଉଛି ତାହା ଅଫିସର୍ ଙ୍କ ଅଫିସ୍ ସମ୍ମୁଖରେ କରିବେ ବୋଲି ଆପ୍ ସଦସ୍ୟ ଚେତେଇ ଦେଇଛନ୍ତି । ସେପଟେ ପୌରପାଳିକା ନିର୍ବାଚନ ହୋଇନଥିବାରୁ ସରକାରୀ ଅଫିସର ମାନେ ମନମୁଖୀ କାର୍ଯ୍ୟ ସହ ଦୁର୍ନୀତି ର ଗନ୍ଧ ଆସୁଛି ବୋଲି ଜିଲ୍ଲା ସୋସିଆଲ ମିଡ଼ିଆ ଅଧକ୍ଷ ସମୀର ସାମନ୍ତରାୟ କହିଛନ୍ତି ।

ଏହି କାର୍ଯ୍ୟକ୍ରମ ଜିଲ୍ଲା ଆବାହକ ସଞ୍ଜୀବ ମହାନ୍ତି ଙ୍କ ନେତୃତ୍ୱରେ ଜିଲ୍ଲା ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲ୍ଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଆପ୍ ପୌରପାଳିକା ସଭାପତି ଅନିଲ କୁମାର ସେନାପତି, ଆପ୍ ପୌରପାଳିକା ଯୁବ ସଭାପତି ରାକେଶ ନନ୍ଦ , ପୁରୀ ପୌରପାଳିକା ଜୋନ ସଭାନେତ୍ରୀ ଜୟନ୍ତୀ ଜେନା , ପାର୍ବତୀ ପ୍ରଧାନ, ରୋଜାଲିନ ଜେନା ,ସମୀନା ସ୍ୱାଇଁ , ଶିଶିର ପାଢ଼ୀ , ସୁଧାଂଶୁ ଶେଖର , ସମୀର ସାମନ୍ତରାୟ, ଜନ୍ମଜୟ ପ୍ରଧାନ ,ବିରଜା ପ୍ରସାଦ ନାଥ ଏବଂ ରଶ୍ମି ରଞ୍ଜନ ରାଉତରାୟ ଆଦି ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।

# ପିଲାଙ୍କୁ ମଧୁମେହ

ଦିନ ଥିଲା, ବୟସ୍କ ବ୍ୟକ୍ତିମାନଙ୍କୁ ହିଁ ଡାଇବେଟିଜ ବା ମଧୁମେହ ରୋଗ ହେଉଥିଲା । ମାତ୍ର ବର୍ତ୍ତମାନର ଖାଦ୍ୟାଖ୍ୟାସ ଯୋଗୁ ପିଲାଏ ମଧ ଏହି ଘାତକ ରୋଗରେ ପଡୁଛନ୍ତି । ପିଲାଙ୍କ ଖାଦ୍ୟ, ପାନୀୟ ପ୍ରତି ବାପା, ମା' ସଚେତନ ହେଲେ ପିଲାଙ୍କୁ ଏହି ରୋଗ କବଳରୁ ସୁରକ୍ଷିତ ରଖାଯାଇପାରିବ । ଅନିୟମିତ ଜୀବନଶୈଳୀ, ଶାରୀରିକ ପରିଶ୍ରମ ଦିନକୁ ଦିନ କମିଯିବା ଦ୍ୱାରା ବର୍ତ୍ତମାନ ଅଧିକାଂଶ ଲୋକ ମଧୁମେହ ବା ଡାଇବିଟିଜରେ ପୀଡ଼ିତ ହେୁଥିବା ଦେଖିବାକୁ ମିଳୁଛି । ଏହି ରୋଗୀଙ୍କ ସଂଖ୍ୟା ଏଭଳି ଭାବରେ ବଢ଼ିଚାଲିଛି ଯେ, ଭାରତକୁ ମଧୁମେହର ରାଜଧାନୀ ବୋଲି ବି କୁହାଗଲାଣି । କିଛି ବର୍ଷ ତଳେ କେବଳ ବୟସ୍କ ବ୍ୟକ୍ତିମାନେ ଡାଇବେଟିଜ୍ ବା ମଧୁମେହ ଭୋଗୁଥିଲେ । ସାଧାରଣତଃ ୪୫ ବର୍ଷରୁ ଅଧିକ ବୟସର ଲୋକମାନଙ୍କୁ ମଧୁମେହ ହେୁଥିବା ଶୁଣାଯାଉଥିଲା । ମାତ୍ର ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ସଚେତନତାର ଅଭାବ, ଖାଦ୍ୟପେୟରେ ସତର୍କତା, ସାବଧାନତା ଅବଲମ୍ବନ କରାଯାଉନଥିବାରୁ ବର୍ତ୍ତମାନ ପିଲାମାନେ ମଧ ମଧୁମେହରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି । ତେବେ ବାପା, ମା' ଟିକିଏ ସାବଧାନତା ଅବଲମ୍ବନ କଲେ ବା ସଚେତନ ହେଲେ ପିଲାଏ ଏହି ଘାତକ ରୋଗରେ ପଡ଼ିବେ ନାହିଁ । ବାପା, ମା' ମାନେ ପିଲାଙ୍କ ଖାଦ୍ୟ, ପାନୀୟ ଅଭ୍ୟାସରେ ପରିବର୍ତ୍ତନ ଆଣି ଏହି ରୋଗରୁ ନିଜ ପିଲାଙ୍କୁ ଦୂରରେ ରଖିପାରିବେ । ଏଭଳି ବହୁତ ଖାଦ୍ୟ ପଦାର୍ଥ ଅଛି, ଯାହା ମଧୁମେହର କାରଣ ପାଲଟିଥାଏ । ଏଭଳି ଖାଦ୍ୟ ଅଧିକ ପରିମାଣରେ ଓ ଅଧିକ ଦିନ ଧରି ଖାଇବା ଦ୍ୱାରା ମଧୁମେହ ହେବାର ଆଶଙ୍କା ଦେଖାଦେଇଥାଏ । ସେହିଭଳି କିଛି ଖାଦ୍ୟ ସମ୍ପର୍କରେ ଏଠାରେ ଆଲୋଚନା କରିବା ।



### ଫାଷ୍ଟଫୁଡ୍

ସାଧାରଣତଃ ପିଲାମାନେ ଫାଷ୍ଟଫୁଡ୍ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି । ଏକ ସର୍ଭେରୁ ଜଣାପଡ଼ିଛି ଯେ, ପିଲାମାନେ ସପ୍ତାହରେ ଦୁଇ ବା ତା' ଠାରୁ ଅଧିକ ଥର ଫାଷ୍ଟ ଫୁଡ୍ ଖାଇବାକୁ ମନ ବଳାଇଥାନ୍ତି ଓ ବାପା, ମା'ଙ୍କ ନିକଟରେ ଜିଦ୍ କରିଥାନ୍ତି । ବାପା, ମା' ମାନେ ମଧ ପିଲାଙ୍କ ଜିଦ୍ ଆଗରେ ହାରମାନି ପିଲାଙ୍କୁ ଫାଷ୍ଟ ଫୁଡ ଖୁଆଇଥାନ୍ତି । ଏଭଳି ପରିସ୍ଥିତିରେ ପିଲାଙ୍କ ଶରୀରେ ଫାଷ୍ଟ ଫୁଡ୍ ଜରିଆରେ ଯେଉଁ ଅତିରିକ୍ତ କ୍ୟାଲୋରୀ ପହଞ୍ଚେ, ତାହା ସେମାନଙ୍କ ଶାରୀରିକ ଗତିବିଧି ଦ୍ୱାରା ପୂରାପୂରି ଖର୍ଚ୍ଚ ହୁଏ ନାହିଁ । ଫଳରେ




ପିଲାମାନେ ମୋଟା ହୋଇଯାଆନ୍ତି । ମୋଟାପଣ କାରଣରୁ ପିଲାମାନେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି । ଏଭଳି କ୍ଷେତ୍ରରେ ମଧୁମେହ ଭଳି ରୋଗ ହେବାର ଆଶଙ୍କା ବଢ଼ିଯାଇଥାଏ ।



### ଚକୋଲେଟ୍, କ୍ୟାଣ୍ଡି ଓ କୁକିଜ୍

ମଧୁମେହରେ ପୀଡ଼ିତ ପିଲା, ବଡ଼ ସମସ୍ତଙ୍କୁ ଚିନି ଓ ଚିନିରୁ ତିଆରି ଖାଦ୍ୟ ପଦାର୍ଥ ଖାଇବାକୁ ବାରଣ କରାଯାଇଥାଏ । ଚିନି ଅଧିକ ବ୍ୟବହାର ହୋଇଥିବା ଚିଜ ଯେମିତିକି ଚକୋଲେଟ୍, କ୍ୟାଣ୍ଡି ଓ କୁକିଜରେ ପୋଷକତତ୍ତ୍ୱ ନଥାଏ । ଏସବୁ ଜିନିଷରେ କାର୍ବୋହାଇଡ୍ରେଟର ମାତ୍ରା ମଧ କମ ଥାଏ । ଫଳରେ ଏହା ରକ୍ତ ଶର୍କରା ବଢ଼ାଇଥାଏ । ଏହା ବ୍ୟତୀତ ଚିନି ଖାଇବା ଦ୍ୱାରା ମୋଟାପଣ ବଢ଼ିଥାଏ, ଯାହା ଡାଇବିଟିଜ ପାଇଁ ବିପଜ୍ଜକ ସାବ୍ୟସ୍ତ ହୋଇଥାଏ ।

### ମୃଦୁପାନୀୟ

ପିଲାମାନେ ବଜାରରେ ମିଳୁଥିବା ବିଭିନ୍ନ ସଫ୍ଟଡ୍ରିଙ୍କ ବା ମୃଦୁପାନୀୟ ପିଇବାକୁ ପସନ୍ଦ କରିଥାନ୍ତି । ବାପା, ମା' ଅଭିଭାବକମାନେ ଯେତେ ମନା କଲେ ହେଁ ପିଲାଏ ବେଧଡ଼କ ମୃଦୁପାନୀୟ ପିଇବାରେ ଲାଗିଥାନ୍ତି । ଏହି ସବୁ ମୃଦୁପାନୀୟରେ ସୁଗାରର ମାତ୍ରା ବହୁତ ଅଧିକ ଥାଏ, ଏହି କାରଣରୁ ଏସବୁ ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବଢ଼ିଯାଏ । ଏଭଳି ସଫ୍ଟଡ୍ରିଙ୍କରେ କ୍ୟାଲୋରିର ମାତ୍ରା ମଧ ବହୁତ ଅଧିକ ଥାଏ, ଯାହା ଡାଇବିଟିଜ୍ ହେବାରେ ଅଧିକ ସହାୟତା କରିଥାଏ ।



## ଶଙ୍ଖସାରୁ



ମାର୍ଚ୍ଚ ମାସରେ ଶଙ୍ଖସାରୁ ଲଗାନ୍ତୁ, ଅଧିକ ଅମଳ ମିଳିବ । ମୁଣ୍ଡାଗୁଡ଼ିକରୁ ଦୁଇରୁ ତିନିଟି ଗଜା ଥିବା ପଚାଶ ଗ୍ରାମ ଓଜନର ଖଣ୍ଡ କାଟି ବିହନ ଭାବେ ବ୍ୟବହାର କରନ୍ତୁ । ଏକ ଏକର ଫସଲ ପାଇଁ ଆଠରୁ ଦଶ କୁଇଣ୍ଟାଲ ବିହନ ଦରକାର । ହୃଷ୍ଟ ପୃଷ୍ଟ ରୋଗ ନିରୋଧକ ଶକ୍ତି ଥିବା ଶଙ୍ଖସାରୁ କିସମ ଲଗାନ୍ତୁ । ଏକ କିଗ୍ରା ସାରୁ ବିହନକୁ ଦୁଇଗ୍ରାମ ରିଡୋମିଲ କବକ ନାଶକ ଔଷଧରେ ବିଶୋଧନ କରନ୍ତୁ । ଜମିର ପ୍ରକାର ଅନୁସାରେ ଦୁଇରୁ ତିନି ଓଡ଼ ଚାଷ ପରେ ମାଟିକୁ ଭଲଭାବେ ଗୁଣ୍ଡ କରି ସମତୁଲ କରନ୍ତୁ । ଚାଷ ଓଡ଼ଚାଷ ପୂର୍ବରୁ ଏକର ପ୍ରତି ଚାରି ଟନ୍ ଗୋବର ଖତ ମାଟି ସହିତ ଭଲଭାବେ ମିଶାନ୍ତୁ । ଦୁଇଫୁଟ ବ୍ୟବଧାନରେ ନାଳି କାଟି ଗଛକୁ ଗଛ ଦେଢ଼ଫୁଟ୍ ବ୍ୟବଧାନରେ ଲଗାନ୍ତୁ । ପଟାସ୍ ସାରକୁ ମାଟି ସହିତ ଭଲଭାବେ ମିଶାନ୍ତୁ । ଗଜା ବାହାରିବାର ଏକ ସପ୍ତାହ ପରେ। ଏକର ପ୍ରତି ଆଠ କିଗ୍ରା ଯବକ୍ଷାରଜାନ ଓ ଆଠ କିଗ୍ରା ପଟାସ୍ ସାର ଧାଡ଼ିର ଦୁଇପାଖରେ ଦେଇ ମାଟି ଟେକି ଦିଅନ୍ତୁ ।

# କେଶକୁ ଘନ ଏବଂ ମଜବୁତ୍ କରେ ନିମ୍ବ

ନିମ୍ବରେ ଅନେକ ଔଷଧିୟ ଗୁଣ ରହିଥାଏ । ଏହା ସ୍ୱାସ୍ଥ୍ୟ ପାଇଁ ଯେତିକି ଉପକାରୀ ଚର୍ମ ପାଇଁ ମଧ ବରଦାନ ସଦୃଶ । ଏହାକୁ ଆମ ତ୍ୱଚାରେ ଅନେକ ଉପାୟରେ ବ୍ୟବହାର କରାଯାଏ । କ'ଣ ଆପଣ ଜାଣିଛନ୍ତି କି, ନିମ୍ବ ଆମ କେଶ ପାଇଁ ବହୁତ ଫାଇଦା ଦେଇଥାଏ । ଯଦି ଆପଣ କେଶକୁ ସୁନ୍ଦର ଏବଂ ଘନ କରିବାକୁ ଚାହୁଁଛନ୍ତି, ତାହାଲେ ବାହାରେ ମିଳୁଥିବା ବିଭିନ୍ନ ପ୍ରକାର ତେଲ ଏବଂ ସାମ୍ପୂ ବ୍ୟବହାର ନ କରି ଘରୋଇ ଉପାୟରେ ଏହି ପ୍ରାକୃତିକ ଜିନିଷ ବ୍ୟବହାର କରନ୍ତୁ ।



♦ ନିମ୍ବ କେଶକୁ ଝଡ଼ିବାକୁ ଦିଏ ନାହିଁ । ଘନ କରିଥାଏ । କେବଳ ଏତିକି ନୁହେଁ ଏହା କେଶରେ ରୂପି ସମସ୍ୟା ମଧ ଦୂର କରିଥାଏ ।

♦ ତାହାଲେ ଆସନ୍ତୁ ଜାଣିବା ଏହାକୁ ଆପଣ କିପରି ବ୍ୟବହାର କରି ସୁଫଳ ପାଇ ପାରିବେ ।

♦ ଆପଣ କିଛି ତାଜା ନିମ୍ବ ପତ୍ର ଆଣି ଭଲରେ ଧୋଇ ଦିଅନ୍ତୁ । ଏହା ପରେ ଏହି ପତ୍ରକୁ ଭଲରେ ଗ୍ରାଇଣ୍ଡ କରି ଦିଅନ୍ତୁ । ଏହାକୁ ଏବେ କେଶରେ ଲଗାଇ ୧୦ରୁ ୧୫ ମିନିଟ୍ ? ପର୍ଯ୍ୟନ୍ତ ରଖନ୍ତୁ । ଆଉ ପରେ ପାଣିରେ ଧୋଇ ଦିଅନ୍ତୁ । ଏହା କେଶକୁ ମଜବୁତ୍ କରିବା ସହ ପ୍ରାକୃତିକ କଣ୍ଡିସନର ଭଳି କାମ ଦେବ ।

♦ ଯଦି କେଶ ଶୁଷ୍କ ହୋଇଯାଇଛି ତାହାଲେ ତାଜା ନିମ୍ବ ପତ୍ର ଆଣି ଖରାରେ ଶୁଖାଇ ଦିଅନ୍ତୁ । ପତ୍ର ଶୁଖିଗଲା ପରେ ଗ୍ରାଇଣ୍ଡ କରି ଦିଅନ୍ତୁ । ଏହା ପରେ ଆପଣ ନିମ୍ବ ପତ୍ର ଗୁଣ୍ଡକୁ ମହୁରେ ମିଶାଇ କେଶରେ ଲଗାନ୍ତୁ । ଏବଂ କିଛି ସମୟ ପରେ କେଶ ଧୋଇ ଦିଅନ୍ତୁ । ତେଲରେ ମିଶାଇ ମଧ ଆପଣ ଏହାକୁ ଲଗାଇ ପାରିବେ ।

♦ ଏହା କଲେ କେଶ ମଜବୁତ୍ ହେବ । ଏହା କେଶକୁ ସୁନ୍ଦର ଏବଂ ଘନ ମଧ କରିଥାଏ । ଏହା ସହ ଆପଣଙ୍କ କେଶରେ କୌଣସି ସମସ୍ୟା ହେବାକୁ ଦେବ ନାହିଁ ।

## ପନୀର୍ ପତ୍ରପୋଡ଼ା



**ଆବଶ୍ୟକ ସାମଗ୍ରୀ:** ପନିର, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ଅଦାରସୁଣ ପେଷ୍ଟ, ଟମାଟୋ ପେଷ୍ଟ, ସୋରିଷ ବଟା, କଞ୍ଚା ଲଙ୍କା ଓ ରିଫାଇନ ତେଲ, ଶାଳ ପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିରକୁ ଛୋଟ ଛୋଟ କାଟି ରଖନ୍ତୁ । କଟା ପନିରରେ ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ଅଦାରସୁଣ ପେଷ୍ଟ, ଟମାଟୋ ପେଷ୍ଟ, ସୋରିଷ ବଟା, କଞ୍ଚା ଲଙ୍କା ଓ ରିଫାଇନ ତେଲ, ଲୁଣ ପକାଇ ଗୋଳାଇ ଦିଅନ୍ତୁ । ଶାଳପତ୍ରରେ ସୋରିଷ ମସଲା ଗୋଳା ପନିର ରଖି ଗୁଡ଼ାଇ ବାନ୍ଧି ଦିଅନ୍ତୁ । ଏହାପରେ ନିଆଁ ଅଙ୍ଗାରରେ ପନିର ମସଲା ଗୁଡ଼ା ପତ୍ରକୁ ରଖି ତା' ଉପରେ ଆଉ କିଛି ନିଆଁ ଅଙ୍ଗାର ରଖନ୍ତୁ । ୧୫ରୁ ୨୦ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ପନିର ପତ୍ରପୋଡ଼ା ।

# ସକାଳ ଜଳଖିଆରେ ଖାଆନ୍ତୁ ଦହି ଓ ଚିନି

ଭଲ କାମରେ ବାହାରକୁ ଗଲେ ଦହି ଓ ଚିନି ଖାଇବା ଶୁଭ ବୋଲି କୁହାଯାଏ । ସେହିପରି ଦହିରେ ଚିନି ମିଶାଇ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଫାଇଦା ମିଳେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହନ୍ତି । ଦହିକୁ ସୁପରଫୁଡ୍ ବୋଲି ମଧ କୁହାଯାଇଥାଏ । ଏଥିରେ କ୍ୟାଲସିୟମ୍, ଭିଟାମିନ୍ ବି୨, ଭିଟାମିନ୍ ବି ୧୨, ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ଭଳି ଭିଟାମିନ୍ ରହିଛି । ଗରମ ଦିନରେ ଦହିରେ ଚିନି ମିଶାଇ ଖାଇ ବାହାରକୁ ବାହାରିଲେ ଶରୀରକୁ ଆବଶ୍ୟକ ମାତ୍ରାର ଗ୍ଲୁକୋଜ ମିଳିଥାଏ ଓ ଏନର୍ଜି ଉତ୍ପନ୍ନ ହୋଇଥାଏ । ତା'ହେଲେ ଆସନ୍ତୁ ଜାଣିବା ସକାଳ ଜଳଖିଆରେ ଦହି ଓ ଚିନି ଖାଇଲେ କ'ଣ ସବୁ ଫାଇଦା ମିଳିଥାଏ ।



■ ଦହି ପାଚନ କ୍ରିୟାକୁ ମଜବୁତ୍ କରିଥାଏ । ତେଣୁ ଏହାକୁ ଖାଇଲେ ଶରୀରରେ ଭଲ ବ୍ୟାକ୍ଟେରିଆ ସୃଷ୍ଟି ହେବା ସହ ଇମ୍ୟୁନିଟି ପାୱାର ବଢ଼ିଥାଏ ।

■ ସକାଳ ଜଳଖିଆରେ ଦହି, ଚିନି ଖାଇଲେ ପେଟ ଥଣ୍ଡା ରହିଥାଏ । ଆୟୁର୍ବେଦ ଅନୁସାରେ ସକାଳେ ଦହି, ଚିନି ଖାଇଲେ ପିତ୍ତ ଦୋଷ କମ୍ ହୋଇଥାଏ ।

■ ଦହି, ଚିନି ଖାଇଲେ ସାଇଷ୍ଟିସିସ୍ ଓ ୟୁଟିଆଇ ପରି ଶାରୀରିକ ସମସ୍ୟା ଦୂର ହୋଇଥାଏ । ଦହି ମୂତ୍ରାଶୟକୁ ଥଣ୍ଡା ରଖିଥାଏ । ଯେଉଁମାନେ କମ୍ ପାଣି ପିଉଛନ୍ତି, ସେମାନେ ଦହି ନିଶ୍ଚିନ୍ତ ଖାଆନ୍ତୁ । ଏଥିରେ ଥିବା ଭିଟାମିନ୍ ସି, ଫୋଲେଟ୍, ଭିଟାମିନ୍ ବି, ଭିଟାମିନ୍ ଏ, ଭିଟାମିନ୍ ଇ, ଭିଟାମିନ୍ ବି ୧୨, କୋରେଟିନାଇଡ୍ ଓ ପାଇରିଡୋକ୍ସିନ୍ ଭିଟାମିନ୍ ଆପଣଙ୍କୁ ଫିଟ୍ ରଖିଥାଏ ।

■ ଦହି ଓ ଚିନିରୁ ମିଳୁଥିବା ଗ୍ଲୁକୋଜ୍ ଆପଣଙ୍କ ଶରୀର ଓ ମସ୍ତିଷ୍କକୁ ଖୁବ୍‌ଶୀଘ୍ର ଶକ୍ତି ପ୍ରଦାନ କରିଥାଏ । ତେଣୁ ଦହି ଓ ଚିନି ଖାଇ ଘରୁ ବାହାରିଲେ ଆପଣ ଦିନସାରା ସୁସ୍ଥ ଅନୁଭବ କରିବେ ।

## ଅଧିକ ଚିନି ବଢ଼ାଏ କର୍କଟ ଆଶଙ୍କା !



ଖାଦ୍ୟରେ ଅଧିକ ଚିନି ଖାଇବା ଦ୍ୱାରା କେବଳ ମଧୁମେହ କିମ୍ବା ମେଦ ବହୁଳତାର ଶିକାର ହେବାକୁ ପଡ଼େ ନାହିଁ, ବରଂ ସ୍ତନ ଓ ଫୁସଫୁସ୍ କର୍କଟ ଆଶଙ୍କା ବଢ଼ିବା ଏକ ନୂତନ ଅଧ୍ୟୟନରୁ ପ୍ରକାଶ । ଟେକ୍ସାସ ବି୍‌ବବିଦ୍ୟାଳୟର ଏମଡି ଅଣ୍ଡରସନ କ୍ୟାନସର ରିସର୍ଚ୍ଚ ସେଣ୍ଟର ଗବେଷକମାନେ ମୂଷାମାନଙ୍କ ଶରୀରରେ ପରୀକ୍ଷା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଚାରିଟି ବର୍ଗରେ ବିଭାଜିତ କିଛି ମାଈ ମୂଷାଙ୍କୁ ଚିନି ଏବଂ ଚିନି ମିଶ୍ରିତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା । ତିରିଶ ପ୍ରତିଶତ ମୂଷାଙ୍କର ଖିର ଉତ୍ପନ୍ନକାରୀ ଗ୍ରନ୍ଥିରେ କର୍କଟାକ୍ରାନ୍ତ ଛୋଟ ଆବଚୁ ସୃଷ୍ଟି ହୋଇଥିବା ପରୀକ୍ଷାରୁ ଜଣାପଡ଼ିଥିଲା । ମିଠାଜାତୀୟ ପାନୀୟ ମଧ୍ୟ କ୍ଷତିକାରକ । ଏହା ହୃଦରୋଗ, ପୃଥୁଳତା ଏବଂ କର୍କଟ ସୃଷ୍ଟିର କାରଣ ବୋଲି ପୂର୍ବରୁ ପରୀକ୍ଷିତ ।

# ପ୍ରତିଦିନ ଖାଆନ୍ତୁ ପୋଇ

ପୋଇ ଖାଇବା ଶରୀର ପାଇଁ ଲାଭଦାୟକ ହୋଇଥାଏ । ଏହାକୁ ଲୋକମାନେ ସାଲାଡ୍, ତରକାରୀ ବା ସୁପ୍ କରି ପିଇବାକୁ ପସନ୍ଦ କରିଥାନ୍ତି । ଭିଟାମିନ୍, କ୍ୟାଲୋରୀ, ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଫ୍ୟାଟ୍, ଫାଇବର ଏବଂ ଆଇରନରେ ଭରପୂର ଥିବା ପୋଇ ଶରୀରର ଅନେକ ସମସ୍ୟାକୁ ଦୂର କରିଥାଏ । ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୋଇଥାଏ । ଏବେ ଆସନ୍ତୁ ଜାଣିବା ଏଥିରୁ ଶରୀରକୁ ମିଳୁଥିବା ଅନେକ ଫାଇଦା ବିଷୟରେ..



୧.କିଛି ଲୋକ ପୋଇକୁ କେବଳ ଶରୀରରେ ହେମୋଗ୍ଲୋବିନ୍ ବଢ଼ାଇବା ପାଇଁ ବ୍ୟବହାର କରାଯାଏ ବୋଲି ଭାବିଥାନ୍ତି । କିନ୍ତୁ ଏଥିରେ ଅନେକ ପ୍ରକାରର ଉପକାରୀ ଗୁଣ ରହିଛି । ଏହା ହେମୋଗ୍ଲୋବିନ୍ ବଢ଼ାଇବା ସହ ହୃଦୟକୁ ମଧ ସୁସ୍ଥ ରଖିଥାଏ । ପୋଇ ଆନେମିଆ ରୋଗୀଙ୍କ ପାଇଁ ଔଷଧଠାରୁ ଅଧିକ ଲାଭଦାୟକ ହୋଇଥାଏ ।

୨.ପୋଇ ଶରୀର ସହ କେଶ ପାଇଁ ଲାଭଦାୟକ ହୋଇଥାଏ । ଯେଉଁମାନଙ୍କର କେଶ ଝଡ଼ିବାର ସମସ୍ୟା ରହିଛି, ସେମାନେ ପୋଇକୁ ନିଜ ଖାଦ୍ୟରେ ସାମିଲ କରିବା ଉଚିତ୍, ଯାହା ଶରୀରରେ ଆଇରନ୍‌ର ଅଭାବକୁ ଦୂର କରି କେଶ ଝଡ଼ିବା ରୋକିଥାଏ ।

୩. ପୋଇ ତ୍ୱଚାର ଅନେକ ସମସ୍ୟା ଦୂର କରିଥାଏ । ଚର୍ମ ଲୋଚାକୋଚା ହୋଇ ଯାଇଥିଲେ,ପୋଇ ଏବଂ ଲେମ୍ବୁ ରସରେ କିଛି ବୁନ୍ଦା ଗ୍ଲିସେରିନ୍ ମିଶାଇ ରାତିରେ ଶୋଇବା ପୂର୍ବରୁ ଲଗାନ୍ତୁ । ଧିରେ ଧିରେ ତ୍ୱଚାଜନିତ ସମସ୍ତ ସମସ୍ୟା ଦୂର ହୋଇଯିବ ।

୪.ପୋଇରେ ଫଲିକ୍ ଏସିଡ୍ ଏବଂ କ୍ୟାଲସିୟମ ଅଧିକ ମାତ୍ରାରେ ରହିଥାଏ । ଯଦି ଆପଣଙ୍କର ପାଇରିୟା ସମସ୍ୟା ରହିଛି, ତେବେ କଞ୍ଚା ପୋଇର ପତ୍ର ଚୋବାଇବା ଆରମ୍ଭ କରନ୍ତୁ ।

୫. ପୋଇ ରସରେ ଗାଜର ରସ ମିଶାଇ ପିଇବା ଦ୍ୱାରା ପେଟର ଚର୍ବି କମ ହୋଇଥାଏ । ଯଦି ଆପଣ ମୋଟାପଣ ସମସ୍ୟା ଦେଇ ଗତି କରୁଛନ୍ତି, ତେବେ ପୋଇ ରସ ସହ ଗାଜର ବା ଲେମ୍ବୁ ରସ ମିଶାଇ ପିଇ ପାରିବେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପ୍ରାଣୀ ସୁରକ୍ଷା..

ବହୁବର୍ଷ ଧରି ଗଜରାଜମାନଙ୍କର ସୁରକ୍ଷା ନେଇ ଅନେକ କଥା କୁହାଯିବା ଭିତରେ ବାସ୍ତବ କ୍ଷେତ୍ରରେ ତାହାର ପରିପାଳନ ହେଉନାହିଁ । ଅନ୍ୟ ରାଜ୍ୟ କଥା ଦୂରର ବିଷୟ, ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବମଣ୍ଡଳ କୁହାଯାଉଥିବା ଶିମିଳିପାଳ ଅଭୟାରଣ୍ୟରେ ହାତୀସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଏଥିପାଇଁ କେତେବେଳେ କର୍ମଚାରୀଙ୍କ ଅବହେଳାକୁ ଦାୟୀ କରାଯାଉଛି ତ କେତେବେଳେ ମାଫିଆମାନଙ୍କ ଦାନ୍ତ ଚୋରୀକୁ ଦାୟୀ କରାଯାଉଛି । ଅସଲ କଥା ହେଉଛି ହସ୍ତୀ ସୁରକ୍ଷିତ ନୁହଁନ୍ତି । ବଣୁଆ ହାତୀପଲର ଆକ୍ରମଣ ହେତୁ ବହୁ ଲୋକଙ୍କର ଘରଦ୍ୱାର ଉଜୁଡ଼ି ଯାଉଥିବା ଖବର ମାମୁଲି କଥା । କେଉଁଠି ଜଙ୍ଗଲକୁ ଯାଇଥିବା ଲୋକଙ୍କୁ ହାତୀପଲ ଦଳି କଚାଡ଼ି ମାରି ଦେଉଛନ୍ତି ତ ଆଉ କେଉଁଠି ଖଣ୍ଡିଆ ଖାବରା ହୋଇ ଲୋକମାନେ ଡାକ୍ତରଖାନାରେ ପଡ଼ିଛନ୍ତି । ଦୁଇଦିନ ତଳେ ମହାନଦୀ ପଠାରେ ଗୋଟିଏ ବଡ଼ ହାତୀପଲ ପହଞ୍ଚି ଯାଇଛନ୍ତି । ସେମାନେ ଏବେ କଟକମୁହାଁ ହେଲେଣି । ମୟୂରଭଂଜ, ବାଲେଶ୍ୱର ଭଳି କେତେକ ଜିଲ୍ଲାରେ ବଡ଼ ହାତୀପଲ ସପ୍ତାହ ଧରି ବିଲମାଳ ଓ ଜଙ୍ଗଲରେ ରହି ଏକର ଏକର ପାଚିଲା ଧାନ ନଷ୍ଟ କରିଦେଉଛନ୍ତି । ସେମାନେ ଯେତେ ଫସଲ ଖାଉନାହାଁନ୍ତି, ତାଠାରୁ ଅଧିକ ଦଳିକଚଟି ନଷ୍ଟ କରି ପକାଉଛନ୍ତି । ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ଏକାଧିକ ହାତୀ କିଭଳି ଉଦ୍ଦଣ୍ଡ ହୋଇ ବୁଲୁଥିଲେ ତାହା ଆମର ଦେଖା କଥା । ଏଭଳି ହେଲା ଯେ, ଟ୍ରକ୍‌ରେ ଟ୍ରାଙ୍କୁଲାଇଜର ଦିଆଯାଇ ହାତୀକୁ ନେବାବେଳେ ଯେମିତି ସମସ୍ୟା କଲା, ତାହା ସମସ୍ତେ ଦେଖିଛନ୍ତି । ହାତୀପଲ ପାଇଁ ବଣ ଜଙ୍ଗଲରେ ଖାଦ୍ୟ ନାହିଁ । ସେଥିପାଇଁ ପଲ ପଲ ହୋଇ ସେମାନେ ସହରମୁହାଁ ହେଉଛନ୍ତି । ଉନ୍ମତ୍ତ ହାତୀମାନେ କିଭଳି ଲୋକମାନଙ୍କୁ କଚାଡ଼ି ମାରିଦେଉଛନ୍ତି ଓ ଘରଦ୍ୱାର ନଷ୍ଟଭ୍ରଷ୍ଟ କରି ପକାଉଛନ୍ତି, ତାହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଅଭୟାରଣ୍ୟରେ ହାତୀ ଶିକାର ଓ ନିଷ୍ଠୁର କର୍ମଚାରୀଙ୍କ ଦ୍ୱାରା ହାତୀ ଶିକାର ଓ ଦାନ୍ତ ଚୋରି ନେଇ ବହୁ ଅଭିଯୋଗ ମିଳିବାରେ ଲାଗିଛି । ଅଭିଯୋଗ ରହିଛି ଯେ, ଶିମିଳିପାଳ ଅଭୟାରଣ୍ୟରେ ଅବାଧ ହାତୀ ଶିକାର ହେଉଛି । ବାରବର୍ଷ ଭିତରେ କୁଆଡ଼େ ୧୯ଟି ହାତୀଙ୍କୁ ଶିକାର କରି ମାରି ଶିକାରୀମାନେ ପୋଡ଼ି ଦେଇଛନ୍ତି । ଯାହାକୁ ଅଭୟାରଣ୍ୟ କୁହାଯାଉଛି, ବାସ୍ତବରେ ତାହା ଆଉ ଅଭୟାରଣ୍ୟ ହୋଇ ରହିନାହିଁ । କେଉଁଠି ହାତୀ ଶିକାର ପରେ ପୋଡ଼ି ଦିଆଯିବାର ଅଭିଯୋଗ ହେଉଛି ତ ଆଉ କେଉଁଠି ହାତୀର ଦେହାବଶେଷ ପାଖ ନଦୀରେ ଭସାଇ ଦିଆଯାଉଥିାର ଗୁରୁତର ଅଭିଯୋଗ ହେଉଛି । ସ୍ଥାନବିଶେଷରେ ଛୁଆ ଓ ବଡ଼ ହାତୀ ବାଟବଣା ହୋଇ କୂଅ କିମ୍ବା ବଡ଼ ଖାଲରେ ପଡ଼ିଯିବା ଏବଂ ଲୋକମାନଙ୍କ ସହାୟତାରେ ଉଦ୍ଧାର କରାଯିବା ଖବର ମିଳୁଛି । କେଉଁଠି ଲୋକମାନେ ମଲାହାତୀକୁ ଚନ୍ଦନ ସିନ୍ଦୂର ଲଗାଇ ଗଣେଶ ଠାକୁରଙ୍କର ଅବତାର କହି ପୂଜାପାଠ ପରେ ପୋତୁଥିବାର ଦେଖାଯାଉଛି । ଦେଶ ତଥା ବିଶ୍ୱରେ ହାତୀସଂଖ୍ୟା ଗଣନାରୁ ଜଣାଯାଉଛି ଯେ, ସେଗୁଡ଼ିକର ସଂଖ୍ୟା ହ୍ରାସ ପାଉଛି । କୌଣସି ବ୍ୟକ୍ତି ହାସ୍ୟଛଳରେ କହିଥିବା ଶୁଣାଯାଏ ଯେ, ଦିନ ଆସିବ ପିଲାମାନେ ଚିତ୍ରାଙ୍କନ ଖାତାର ହାତୀ ଚିତ୍ର ଦେଖି ବିଶାଳକାୟ ଜନ୍ତୁ ବିଷୟରେ ଧାରଣା ନେବେ । ଅବଲୁପ୍ତ ଡାଇନୋସର ବିଷୟରେ ଯେମିତି ବର୍ତ୍ତମାନର ପିଢ଼ି ଚିତ୍ର ବା ଚଳଚ୍ଚିତ୍ର ଦେଖି ଧାରଣା କରୁଛନ୍ତି, ଦିନ ଆସିବ ଗଜରାଜ ବିଷୟରେ ଚିତ୍ର ଦେଖି ଧାରଣା ନେବେ । ଏହା ଥଟ୍ଟା ମଜାର କଥା ନୁହେଁ, ହାତୀମାନଙ୍କର ସୁରକ୍ଷା ନେଇ ପ୍ରଶାସନ ଓ କର୍ତ୍ତୃପକ୍ଷଙ୍କର ଢ଼ିଲାମି ହେଉ କି ଶିକାରୀମାନଙ୍କର ଅବାଧ ଶିକାର ପାଇଁ ହେଉ, ଗଜରାଜଙ୍କ ବିଲୋପ ସମୟ ଆସନ୍ନ, ତାହା ଜଳଜଳ ଦିଶିଯାଉଛି । ମହାନଦୀ ପଠାରେ ଯେଉଁ ହାତୀପଲ ଫସିଯାଇଥିଲେ, ସେମାନେ ନାକଚୁଣି ପାଟ ଦେଇ ଖସିଯାଇଥିବାର ସୂଚିତ ହୋଇଛି । ସେମାନେ ଇଟାଙ୍ଗ ପାହାଡ଼ରେ ପହଞ୍ଚିଛନ୍ତି । ଧାନ ଅମଳ ସମୟକୁ ହାତୀପଲ ଶସ୍ୟ ଖାଇବାକୁ ଆସିଥିଲେ ସେହିଭଳି ଅନ୍ୟ ୨୪ଟିକିଆ ହାତୀପଲ କରଞ୍ଜିଆ ବନଖଣ୍ଡରେ ରହିଛନ୍ତି । ସେମାନେ ବୈତରଣୀ ନଦୀ ପାର ସାରଙ୍ଗଗଡ଼ ଜଙ୍ଗଲରେ ରହିଥିବା କଥା ବନ ବିଭାଗ ସୂତ୍ରରୁ ସୂଚିତ ହୋଇଛି । ତେଣୁ ଲୋକମାନଙ୍କର ନିରାପତ୍ତା ସହିତ ବନ୍ୟପ୍ରାଣୀ ସମ୍ପଦର ସୁରକ୍ଷା ସମସ୍ତଙ୍କ ପାଇଁ ବଡ଼ ଆହ୍ୱାନ ହୋଇ ରହିଛି ଏବଂ ରହିବ ।

# କାଶ୍ମୀର ମାର୍ଗରେ ମେଘାଳୟ




### ସୌମେନ୍ଦ୍ର ଜେନା


ଉତ୍ତର ପୂର୍ବାଞ୍ଚଳର ଏକ ଛୋଟ ଜନଜାତିବହୁଳ ରାଜ୍ୟ ମେଘାଳୟ । ମେଘର ଘର ବୋଲି କୁହାଯାଉଥିବା ଏହି ରାଜ୍ୟରେ ରହିଛି ଚେରାପୁଞ୍ଜି ପରି ସର୍ବାଧିକ ବୃଷ୍ଟିପାତ ହେଉଥିବା ଅଞ୍ଚଳ । ୨୧ ଜାନୁଆରୀ ୧୯୭୨ରେ ଆସାମ ରାଜ୍ୟରୁ ଖାସି,ଜୟନ୍ତିଆ ଏବଂ ଗାରୋ ପାର୍ବତ୍ୟାଞ୍ଚଳର ଦୁଇଟି ଜିଲ୍ଲାକୁ ଅଲଗା କରାଯାଇ ଏହି ରାଜ୍ୟର ଗଠନ କରାଯାଇଥିଲା । ୨୦୧୪ର ହିସାବ ଅନୁଯାୟୀ ୩୨ଲକ୍ଷ ୧୨ହଜାର ଜନସଂଖ୍ୟା ବିଶିଷ୍ଟ ଏହି ରାଜ୍ୟଟି ଉତ୍ତର ପୂର୍ବାଞ୍ଚଳର ଏକ ଖ୍ରୀଷ୍ଟିଆନବହୁଳ ରାଜ୍ୟ । ଏବେ ୧୨ ଜିଲ୍ଲାରେ ୬୦ଟି ବିଧାନସଭା ଏବଂ ୨ଟି ଲୋକସଭା ଆସନ, ୧ଟି ରାଜ୍ୟସଭା ଆସନ ରହିଛି । ଏହା ମାତୃପ୍ରଧାନ ରାଜ୍ୟ । ପରିବାରର ସାନ ଝିଅ ପରିବାରର ସଂପତ୍ତିର ମାଲିକାଣୀ ହେବା ସହ ପିତାମାତାଙ୍କ ଦାୟିତ୍ୱ ନେଇଥାଏ । ଇଂରେଜମାନେ ଏହାକୁ ପୂର୍ବର ସ୍କଟଲାଣ୍ଡ ବୋଲି କହୁଥିଲେ । ରାଜ୍ୟଟି ଯେମିତି ଛୋଟ ସେମିତି ଆଲୋଚନାରୁ ଦୂରରେ ରହିଛି । କିନ୍ତୁ ଏହାର ଶହେ ବର୍ଷର ଇତିହାସ କିପରି ରାଜ୍ୟର ସଦ୍‌ଭାବ ଓ ସଂସ୍କାରକୁ ବଦଳାଇ ଅରାଷ୍ଟ୍ରୀୟ, ଅସହିଷ୍ଣୁତା, ସଂଘର୍ଷ, ସନ୍ତ୍ରାସ ଆଡକୁ ନେଇଛି ତାହା ଦେଖିଲେ ଜଣାପଡିବ । କାଶ୍ମିରରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପରି ମେଘାଳୟର ହିନ୍ଦୁମାନେ ପୀଡିତ, ଅତ୍ୟାଚରିତ,ବାରମ୍ବାର ବିତାଡିତ ହୋଇ ଆସିଛନ୍ତି । ସ୍ଥାନୀୟ ଚର୍ଚ୍ଚ ଗୋଷ୍ଠୀର ବିଦେଶୀ ଅର୍ଥ ଓ ତତ୍ତ୍ୱର ପ୍ରୟାସ କ୍ରମେ ଏବେ ବି ସେଠାରେ ଜାରିରହିଛି ବ୍ୟାପକ ଧର୍ମାନ୍ତରଣ । ଭାରତକୁ ପର୍ଯ୍ୟଟନର ଭିସାରେ ଆସୁଥିବା ବିଦେଶୀ ଲୋକେ ଉତ୍ତର ପୂର୍ବାଞ୍ଚଳରେ ଧର୍ମାନ୍ତରଣ, ସାମୂହିକ ଉତ୍ସବରେ ସାମିଲ ହେଉଥିବା କଥା ସାଧାରଣ । ନିକଟରେ ଆସାମ ସରକାର ଏହିପରି ଗୋଷ୍ଠୀର ପର୍ଯ୍ୟଟକଙ୍କୁ ଗିରଫ କରି ରାଜ୍ୟରୁ ବିତାଡିତ କରିଥିବା ଖବର ପ୍ରକାଶ ପାଇଥିଲା ।

ମେଘାଳୟ ରାଜ୍ୟ ୧୨ଟି ଜିଲ୍ଲାରେ ବିଭକ୍ତ । ସେଗୁଡିକ ହେଲା ରେସୁବେଲପରା, ୱିଲିୟମନଗର, ବାଘମାରା, ତୁରା , ଅମ୍ପାତି, ଜୋୱାଇ, ଖ୍ଲେହେରିଆତ୍, ଶିଲଂ , ନଙ୍ଗଷ୍ଟୋଏନ୍, ମାକିରୱାତ, ମୈରାଙ୍ଗ ଏବଂ ନଙ୍ଗ୍‌ପୋ । ଇଂରେଜ ଶାସନ କାଳରେ ଉନବିଂଶ ଶତାବ୍ଦୀରେ ମିଶନାରୀମାନେ ରାଜ୍ୟରେ ଧର୍ମାନ୍ତରଣର ମୂଳଦୁଆ ପକାଇଥିଲେ । ତା ପୂର୍ବରୁ ଏଠାକାର ଜନଜାତି ଲୋକେ ପ୍ରକୃତି ପୂଜକ ରହିଥିଲେ । ୧୮୩୦ ବେଳକୁ ଆମେରିକାନ ବାପଟିଷ୍ଟ ଫରେନ ମିଶନାରୀ ସୋସାଇଟୀ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଅଧିକ ସକ୍ରୀୟ ହୋଇ ଧର୍ମାନ୍ତରଣକୁ ବ୍ୟାପକ କରିଥିଲା । ପରେ ୱେଲ୍‌ସ ପ୍ରେସବିଟାରିଆନ ମିଶନ ଚେରାପୁଞ୍ଜି ଅଞ୍ଚଳରେ ନିଜର କାର୍ଯ୍ୟ ଆରମ୍ଭ କରିଥିଲା । ଏହାପରେ ବାପ୍‌ଟିଷ୍ଟ ମିଶନାରୀମାନେ କାର୍ଯ୍ୟକୁ ବ୍ୟାପକ କରିଥିଲେ । ରାଜ୍ୟର ଜନଜାତିଙ୍କ ମଧ୍ୟରୁ ୯୦ ପ୍ରତିଶତ ଗାରୋ, ୮୦ ପ୍ରତିଶତ ଖାସୀ, ୯୭ ପ୍ରତିଶତ ହାଜୋଙ୍ଗ, ୯୮ପ୍ରତିଶତ କୋଚ ଏବେ ଧର୍ମାନ୍ତରିତ ଖ୍ରୀଷ୍ଟିଆନ ହୋଇଥିଲା ବେଳେ କେବଳ ରାଭା ଜନଜାତିର ୯୪ ପ୍ରତିଶତ ଲୋକ ହିନ୍ଦୁ ରହିଛନ୍ତି । ରୋମାନ କ୍ୟାଥୋଲିକ ଚର୍ଚ୍ଚର ରାଜ୍ୟବ୍ୟାପି ପ୍ରଭାବ ରହିଥିଲା ବେଳେ କ୍ୟାଥୋଲିକ ଖ୍ରୀଷ୍ଟିଆନ ସଂଖ୍ୟା ୯ଲକ୍ଷ ୫୦ ହଜାର ରହିଛି । ପ୍ରେସବିଟାରିଆନ୍ ଚର୍ଚ୍ଚ ଅଧିନରେ ପରିଚାଳିତ ଖାସୀ ଜୟନ୍ତିଆ ପ୍ରେସ୍‌ବିଟାରିଆନ୍ ଆସେମ୍ବ୍ଲିର ବିଶ୍ୱାସରେ ୭ଲକ୍ଷ ୫୦ହଜାର ଜନଜାତି ରହିଛନ୍ତି । ସେମିତି ବାପ୍‌ଟିଷ୍ଟ ଚର୍ଚ୍ଚ ଅଧିନସ୍ଥ ଗାରୋ ବାପ୍‌ଟିଷ୍ଟ କନ୍‌ଭେନସନରେ ୫ଲକ୍ଷ ଜନଜାତି ରହିଛନ୍ତି । ଚର୍ଚ୍ଚ ଅଫ୍ ଗଡ ନାମରେ ୧୯୦୨ରେ ଆରମ୍ଭ ହୋଇଥିବା ଏକ ସ୍ଥାନୀୟ ଚର୍ଚ୍ଚ ଅଧିନରେ ପ୍ରାୟ ୧ଲକ୍ଷ ଜନଜାତି ରହିଛନ୍ତି । ମେଘାଳୟର ଧର୍ମାନ୍ତରଣ ଇତିହାସକୁ ଦେଖିଲେ ଜଣାପଡିବ ଯେ ୧୮୩୦ରୁ ୧୯୦୨ ମଧ୍ୟରେ ରାଜ୍ୟରେ ଧର୍ମାନ୍ତରିତ ଖ୍ରୀଷ୍ଟିଆନ ୬୧୬ ପ୍ରତିଶତ ରହିଥିଲେ । ସେମିତି ଜନଗଣନା ହିସାବରେ ୧୯୦୧ରେ ମାତ୍ର ୨୧ହଜାର ଖ୍ରୀଷ୍ଟିଆନ ରାଜ୍ୟରେ ଥିଲାବେଳେ ପରବର୍ତ୍ତୀ ସମୟରେ ବ୍ୟାପକ ଧର୍ମାନ୍ତରଣ ହୋଇଥିବା କଥା ପରବର୍ତ୍ତୀ ଜନଗଣନାର ହିସାବରୁ ଜଣାପଡିଥାଏ । ୧୯୧୧ରେ ୩୬,୬୯୯ (୭୫ ପ୍ରତିଶତ ବୃଦ୍ଧି), ୧୯୨୧ରେ ୪୮,୭୧୮(୩୨.୮ ପ୍ରତିଶତ ବୃଦ୍ଧି), ୧୯୩୧ରେ ୭୫,୫୩୦ (୫୫ ପ୍ରତିଶତ ବୃଦ୍ଧି), ୧୯୬୧ରେ ୨୭୦,୯୧୦ (୮୧ ପ୍ରତିଶତ ବୃଦ୍ଧି), ୧୯୭୧ରେ ୪୭୫,୨୬୭(୭୫.୪ ପ୍ରତିଶତ ବୃଦ୍ଧି),୧୯୮୧ରେ ୭୦୨,୮୫୪ (୪୭.୯ ପ୍ରତିଶତ ବୃଦ୍ଧି), ୧୯୯୧ରେ ୧୧, ୪୬,୦୯୨(୬୩.୧ ପ୍ରତିଶତ ବୃଦ୍ଧି), ୨୦୦୧ରେ ୧୬ ,୨୮,୯୮୬ (୪୨.୧ ପ୍ରତିଶତ ବୃଦ୍ଧି), ୨୦୧୧ରେ ୨୨,୧.୦୨୭(୩୫.୯ ପ୍ରତିଶତ ବୃଦ୍ଧି ) ହୋଇଛି । ୧୯୦୧ର ୬.୧୬ ପ୍ରତିଶତ ଖ୍ରୀଷ୍ଟିଆନ ଜନସଂଖ୍ୟା ୧୯୫୧ରେ ୨୪.୬୬ ପ୍ରତିଶତ ହୋଇଥିଲା । ଯାହା ୨୦୧୧ ବେଳକୁ ୭୪.୫୯ ପ୍ରତିଶତରେ ପହଞ୍ଚିଥିଲା । ଖାସୀ ଜନଜାତି ୮୩.୧୪ ପ୍ରତିଶତ ଏବଂ ଗାରୋ ଜନଜାତି ୯୫.୮୬ ଏବେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଅଣ ଜନଜାତିଙ୍କ ମଧ୍ୟରେ ୪୧୧,୦୨୮ ଲୋକଙ୍କ ମଧ୍ୟରୁ ୫୫,୧୪୦ ଖ୍ରୀଷ୍ଟିଆନଙ୍କ ମଧ୍ୟରେ ନେପାଳୀ ଏବଂ ବଙ୍ଗାଳୀ ଲୋକେ ଅଧିକ ରହିଛନ୍ତି । ଏବେ ଶିଲଂ ଏବଂ ଗ୍ରାମାଞ୍ଚଳରେ ଥିବା ମିଶନାରୀମାନେ ରାଜ୍ୟକୁ ଶହେ ପ୍ରତିଶତ ଖ୍ରୀଷ୍ଟିଆନ ରାଜ୍ୟ କରିବା ଲକ୍ଷ୍ୟରେ ବ୍ୟାପକ ଧର୍ମାନ୍ତରଣ ଚଳାଇଛନ୍ତି । ଏହାକୁ ଗ୍ରହଣ କରୁନଥିବା ଲୋକଙ୍କୁ ଯାବତୀୟ ପ୍ରତାଡନାର ଶିକାର ହେବାକୁ ପଡୁଛି ।

କାଶ୍ମିର ଘାଟୀରେ ହିନ୍ଦୁମାନେ ସଂଖ୍ୟାଲଘୁ ହେବାପରେ ଯେପରି ପ୍ରତାଡନାର ଶିକାର ହୋଇ ଆସିଛନ୍ତି ଠିକ୍ ସେହିପରି ଘଟିଛି ମେଘାଳୟରେ । ଧର୍ମାନ୍ତରଣ ବ୍ୟକ୍ତିକୁ କିପରି ରାଷ୍ଟ୍ରାନ୍ତରିତ କରିଥାଏ ତାହା ଏଠାରେ ବେଶ୍ ସ୍ପଷ୍ଟ । ୨୦୧୯ରେ ନେସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି (ଏନ୍‌ଆଇଟି)ରୁ ଗଣେଶ ମୂର୍ତ୍ତିକୁ ଖ୍ରୀଷ୍ଟିଆନମାନେ ବାହାର କରି ଦେଇଥିଲେ । ୧୯୭୯ରୁ ଏହିଧାରା ହିଂସାତ୍ମକରୂପ ନେଇଆସିଛି । ଏହା ପଛରେ ଚର୍ଚ୍ଚଗୋଷ୍ଠୀର ଉସ୍‌କାଣ ଏବଂ ରାଜନୀତି ରହିଆସିଛି ।

କିନ୍ତୁ ରାଜ୍ୟ ଗଠନ ପୂର୍ବରୁ ଖ୍ରୀଷ୍ଟିଆନ ପାଦ୍ରୀମାନେ ହିନ୍ଦୁ ଜନଜାତିଙ୍କ ଧାର୍ମିକ ପୂଜାକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଖ୍ରୀଷ୍ଟିଆନମାନଙ୍କୁ ହିଂସା ପାଇଁ ପ୍ରୋତ୍ସାହିତ କରି ଆସୁଥିଲେ । ଏହିପରି କ୍ରମାଗତ ଘଟଣାମାନ ସେଠାରେ ଘଟିଆସିଥିଲେ ମଧ୍ୟ ଜାତୀୟ ଗଣମାଧ୍ୟମରେ ଏସବୁ ସ୍ଥାନ ପାଇପାରୁନାହିଁ । ୧୯୭୯ରେ ଶିଲଂ ସହରର ନିକଟବର୍ତ୍ତୀ ଲାଇତୁମ୍‌ଖ୍ରାଠାରେ ଏକ କାଳିପୂଜା ପେଣ୍ଡାଲରେ ପ୍ରବେଶକରି ଖ୍ରୀଷ୍ଟିଆନ ଗୋଷ୍ଠୀ କାଳିମୂର୍ତ୍ତିକୁ ଭାଙ୍ଗିଥିଲେ । ହିନ୍ଦୁମାନେ ସେହି ଘଟଣାର ବିରୋଧ କରିବା ପରେ ଖ୍ରୀଷ୍ଟିଆନ ଖାସୀ ଗୋଷ୍ଠୀର ଲୋକେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କଲେ । ଏପରିକି ଜନଜାତି ଗ୍ରାମସଭା (ଦରବାର ସ୍ନୋନୋଙ୍ଗ୍)ରେ ହିନ୍ଦୁ ବ୍ୟବସାୟୀମାନଙ୍କୁ ଦୋକାନ -ବଜାର ବନ୍ଦ କରିବାକୁ ଅର୍ଥଦଣ୍ଡ ଜାରିହେଲା । ଖାସୀ ଗୃହମାଲିକଙ୍କୁ ହିନ୍ଦୁ ଭଡାଟିଆଙ୍କୁ ଘରୁ ତଡିଦେବା ଲାଗି କୁହାଗଲା । ହିନ୍ଦୁମାନଙ୍କୁ ମନ୍ଦିର ଛଡା ଅନ୍ୟ କୌଣସି ସ୍ଥାନରେ ପୂଜା କରିବାକୁ ବାରଣ କରାଗଲା । ଏହି ଆକ୍ରମଣରେ ଅନେକ ହିନ୍ଦୁଙ୍କ ଘର ଲୁଟ୍ ହେଲା । ଦୋକାନଘରେ ନିଆଁ ଲଗାଇ ଦିଆଗଲା । ହିନ୍ଦୁମାନଙ୍କୁ ହତ୍ୟା କରାଗଲା । ଭାରତ- ବଙ୍ଗଳାଦେଶ ସୀମା ନିକଟସ୍ଥ ଲାଇଟଲିଂକୋଟ ଗ୍ରାମ ନିକଟରେ ଶିଲଂ- ଦାୱ୍କୀ ସଡକ ଉପରେ ଏକ ଚଳନ୍ତା ବସ୍ ଭିତରୁ ୮ଜଣ ହିନ୍ଦୁଙ୍କୁ ଟାଣିଆଣି ପଥରମାଡ କରି ହତ୍ୟା କରାଯାଇଥିଲା । ଏହି ଘଟଣାପରେ ପ୍ରାୟ ୨୦ହଜାର ହିନ୍ଦୁଲୋକ ଅଞ୍ଚଳଛାଡି ଚାଲିଯାଇଥିଲେ । କିନ୍ତୁ ସବୁଠୁ ଚକିତ ହେବାର କଥା ହେଲା ଯେ ଏହିସବୁ ଘଟଣା ସତ୍ତ୍ୱେ ଆଜିଯାଏ ଜଣେ ବି କେହି ବ୍ୟକ୍ତି (ହିନ୍ଦୁ ବିରୋଧୀ)ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡ ପ୍ରଦାନ ହୋଇନାହିଁ । ଅଣହିନ୍ଦୁମାନଙ୍କୁ ବାହାରଲୋକ ବା ଢକାର ବୋଲି କୁହାଯାଇ ସେମାନଙ୍କ ବିରୋଧରେ ହିଂସାକାଣ୍ଡ ଜାରି ରହିଛି । ଖାସୀ ଷ୍ଟୁଡେଣ୍ଟସ୍ ୟୁନିଅନ ନାମକ ସଂଗଠନ ଅଣହିନ୍ଦୁମାନଙ୍କୁ ରାଜ୍ୟରୁ ତଡିବାକୁ ଏକ ଯୋଜନାବଦ୍ଧ ସନ୍ତ୍ରାସୀ ଉପାୟ ଅବଲମ୍ବନ କରିଆସିଛି । ସମୟେ ସମୟେ ସେମାନଙ୍କ ବିରୋଧରେ ଅନୁପ୍ରବେଶକାରୀ ଆନ୍ଦୋଳନ ଆହ୍ୱାନ ଦିଆଯାଇ ସେମାନଙ୍କୁ ଜୋରକରି ଅଞ୍ଚଳରୁ ତଡା ଯାଇଛି । କାଶ୍ମିର ସନ୍ତ୍ରାସବାଦୀମାନଙ୍କର କାଶ୍ମିର ଘାଟୀରେ ଅଣ-କାଶ୍ମିରୀ ଲୋକଙ୍କ ବିରୋଧରେ ଯେପରି ଷଡଯନ୍ତ୍ର ଜାରିରହିଛି ଏହି ଷଡଯନ୍ତ୍ର ଠିକ୍ ସେହି ପ୍ରକାରର । ରାଜ୍ୟରେ ବଙ୍ଗଳାଦେଶୀ ମୁସଲିମଙ୍କ ସଂଖ୍ୟା ଢେର ବଢିଥିଲେ ମଧ୍ୟ ଖାସୀମାନଙ୍କ ଷଡଯନ୍ତ୍ର କେବଳ ହିନ୍ଦୁମାନଙ୍କୁ ଟାର୍ଗେଟ କରି ଚାଲିଆସିଛି ।

୧୯୯୦ ଦଶକର ଆରମ୍ଭରୁ ରାଜନେତାମାନଙ୍କ ହାତବାରିସୀ ଭାବେ ଏଠାକାର ସନ୍ତ୍ରାସବାଦୀ ଗୋଷ୍ଠୀ କାର୍ଯ୍ୟ ଆରମ୍ଭ କଲେ । ହିନ୍ଦୁ ବ୍ୟବସାୟୀଙ୍କଠାରୁ ଜୋର୍ କରି ଚାନ୍ଦା ଆଦାୟ କରିବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ରହିଲା । ଏପରିକି ପ୍ରାଧ୍ୟାପକ, ଡାକ୍ତର, ଓକିଲ, ସରକାରୀ କର୍ମଚାରୀମାନଙ୍କଠାରୁ ମଧ୍ୟ ଜୋର୍ କରି ଏମାନେ ଚାନ୍ଦା ଆଦାୟ କରିବାକୁ ଲାଗିଲେ । ରାଜ୍ୟର ସରକାରୀ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନଗୁଡିକରେ ଯୀଶୁଙ୍କ ଫଟୋ ସ୍ଥାନ ପାଉଥିଲା ବେଳେ ଡାକ୍ତରଖାନା ରୋଗୀଙ୍କୁ ବାଇବେଲ ପଢିବାକୁ ବାଧ କରାଯାଇ ସେମାନଙ୍କୁ ବାଇବେଲ କପି ଧରାଇ ଦିଆଗଲା । ସରକାରୀ ଡାକ୍ତରଖାନା, ଶିଲଂରେ ଆଜି ମଧ୍ୟ ଏହା ଏକ ସାଧାରଣ ବିଷୟ ।

ଚଳିତ ବର୍ଷ ୨୦ ଜାନୁଆରୀ ୨୦୨୨ ତାରିଖ ଦିନ ଶିଲଂ ସହରର ଖ୍ଣ୍ଡାଇଲାଡଠାରେ ୧୯୭୯ ହିନ୍ଦୁ ଗଣହତ୍ୟା, ୧୯୮୭ ହିଂସା ବିରୋଧରେ ଶୋଭାଯାତ୍ରା ଚାଲିଥିଲା ବେଳେ ଲୁମଡିଏନ୍‌ଗ୍ରୀ ପୁଲିସଥାନା ସମ୍ମୁଖରେ ଖ୍ରୀଷ୍ଟିଆନ ଗୋଷ୍ଠୀ ଆକ୍ରମଣ କରିଥିଲେ । ଯେଉଁଥିରେ ଦୁଇ ମୁସଲିମଙ୍କ ସମେତ ତିନିଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ।

କାଶ୍ମିରରେ ୩୭୦ଧାରା ଥିବା ସମୟର ଆଇନ ପରି ମେଘାଳୟରେ ମେଘାଳୟ ରାଜ୍ୟର ବାହାର ଲୋକଙ୍କୁ ଇନରଲାଇନ୍ ପରମିଟ୍ ସିଷ୍ଟମ- ୧୮୭୩ ଅନୁଯାୟୀ ପ୍ରବେଶାଧିକାର ଦେବାକୁ ମେଘାଳୟର ୧୭ଟିକିଆ ସଂଗଠନ କନ୍‌ଫେଡେରେସନ ଅଫ୍ ମେଘାଳୟ ସୋସିଆଲ ଅର୍ଗାନାଇଜେସନ ଦାବି କରି ଆସୁଛି । ୨୦୨୦ ଫେବୃଆରୀ୨୮ରେ ସିଏଏ ବିରୋଧୀ ଆନ୍ଦୋଳନ ବେଳେ ଜଣେ ଖାସୀ ଷ୍ଟୁଡେଣ୍ଟସ ୟୁନିଅନର ସମର୍ଥକ ଲୁର୍ସାଇ ହିନ୍ନିୱ୍‌ତାରର ହିଂସାକାଣ୍ଡରେ ମୃତ୍ୟୁପରେ ଖାସୀ ଷ୍ଟୁଡେଣ୍ଟସ ୟୁନିଅନ ଏଥିପାଇଁ ହିନ୍ଦୁଙ୍କୁ ଦାୟୀ କରି ସହରସାରା ବ୍ୟାନର ଟାଙ୍ଗିବା ଦେଖାଯାଇଥିଲା ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ମାତୃମୃତ୍ୟୁ ରୋକିବାରେ ଓଡ଼ିଶା ଦ୍ୱିତୀୟ




### ଡାକ୍ତର କାନ୍ତୀ ନାୟକ


ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ଏଥିରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ମାତୃ ମୃତ୍ୟୁହାର ରୋକିବାରେ ଓଡ଼ିଶାକୁ ମିଳିଛି ଅଭୁତପୂର୍ବ ସଫଳତା। ଏହି କ୍ଷେତ୍ରରେ ଓଡ଼ିଶା ଦେଶର ବଡ଼ ରାଜ୍ୟ ମାନଙ୍କୁ ପଛରେ ପକାଇ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ରାଜ୍ୟ ସରକାରଙ୍କର ନିରନ୍ତର ଉଦ୍ୟମ ଫଳରେ ଉଭୟ ଶିଶୁ ଓ ମାତୃ ମୃତ୍ୟୁ ହାର ତଳକୁ ଖସି ଚାଲିଥିବା ବେଳେ ସ୍ୱତନ୍ତ୍ର ପଦକ୍ଷେପ ହେତୁ ଏଥିରେ ନୂଆ କୀର୍ତ୍ତିମାନ ଯୋଡ଼ିବାରେ ରାଜ୍ୟ ସଫଳ ହୋଇଛି।

ଭାରତ ସରକାରଙ୍କ ପକ୍ଷରୁ ଜାରି ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ୨୦୧୮-୨୦ର ରିପୋର୍ଟ ଉପଲବ୍ଧ ତଥ୍ୟ ଅନୁସାରେ ରାଜସ୍ଥାନରେ ୭୩ ମାତୃ ମୃତ୍ୟୁ ହାର ସବୁଠାରୁ କମ ରହିଥିବାବେଳେ ଏହା ପଛକୁ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ୪୯ ରହିଛନ୍ତି। ବିହାର ୪୭ ତୃତୀୟ ସ୍ଥାନ ଅଧିକାର କରିଛି। ରିପୋର୍ଟ ଅନୁସାରେ ୨୦୧୫-୧୭ରେ ଓଡ଼ିଶାରେ ପ୍ରତି ହଜାରେ ପ୍ରସବରେ ୧୬୮ ରହିଥିଲା। ତେବେ ୨୦୧୮-୨୦ ବେଳକୁ ଏହା ୪୯ ପଏଣ୍ଟ ହ୍ରାସ ପାଇ ୧୧୯ରେ ପହଞ୍ଚିଛି। ଜାତୀୟ ହାର ଠାରୁ ଏହା ସାମାନ୍ୟ ଅଧିକ ରହିଛି। ୨୦୦୧-୦୩ରେ ଓଡ଼ିଶାରେ ପ୍ରତି ଏକ ହଜାର ପ୍ରସବରେ ୩୫୮ ମହିଳା ପ୍ରାଣ ହରାଉଥିବା ବେଳେ ୨୦୦୪-୦୬ରେ ୩୦୩, ୨୦୦୭-୦୯ରେ ୨୫୮, ୨୦୧୦-୧୨ରେ ୨୩୫, ୨୦୧୧-୧୩ରେ ୨୨୨, ୨୦୧୪-୧୬ରେ ୧୮୦, ୨୦୧୫-୧୬ରେ ୧୬୮, ୨୦୧୬-୧୮ରେ ୧୫୦, ୨୦୧୭-୧୯ରେ ଏହା ୧୩୬ ରହିଥିଲା। ଚଳିତ ବର୍ଷ ମେ ମାସରେ ଏସଆରଏସ ୨୦୧୭-୧୯ ରିପୋର୍ଟରେ କୁହାଯାଇ ଥିଲା ଯେ ଓଡ଼ିଶାରେ ମାତୃ ମୃତ୍ୟୁହାର ୧୪ ପଏଣ୍ଟ ହ୍ରାସ ପାଇଛି। ଏହି ସମୟରେ ଓଡ଼ିଶା ସମଗ୍ର ଦେଶରେ ୫ମ ସ୍ଥାନରେ ରହିଥିଲା। ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ଅଧୀନରେ ମାତୃ ମୃତ୍ୟୁ ହାର ରୋକିବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଇଣ୍ଟିଗ୍ରେଡ଼ ଭିଲେଜ ହେଲଥ ସାନିଟେସନ ଏବଂ ପୋଷଣ ଦିବସ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗର୍ଭବତୀଙ୍କର ଅନ୍ୟୁନ ଚାରି ଥର ସ୍ୱାସ୍ଥ୍ୟ ପରୀକ୍ଷା ସୁନିଶ୍ଚିତ କରାଯାଉଛି। ଡାକ୍ତରଖାନାରେ ପ୍ରସବ ସୁନିଶ୍ଚିତ କରିବା ପାଇଁ ଜନନୀ ଏକ୍ସପ୍ରେସ ପ୍ରଚଳନ କରାଯାଇଥିବା ବେଳେ ହାଇ ଡିପେଣ୍ଡେନ୍ସି ୟୁନିଟ ଅତିରକ୍ତ ମାତୃତ୍ୱ ପ୍ରତିକ୍ଷାଳୟ ଆଦି ପ୍ରତିଷ୍ଠା ସହିତ ପ୍ରସବ ଗୃହର ଗୁଣବତ୍ତା ସୁନିଶ୍ଚିତ କରିବା, ମା ଓ ଶିଶୁ କିଟ ପ୍ରଦାନ ଭଳି ପଦକ୍ଷେପ ନିଆଯାଉଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ପ୍ରଥମ ରେଫରାଲ ୟୁନିଟ କାର୍ଯ୍ୟକ୍ରମ ଭଳି ଅନେକ ବ୍ୟବସ୍ଥା କରାଯାଇଛି। ସେହିପରି ଗ୍ରାମାଞ୍ଚଳ ସ୍ତରରେ ଗର୍ଭବତୀ ଓ ଶିଶୁଙ୍କ ପାଇଁ ଏକାଧିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି। ସର୍ବଭାରତୀୟ ସ୍ତରରେ ମାତୃ ମୃତ୍ୟୁହାର ରୋକିବା କ୍ଷେତ୍ରରେ ଓଡ଼ିଶା ଯେଉଁ ସଫଳତା ପାଇଛି ତାହା ଭାରତର ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ଓ ଉଦାହରଣ ସୃଷ୍ଟି କରିଛି। ତେବେ ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନର ଦାୟିତ୍ୱବୋଧତା ଠାରୁ ଗୁରୁତ୍ୱପୂର୍ଣ୍ଣ ସହଯୋଗୀତା ସମସ୍ତଙ୍କର ରହିଛି। ପ୍ରାୟତଃ ଦେଖାଯାଏ ମା' ମାନଙ୍କ ଚିକିତ୍ସା କ୍ଷେତ୍ରରେ ଅନେକ ସ୍ଥାନରେ ଲୋକମାନେ ଘରୋଇ ବା ତୁଟୁକା ତୁଟୁକି ଚିକିତ୍ସାର ସହଯୋଗ ନେଇଥାନ୍ତି କିନ୍ତୁ ଏହା ଆଦୌ ଠିକ ନୁହେଁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଚିକିତ୍ସାର ମାଗଣା ପରୀକ୍ଷା, ପରାମର୍ଶ ଓ ଔଷଧ ବଣ୍ଟନର ବ୍ୟବସ୍ଥା ରଖିଛନ୍ତି ଏହାର ସୁଯୋଗ ନେବା ଜରୁରୀ।


ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ
ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି,
ସିଡ଼ିଏ, କଟକ





## ମାସ୍କ

### ଅକ୍ଷୟ କୁମାର ରାଉତ

ମାସ୍କ ପଛରେ କେବଳ ଚେହେରା ଲୁଚିଯାଏ
ଲୁଚିଯାଏନି ଚରିତ୍ର, ଲୁଚି ନଥାଏ ଅଭିଳାଷା
କେବଳ ଲୁଚିଯାଏ ସାଧୁ ମୁଖା ତଳେ ସଇତାନ
ଅହଙ୍କାର
ଅସତ୍ୟ
ବ୍ୟଭିଚାର
ପ୍ରପଞ୍ଚ
କୁଟିଳ ହସ
ନଷ୍ଟଚରିତ୍ର କୁ ଲୁଚାଇ ରଖିବାର
ଶ୍ରେଷ୍ଠତମ ମାଧ୍ୟମ ମାସ୍କ.....।

କିଏ ବୁଝୁଛି କୁମ୍ଭୀର କାନ୍ଦଣା ପଛର ପ୍ରପଞ୍ଚକୁ
କିଏ ବୁଝୁଛି ନାରୀ ସମ୍ମାନ ପଛର ମନ୍ତ୍ରଗୁପ୍ତିକୁ
କିଏ ବୁଝୁଛି ପ୍ରେମ ଆଡ଼ରେ ପ୍ରତାରଣାର ଅଭିପ୍ସାକୁ
କିଏ ବୁଝୁଛି ମାନବ କଲ୍ୟାଣ ଆଡ଼ରେ
ଲୁଚି ରହିଥିବା ବିଭତ୍ସ ମାନସିକତାକୁ

ଆମେ ଗୋଟିଏ ମାପକାଠି ଧରି ବସିଛୁ
ଝରୁ ଥିବା ଲୁହକୁ ପରଖିବା ପାଇଁ
ଆଖିରୁ ଝରୁଥିବା ସବୁ ଲୁହ କଣ
ଦୁଃଖ, ଯନ୍ତଣା, ସମବେଦନାର !
ଛଳନାର ବି ହୋଇପାରେ
ହୋଇ ପାରେ କୁମ୍ଭୀର କାନ୍ଦଣା,
ନିଜ ସ୍ୱାର୍ଥ ହାସଲ ପାଇଁ !

ମୁରୁକି ହସ ପଛରେ କେତେ ଯେ କୁଟିଳତା
ଆତ୍ମଗୋପନ କରିଛି କିଏ ଜାଣେ !
ସବୁ ହସ କଣ ଆନନ୍ଦ ମୁହୂର୍ତ୍ତର
ଅହଙ୍କାରର ବି ହୋଇପାରେ
ବିଦ୍ରୁପର ବି ହୋଇପାରେ
ହୋଇପାରେ ପ୍ରତିଶୋଧ ର ଆତ୍ମସନ୍ତୋଷ !

ଇଶ୍ୱରଙ୍କୁ ତ ଠକି ଚାଲିଛନ୍ତି ଗୋଟାଏ ଯୁଗରୁ
ଏମାନଙ୍କୁ ନା ଅଛି ସଙ୍କୋଚ, ନା ଅଛି ଭୟ
ମାପକାଠି କୁ ବଦଳାଇବାକୁ ହେବ
ସ୍ୱାର୍ଥ ପାଇଁ ଏମାନେ ମୁହୂର୍ତ୍ତକେ
ବଦଳାଇ ଦିଅନ୍ତି ନିଜର ମୁଖା
କେତେବେଳେ ଫକିର
ଆଉ କେତବେଳେ ରାଜା,
କେତେବେଳେ ଯୋଗୀ
ଆଉ କେତେବେଳେ ମହାନାୟକ
ହେଲେ ବଦଳେ ନାହିଁ ମୁଖା ପଛର ଦାନବ ।

ଚାଲ ଗୋଟେ ନୂଆ ମାପକାଠି ତିଆରି କରିବା
ମୁଖା ପିନ୍ଧା ଭଦ୍ର ସମାଜକୁ ପରଖିବା ପାଇଁ
ଦେଖିବା ସଇତାନ ମୁଖା ତଳେ ସାଧୁ ନାହାଁନ୍ତି ତ !
ଚିତା ଚଇତନ ଲଗାଇ ଧର୍ମ ଜ୍ଞାନ ବାଣ୍ଟୁ ଥିବା
ମୁଖା ପଛରେ ସଇତାନ ଆତ୍ମଗୋପନ କରିନି ତ
ପାଗଳ ପ୍ରେମିକ ମୁଖା ତଳେ ପ୍ରତାରକ ନାହିଁ ତ !
ପ୍ରବଞ୍ଚକ କୁହାଯାଉଥିବା ମୁଖା ତଳେ
ପାଗଳ ପ୍ରେମିକ ନାହିଁ ତ !


ଆଳି, ବାଳକାଟି
ମୋ: ୯୭୧୧୦୬୯୪୨୫




## ମା... !

### ସୁରେନ୍ଦ୍ର ନାଥ ସାହୁ

ଆମେ ଗଢି ତୋଳି ହେବା ପାଇଁ
ସହର୍ଷେ ଯିଏ ନିଜକୁ ସଜାଇ
ଦେଇଥିଲା
କରି ଏକ ଚଳନ୍ତି ଦେହାଧି ପୁନାଦି।
ଯାହାର ସମ୍ବେଦିତ ସମ୍ପର୍କର ସ୍ପର୍ଶରେ
ତିଆରି ହୋଇଅଛି
ଆମ ଜୀବନର ସୁଢଳ ଆଦି ବେଦୀ।
ସେ ହିଁ ଆମର
ସବୁଠାରୁ ନିକଟ ଆଉ ନିଜର ବ୍ୟକ୍ତି
।
ତା ଶରୀର ସ୍ନେହ ମମତାର ଚଳନ୍ତି
ମନ୍ଦିର
ତା ପେଟ ପିଠିର କାନ୍ଥ ମଧ୍ୟେ ଥିଲା
ଆମ ଧରାବତରଣର ପ୍ରଥମ ଘର।
ସେ ନିଜ ପାଇଁ ଖାଇଥିବା ଖାଦ୍ୟରୁ
ବାଣ୍ଟି ଦେଇଥିଲା ଆମକୁ
ବଢିବା ପାଇଁ ସାର।
ତା ନାକର ରନ୍ଧ୍ରରେ
ଆମେ ନେଇଥିଲେ ଜିଇଁବା ପାଇଁ
ନିଶ୍ୱାସ
ଯେତିକି ଥିଲା
ସେ ସମୟରେ ଦରକାର ।
ତା ହୃଦୟର ସ୍ପନ୍ଦନରେ
ହୋଇଥିଲା ଦିନେ ଆମ ଦିହ ଭିତରେ
ରକ୍ତର ସଞ୍ଚାର ।
ଏକାଥରେ ଭେଦିଗଲେ ଛାତି ଭିତରେ
ହଜାର ହଜାର ତୀକ୍ଷ୍ଣ ତୀର
ଯେତିକି ପିଡା ହୁଏ
ସେତିକି ପୀଡା ଭୋଗିଛି ସିଏ
ଆମକୁ ଜନମ ଦେବାର।
ତା ହାତ ଧରି ଚାଲି ଶିଖିଥିଲେ
ତା ବଳରେ ହିଁ ଭୁଇଁ ପରେ ସିଧାକରି
ପକାଇ ପାରିଥିଲେ ପୟର।
ତା କୋଳେ ଆମେ ଖେଳିଛନ୍ତି
ବାଲ୍ୟ ଲୀଳା ଖେଳ।
ସେ ଆମର ଆଦ୍ୟ ଶିକ୍ଷୟିତ୍ରୀ
ଶିକ୍ଷା ଦୀକ୍ଷା ସଂସ୍କାରର ଅ ଆ ଇ ଈ
ଅକ୍ଷର
ତା ନୟନ ପିତୁଳାରେ
ସଦା ଲାଖି ରହିଥାଏ ଆମରି ପ୍ରତିମା
ଆମର ଟିକିଏ ପୀଡା ପତନକୁ
ଦେଖିଲେ
ସିଏ ସହି ପାରେ ନାହିଁ ଜମା
ତା ବଳିଦାନ ଅପାର ମହାନ
ତୁଳନାରେ କିଏ ନାହିଁ ତା'ସମାନ
ତା ପ୍ରେମ ସବୁ ପ୍ରେମ ଠାରୁ ବଡ
ଦଶ ମାସ ଦଶ ଦିନ।
ସେ ନିଜ ସନ୍ତାନ ପ୍ରତି ରହିଥାଏ
ସଦା ଆଶୁ ଆଶିଷବାଦୀ
ତା ସମାନ ବରଦାୟୀ
ଏହି ସଂସାରରେ କାହାକୁ ଆଜି ଯାଏ
ଜନ୍ମ କରି ପାରି ନାହିଁ ସ୍ୱୟଂ ବସୁମତୀ
ତାକୁ ଦେବୀ ଅଦ୍ୱୈତୀ କହିଲେ
ହେବ ନାହିଁ କେବେ ହେଲେ
ଅତିଶୟୋକ୍ତି।


କଳମ୍ବ (ଡିହସାହି)
ପୋଲସରା, ଗଞ୍ଜାମ- ୭୬୧୧୦୫
ମୋ :-୮୧୨୮୯୧୯୨୫୬


## ରିଲେଟିଭ୍

### ଦିନେଶ ମେହେର

କେବଳ
କଥା ଆଉ କଥା;
ରଙ୍ଗୀନ୍ ପରଦାରେ ଥିବା ସିରିଏଲ୍‌ର
ନାକାର କ୍ୟାରେକ୍ଟର୍‌ରେ
ଏମିତି ଘୁସି ଯାଇଥାନ୍ତି ଯେ,
କେବଳ ଆଉ କେବଳ
ଜିରାରୁ ଶିରା କାଢ଼ି ଥାନ୍ତି।
କଥାରେ ଅଛି
ତୁଣ୍ଡ ବାଇଦ ସହସ୍ର ବଳ,
ଏମାନଙ୍କ କଥା ନୁହେଁ
ବରଂ ଗୁଟେ ଗୁଟେ
ତୀକ୍ଷ୍ଣ ଧାର ଥିବା ଶକ୍ତ ଛୁରୀ।
ସଚ୍ଚୋଟ ସ୍ୱାଭିମାନର ଉପାଧିରେ
ନିଜକୁ ଆଭୂଷିତ କରେଇ
ଅନ୍ୟକୁ କେବଳ
ନୀଚ ନୀଚ ଆଉ ନୀଚ
କରି ଚାଲନ୍ତି ଅନବରତ,
ଏଇ ମାନେ ତ ରିଲେଟିଭ୍।


ପଳାସ, କଳାହାଣ୍ଡି




## ୨ରୁ ଅଧିକ ଡାଏଟ୍ ସୋଡ଼ା ବଢ଼ାଏ ଷ୍ଟ୍ରୋକ୍ ରିସ୍କ



**ଆପଣମାନେ ନିୟମିତ ଡାଏଟ୍ ସୋଡା ନେବା ଦ୍ୱାରା ଶରୀର ଉପରେ ଏହାର ସକାରାତ୍ମକ ପ୍ରଭାବ ଅନୁଭୂତ କରିଥିବେ । କିନ୍ତୁ ସର୍ଭେରୁ କିଛି ଭିନ୍ନ ତଥ୍ୟ ସାମ୍ନାକୁ ଆସିଛି । ଜର୍ଣ୍ଣାଲ ଷ୍ଟ୍ରୋକରେ ପ୍ରକାଶିତ ରିପୋର୍ଟ ଅନୁସାରେ ପ୍ରତିଦିନ ଦୁଇ ବା ତତୋଧିକ ଡାଏଟ୍ ସୋଡା ନେବା ଦ୍ୱାରା ଷ୍ଟ୍ରୋକ ଓ ଶୀଘ୍ର ମୃତ୍ୟୁର ଆଶଙ୍କା ସୃଷ୍ଟି** ହୋଇଥାଏ ।

ଦ ଆମେରିକାନ୍ ହାର୍ଟ ଆସୋସିଏସନ୍ (ଏଏଚଏ) ଏବଂ ଆମେରିକାନ ଷ୍ଟ୍ରୋକ ଆସୋସିଏସନ୍ (ଏଏସଏ) ପ୍ରାୟ ୮୨,୦୦୦ମହିଳାଙ୍କୁ ନେଇ ଏହି ଗବେଷଣା କରିଥିଲେ । ଏହି ମହିଳାମାନଙ୍କ ବୟସ ୫୦ରୁ ୭୯ ବର୍ଷ ମଧରେ ରହିଥିଲା । ଗବେଷକମାନେ ଜାଣିବାକୁ ପାଇଥିଲେ ଯେ ଏମାନଙ୍କ ମଧ୍ୟରୁ କେବଳ ୫.୧ ପ୍ରତିଶତ ମହିଳା ନିୟମିତ ଭାବେ ଦୁଇଟିରୁ ଅଧିକ ଡାଏଟ୍ ସୋଡା ନେଉଥିଲେ । ସମୁଦାୟ ମହିଳାମାନଙ୍କ ମଧରୁ ୨୩ ପ୍ରତିଶତଙ୍କଠାରେ ଷ୍ଟ୍ରୋକ୍ ଓ ୨୯ ପ୍ରତିଶତଙ୍କଠାରେ ହୃଦରୋଗ ଆଶଙ୍କା ଅଧିକ ରହିଥିଲା ।

ଦିନକୁ ୨ଥରରୁ ଅଧିକ ଡାଏଟ୍ ସୋଡା ପିଉଥିବା ମହିଳାଙ୍କ ଠାରେ ପୂର୍ବରୁ (ଅର୍ଥାତ୍ ଡାଏଟ୍ ସୋଡା ନେଉ ନଥିବା ସମୟରେ) ମଧୁମେହ ଓ ହୃଦଘାତର ଆଶଙ୍କା ନ ଥିଲା । ମାତ୍ର ଏବେ ସେମାନଙ୍କ ଠାରେ ୨.୪୪ ଗୁଣା ଅଧିକ ଆଶଙ୍କା ବଢ଼ିଛି । ଆଫ୍ରିକୀୟ ଓ ଆମେରିକୀୟ ମହିଳାଙ୍କଠାରେ ଏହି ଆଶଙ୍କା ୩.୯୩ ଗୁଣ ବଢ଼ିଥିବା ବେଳେ ମୋଟାପଣ ଥିବା ମହିଳାଙ୍କଠାରେ ବଢ଼ିଛି ୨.୦୩ ଗୁଣ । ଗବେଷକମାନେ ଡାଏଟ୍ ସୋଡା ଫ୍ରୁଟ୍ ଜୁସ୍ ଓ ଚା' ଆଦି ପାନୀୟ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ବୋଲି ଜାଣିବାକୁ ପାଇଛନ୍ତି । ଏହି ସର୍ଭେର ମୁଖ୍ୟ ଗବେଷକ ଯସ୍ମିନ୍ ମୋସାବର ରହମାନୀ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି, ବିଶେଷକରି ମୋଟା ଲୋକମାନେ ଭୋଜନରେ କ୍ୟାଲୋରୀ କମ କରିବା ପାଇଁ ଏହି କମ କ୍ୟାଲୋରୀଯୁକ୍ତ ପାନୀୟ ଗ୍ରହଣ କରିଥାନ୍ତି । 'ଆମ ଗବେଷଣା ତଥା ଅନେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହି କୃତ୍ରିମ ମିଠା ପାନୀୟ ଆଦୌ ହାନିରହିତ ହୋଇ ନପାରେ ଏବଂ ଅଧିକ ବ୍ୟବହାର ଯୋଗୁ ଷ୍ଟ୍ରୋକ ଓ ହୃଦରୋଗର ଆଶଙ୍କା ବଢ଼ିଥାଏ ।'

ମୋସାବର ରହମାନୀ କହିଛନ୍ତି, ଆମେ ଜାଣିନାହୁଁ ଯେ କେଉଁ ଖାଦ୍ୟ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ, କେଉଁମିଠା ପାନୀୟ କେତେ କ୍ଷତିକାରକ ଓ କେଉଁ ପାନୀୟ ଲାଭଦାୟକ ।




## ଥାଇରଏଡରୁ ବଢୁଛି ଓଜନ ?







ଆଜିକାଲି ଥାଇରଏଡ୍ ସମସ୍ୟା କ୍ରମଶଃ ବଢ଼ିବାରେ ଲାଗିଛି । ଥାଇରଏଡ୍ ଗ୍ରନ୍ଥି ଆମ ଶରୀରର ମେଟାବଲିଜିମକୁ ନିୟନ୍ତ୍ରିତ କରିଥାଏ । ତେଣୁ ଥାଇରଏଡ୍ ସମସ୍ୟା ଦେଖା ଦେଲେ ଓଜନ ବହୁତ ବଢ଼ିଥାଏ । ଆଉ ଆପଣ ହାଇପୋଥାଏରଡିଜିମର ଶିକାର ହୋଇଥାନ୍ତି । ଅନେକ ସମୟରେ ଦେଖିବାକୁ ମିଳେ । ଥାଇରଏଡର ଶିକାର ହେବା ପରେ କିଛି ଲୋକଙ୍କଠାରେ ଓଜନ ବଢୁଥିବା ବେଳେ ଆଉ କିଛି ଲୋକଙ୍କର ଓଜନ କମିଯାଇଥାଏ ବିଶେଷତଃ ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଦେଇଥାଏ । ଥାଇରଏଡ୍ ହେବା ପରେ ଏହି ଗ୍ରନ୍ଥି ଠିକ ଭାବରେ କାମ କରିନଥାଏ । ଆଉ ଦୁଇ ପ୍ରକାର ଭାବେ ଅସନ୍ତୁଳନ ଦେଖା ଦେଇଥାଏ । ତେଣୁ ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ । କେତେବେଳେ ଥାଇରଏଡ୍ ଗ୍ରନ୍ଥି କମ ମାତ୍ରାର ହରମୋନ କ୍ଷରଣ କରିଥାଏ । ଏହାକୁ ହାଇପରଥାଇରଏଡଜିମ୍ କୁହାଯାଏ । ଅନ୍ୟପଟରେ ଗ୍ରନ୍ଥିରେ ଅଧିକ ହରମୋନ କ୍ଷରଣ ହେଲେ ହାଇପୋଥାଏରଡିଜିମ କୁହାଯାଏ । ଯଦି ଥାଇରଏଡ୍ ଯୋଗୁ ଓଜନ ବଢୁଥାଏ, ତେବେ ଆପଣ ହାଇପୋଥାଏରଏଡଜିମର ଶିକାର ହୋଇଛନ୍ତି । ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଜୀବନଶୈଳୀରେ କିଛିଟା ପରିବର୍ତ୍ତନ ଆବଶ୍ୟକ ହୋଇଥାଏ ।

### ।। ପରୀକ୍ଷା କରନ୍ତୁ ।।

ଓଜନ ବଢ଼ିବା କେବଳ ଥାଇରଏଡର ଲକ୍ଷଣ ନୁହେଁ। ତେଣୁ ପରୀକ୍ଷା କରି ନିଅନ୍ତୁ । କେଉଁ ଥାଇରଏଡରେ ପୀଡ଼ିତ । ପରୀକ୍ଷା ପରେ ହିଁ ନିଷ୍ପତ୍ତି ନିଅନ୍ତୁ କଣ କରିବେ ।

### ।। ଜୀବନଶୈଳୀରେ ପରିବର୍ତ୍ତନ ।।

ଥାଇରଏଡ ଯୋଗୁ ଓଜନ କମୁଥିଲେ, ଆବଶ୍ୟକ ପୋଷଣ ପାଇବା ପାଇଁ ଖାଦ୍ୟପାନୀୟ କିଛିଟା ସୁଧାର ଆଣନ୍ତୁ । ନିୟମିତ ବ୍ୟାୟାମ ସହ ଭୋଜନର ମାତ୍ରା କମ କରି ସାଲାଡ ଓ ସିଝା ପରିବା ସାମିଲ କରନ୍ତୁ । ଏଥିସହିତ ଖାଦ୍ୟରେ ଲୁଣର ମାତ୍ରାକୁ ନିୟନ୍ତ୍ରିତ କରନ୍ତୁ ।

### ।। ନିଅନ୍ତୁ ଗ୍ରୀନ ଟି ।।

ଆଜିକାଲି ପ୍ରାୟ ଲୋକ ଓଜନ କମ କରିବା ପାଇଁ ଗ୍ରୀନ ଟି କୁ ପସନ୍ଦ କରୁଛନ୍ତି । ଏହା ଶରୀରର କୋଲେଷ୍ଟ୍ରଲସ୍ତରକୁ କମ କରିଥାଏ, ଯାହା ଫଳରେ ଓଜନ କମିଥାଏ । କିନ୍ତୁ ମନେ ରଖନ୍ତି ଥାଇରଏଡ ରୋଗୀଙ୍କ କ୍ଷେତ୍ରରେ ଗ୍ରୀନଟି ଅନେକ ସମୟରେ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ତେଣୁ ଏହା ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

### ।। ଔଷଧ ନେବାକୁ ଭୁଲନ୍ତୁ ନାହିଁ ।।

ଥାଇରଏଡ ରୋଗୀଙ୍କ ମୋଟା ହେବାର ଅନ୍ୟତମ କାରଣ ହେଉଛି ଔଷଧରେ ଅନିୟମିତତା । ତେଣୁ ନିୟମିତ ଔଷଧ ନେବାରେ ଅବହେଳା କରନ୍ତୁ ନାହିଁ ।

## ପାର୍ଟିଓୟାରରେ ନୂଆ ଟ୍ରେଣ୍ଡ

**ଗାଉନ୍, କାରୁକାର୍ଯ୍ୟ ଖଚିତ ଶାଢ଼ି ଓ ପାଶ୍ଚାତ୍ୟ ଶୈଳୀର ପୋଷାକର ଆଦର ବେଶୀ**

ଆଜିକାଲି ପରିବାରରେ ଏବଂ ସମାଜରେ ଏକାଧିକ ପାର୍ଟି ଆୟୋଜନ କରାଯାଉଛି । ପାର୍ଟିକୁ ଯିବା ପାଇଁ ବଜାରରେ ପୂର୍ବରୁ ସ୍ୱତନ୍ତ୍ର ଧରଣର ପୋଷାକ ଓ ଶାଢ଼ି (ପାର୍ଟିଓୟାର) ଉପଲବ୍ଧ ହେଉଛି । ବିଶେଷକରି ମହିଳାଙ୍କ ପାଇଁ ବିଭିନ୍ନ ପ୍ରକାରର କୁର୍ତ୍ତି, ଗାଉନ୍, ଟ୍ରାଉଜର ସେଟ୍, ଜିନ୍ସ, ଡେନିମ୍, ଶାଢ଼ି, ଟପ୍ସ, ମିଡି ଆଦି ମିଳୁଛି । ନିର୍ବନ୍ଧ, ବାହାଘର, ସଂଗୀତ କାର୍ଯ୍ୟକ୍ରମ କିମ୍ବା ସଭା ସମିତିରେ ଏସବୁ ପୋଷାକ ଓ ଶାଢ଼ି ମହିଳାମାନେ ସ୍ୱତନ୍ତ୍ର ଭାବେ ପିନ୍ଧୁଛନ୍ତି । ବଜାରରେ ମଧ ଭଳିକି ଭଳି ଡିଜାଇନ୍, ଲୁକ୍, ଫେସନ୍‌ର ପୋଷାକ ଓ ଶାଢ଼ି ସ୍ୱତନ୍ତ୍ର ଭାବେ ମିଳିଯାଉଛି । ରାଜଧାନୀର ବଡ଼ ବଡ଼ ସୋରୁ'ମ୍‌ରେ ପାର୍ଟିଓୟାର କଲେକ୍ସନ ମଧ ଉପଲବ୍ଧ କରାଗଲାଣି ।



### ଗାଉନ୍ ଚାହିଦା ଅଧିକ

ବିଶେଷକରି ମହିଳାଙ୍କ ପାର୍ଟିଓୟାରକୁ ଦୁଇଟି ବର୍ଗରେ ବିଭକ୍ତ କରାଯାଇଛି । ସେଥିରୁ ଗୋଟିଏ ଏଥନିକ୍ କଲେକ୍ସନ ହୋଇଥିବାବେଳେ ଅନ୍ୟଟି ୱେଷ୍ଟର୍ଣ୍ଣ ବା ପାଶ୍ଚାତ୍ୟ କଲେକ୍ସନ । ଏଥନିକ୍ କଲେକ୍ସନରେ ଡ୍ରେସ ପିନ୍ଧିବାକୁ ଭଲ ପାଉଥିବା ମହିଳାଙ୍କ ପାଇଁ ପ୍ଲାଜୋ ସାରାରା, ଟ୍ରାଉଜର ସେଟ୍ସ, ଗାଉନ୍, ସ୍କର୍ଟ ଟପ୍, ଲଙ୍ଗ୍ କୁର୍ତ୍ତି, ସର୍ଟ କୁର୍ତ୍ତିର ଚାହିଦା ଅଧିକ ରହିଛି । ପଣ୍ଡା ଲାଇଫ୍ ଷ୍ଟାଇଲ୍‌ର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ କହିବାନୁଯାୟୀ, ପୂର୍ବରୁ ବାହାଘର ଓ ନିର୍ବନ୍ଧ ପାଇଁ ଝିଅମାନେ ଲେହେଙ୍ଗା ନେଉଥିବାବେଳେ ଏବେ ଗାଉନ୍ ଅଧିକ ମାତ୍ରାରେ ନେଉଛନ୍ତି । ମୁଖ୍ୟତଃ ନିର୍ବନ୍ଧରେ ଝିଅମାନେ ଗାଉନ୍ ପିନ୍ଧୁଛନ୍ତି ବୋଲି ସେ କୁହନ୍ତି । ଗାଉନ୍‌ର ଦାମ୍ ୪ ହଜାର ଟଙ୍କାରୁ ଆରମ୍ଭ ହୋଇଛି । ସେହିଭଳି ଟ୍ରାଉଜର ସେଟ୍ ?ର ସର୍ବନିମ୍ନ ମୂଲ୍ୟ ୨୫୦୦ ଟଙ୍କା, ସ୍କଟ୍ ଟପ୍‌ର ସର୍ବନିମ୍ନ ମୂଲ୍ୟ ୩ ହଜାର ଟଙ୍କା ରହିଛି । ସେହିଭଳି ଲଙ୍ଗ୍ କୁର୍ତ୍ତିର ମୂଲ୍ୟ ୫ ହଜାର ଟଙ୍କାରୁ ଓ ସର୍ଟ କୁର୍ତ୍ତିର ମୂଲ୍ୟ ୧୫୦୦ ଟଙ୍କାରୁ ଆରମ୍ଭ ହୋଇଛି । ବିଭିନ୍ନ ସୋ'ରୁମ୍‌ରେ ଏହାର ସର୍ବନିମ୍ନ ଓ ସର୍ବାଧିକ ମୂଲ୍ୟ ଅବଶ୍ୟ ଭିନ୍ନ ଭିନ୍ନ ରହିଛି ।

### କାରୁକାର୍ଯ୍ୟ ଖଚିତ ଶାଢ଼ି

ପାର୍ଟିରେ ଶାଢ଼ି ପିନ୍ଧିବାକୁ ପସନ୍ଦ କରୁଥିବା ମହିଳାମାନେ ଏବେ ସେଲିବ୍ରେସନ୍ ଲୁକ୍ ଦେଉଥିବା ଷ୍ଟାଇଲିସ୍, ଏକ୍ସକ୍ଲୁସିଭ କଲର କମ୍ବିନେସନ ଥିବା ଡିଜାଇନର ଶାଢ଼ି ଅଧିକ ମାତ୍ରାରେ କିଣୁଛନ୍ତି । ଏସବୁ ଶାଢ଼ି ପାଖାପାଖି ଅଢ଼େଇ ହଜାରରୁ ୩ ହଜାର ଟଙ୍କା ମଧରେ ମଧ ମିଳିଯାଉଛି । ବିଶେଷକରି ଶାଢ଼ିର କାରୁକାର୍ଯ୍ୟ ଉପରେ ଦର ନିର୍ଭର କରିଥାଏ । ଭୁବନେଶ୍ୱରରେ ଏବେ ସାରାସ୍ ୱାର୍କ, ପାର୍ସି ୱାର୍କ, ଷ୍ଟୋନ୍ ୱାର୍କ ଏବଂ ଥ୍ରେଡ୍ ୱାର୍କ ହୋଇଥିବା ଶାଢ଼ିକୁ ମହିଳାମାନେ ପାର୍ଟିରେ ପିନ୍ଧିବାକୁ ଭଲ ପାଉଛନ୍ତି । ତେଣୁ ଏସବୁ ଡିଜାଇନ ଓ ଷ୍ଟାଇଲ୍‌ର ଶାଢ଼ି ସୋ'ରୁମ୍ ଗୁଡ଼ିକରେ ଉପଲବ୍ଧ କରାଯାଇଛି ।

### ପାଶ୍ଚାତ୍ୟ ପୋଷାକ

କମ୍ ବୟସର ଝିଅ ବା କିଶୋରୀଙ୍କ ମଧରେ ମିଡି ବା ସର୍ଟ ଫ୍ରକ୍‌ର ଚାହିଦା ଅଧିକ । ଏଥସହିତ ଫେସନଯୁକ୍ତ ଟପ୍ସ ମଧ କିଶୋରୀମାନେ କିଣୁଛନ୍ତି । କିଛି କିଶୋରୀ ଓ ଝିଅ ମଧ ଜିନ୍ସ ପୋଷାକକୁ ପାର୍ଟିଓୟାର ଭାବେ ଚୟନ କରୁଛନ୍ତି । ଜିନ୍ସରେ କ୍ରପ୍ ଜିନ୍ସ, ୪ଟା ବଟମ୍ ଥିବା ଜିନ୍ସ, ଡେନିମ୍‌ରେ ବୁଟ୍ କଟ୍ ଆଦି ଡିଜାଇନର ଚାହିଦା ଅଧିକ ରହିଛି । ଫୋକସ୍, ଡିଲ୍ ଓ ଚ୍ୟାନେଲ୍ ଏଫ୍ ଭଳି ବ୍ରାଣ୍ଡ ବଜାରରେ ଉପଲବ୍ଧ ହେଉଛି । ଏସବୁ ଜିନ୍ସ ପ୍ୟାଣ୍ଟ ୯୯୯ ଟଙ୍କାରୁ ଆରମ୍ଭ ହେଉଛି ।





## ଘରେ ରଖନ୍ତୁ ଫେଙ୍ଗସୁଇ ଗାଈ: ମିଳିବ ଅନେକ ଫାଇଦା

**ଚାଇନିଜ୍ ବାସ୍ତୁଶାସ୍ତ୍ର ଫେଙ୍ଗସୁଇରେ ଏପରି ଅନେକ ଜିନିଷ ରହିଛି ଯାହାକୁ ଘରେ ଓ ଦୋକାନରେ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ । ଘରୁ ନକାରାତ୍ମକ ଶକ୍ତି ଦୂର କରିବା ପାଇଁ ଓ ସକରାତ୍ମକ ଶକ୍ତିର ପ୍ରବାହକୁ ବଢ଼ାଇବା ପାଇଁ ଗାଈ ଶୁଭ ବୋଲି କୁହାଯାଏ । ହିନ୍ଦୁ ଧର୍ମରେ ଗାଈର ମହତ୍ତ୍ୱ ଯେପରି, ପେଙ୍ଗସୁଇରେ ମଧ ଠିକ୍ ସେହିପରି । ଆସନ୍ତୁ ଜାଣିବା ଫେଙ୍ଗସୁଇର ଗାଈ ଘରେ ରଖିଲେ କ'ଣ ଫଳ ମିଳେ ।**

୧) ଫେଙ୍ଗସୁଇ ଅନୁଯାୟୀ, ଗାଈର ପ୍ରତୀକ ଅଫିସ୍ କିମ୍ବା ଘରେ ସ୍ଥାପିତ କଲେ ଅତ୍ୟନ୍ତ ଶୁଭପଳ ପ୍ରାପ୍ତ ହୁଏ । ପରିବାରର ସଦସ୍ୟଙ୍କୁ ସୌଭାଗ୍ୟ ପ୍ରାପ୍ତି ହୁଏ ।

୨) ବାଛୁରୀକୁ କ୍ଷୀର ପିଆଉଥିବା ଗାଈର ପ୍ରତୀକ ରଖିଲେ ଆପଣଙ୍କୁ ଯୋଗ୍ୟ ସନ୍ତାନ ପ୍ରାପ୍ତି ହେବ । ଏଥିସହ ଆପଣଙ୍କ ସନ୍ତାନକୁ କେବେ ହେଲେ ଧନଭାବ ହେବନାହିଁ ।

୩) ଯଦି ପିଲାଙ୍କର ପାଠପଢ଼ାରେ ମନ ଲାଗୁ ନାହିଁ, ତେବେ ପିଲାଙ୍କ ଷ୍ଟଡି ଟେବୁଲ୍‌ରେ ଏହି ଗାଈକୁ ରଖନ୍ତୁ । ଏହାଦ୍ୱାରା ସେମାନଙ୍କର ପାଠ ପ୍ରତି ଏକାଗ୍ରତା ବଢ଼ିବ ।

୪) ଫେଙ୍ଗସୁଇ ଗାଈକୁ ଘରର ଦକ୍ଷିଣ-ପୂର୍ବ ଦିଗରେ ରଖିଲେ ଆପଣଙ୍କ କଠିନ ସମୟରେ ଆପଣଙ୍କୁ ସାହସ ମିଳିଥାଏ । ଏହା ଆପଣଙ୍କ ଆତ୍ମବିଶ୍ୱାସକୁ କେବେ କମ୍ ହେବାକୁ ଦେଇନଥାଏ ।

୫) ଫେଙ୍ଗସୁଇ ଗାଈକୁ ଘରେ ରଖିବାଦ୍ୱାରା ଘରେ କେବେହେଲେ କୌଣସି ପ୍ରକାରର ଅଭାବ ଅନଟନ ଦେଖାଯାଏ ନାହିଁ । ବିଶେଷ କରି କଏନ୍ ଗଦି ଉପରେ ବସିଥିବା ଗାଈ ରଖିଲେ ଘରେ ଧନବୃଦ୍ଧି ହୋଇଥାଏ ।



## ନବଜାତକଙ୍କଠାରେ ଦେଖାଯାଉଥିବା କିଛି ସାଧାରଣ ଲକ୍ଷଣ

**ନବଜାତ ଶିଶୁ ଘରକୁ ଆସିବା ପରେ ସମସ୍ତ ପରିବାରବର୍ଗଙ୍କ ମଧରେ ଖୁସିର ଲହରୀ ଖେଳିଯାଇଥାଏ । ଏହି ସମୟରେ ଶିଶୁର କିଛି ସମସ୍ୟା ଅସାଧାରଣ ଦେଖାଗଲେ ବି ଏହା ପ୍ରକୃତରେ ସଂପୂର୍ଣ୍ଣ ସାଧାରଣ ହୋଇଥାଏ । ଏସବୁ ପରିବର୍ତ୍ତନ ପାଇଁ ଆମେ ଆଦେଶ ବ୍ୟସ୍ତ ନହୋଇ ନବଜାତର ଆଗମନକୁ ଖୁସିର ସହ ସ୍ୱାଗତ କରିବା କଥା ।**

◆ ନବଜାତ ଶିଶୁର ଆଖିର କଳାଡୋଳା ପାର୍ଶ୍ୱରେ ଲାଲ ଦେଖାଯିବା ବା ଆଖିପତା ଫୁଲିବା । ଏହି ଲାଲଦାଗ ଏବଂ ଫୁଲା ଧୀରେ ଧୀରେ ଏକ ସପ୍ତାହ ମଧରେ ଚାଲିଯାଏ ।

◆ ଅନେକ ସମୟରେ ଦେଖାଯାଏ ଶିଶୁର ସ୍ତନ ଫୁଲିଯାଏ । ଏପରି ହୋଇଥିଲେ ଏହାକୁ ଦବାନ୍ତୁ ନାହିଁ ବା ସେଥିରୁ କ୍ଷୀର ବାହାର କରନ୍ତୁ ନାହିଁ । ଏମିତି କରିବା ଦ୍ୱାରା ସଂକ୍ରମଣ (ଇନ୍‌ଫେକ୍‌ସନ୍)ର ସମ୍ଭାବନା ଅଧିକ ରହିଥାଏ । ଯାହାକି ଶିଶୁ ପାଇଁ ବିପଦ ବା ସମସ୍ୟା ସୃଷ୍ଟି କରେ ।

◆ ନବଜାତ କନ୍ୟା ଶିଶୁମାନଙ୍କ ଯୋନିରୁ ହେଉଥିବା ସ୍ରାବ ସହିତ ଅଳ୍ପ ରକ୍ତସ୍ରାବ ମଧ ଏକ ସାଧାରଣ ଘଟଣା । ଏହା ୨ରୁ ୩ଦିନ ମଧରେ ଠିକ୍ ହୋଇଯାଏ । ଏହା ମା'ର ହରମୋନାଲ ଉଇଥ୍‌ଡ୍ରୟାଲ ପାଇଁ ଶିଶୁ ପାଖରେ ଏଭଳି ସମସ୍ୟା ଦେଖାଦିଏ ।

◆ ଅନେକ ନବଜାତକଙ୍କ ତାଲୁରେ ଛୋଟ ଧଳା ସୋରିଷ ଆକାରର, ପଷ୍ଟନ୍ ପର୍ଲ ଦେଖାଯାଏ । ଯାହା ଏକ ସପ୍ତାହ ମଧରେ ଆପଣା ଛାଏଁ ଉଭାନ୍ ହୋଇଯାଏ ।

◆ କିଛି ନବଜାତକମାନଙ୍କର ପିଠି, ଅଣ୍ଟା, ଗୋଇଠି ଚାରି କଡରେ କଳା ଓ ଧୂସର ରଙ୍ଗର ଦାଗ ଦେଖାଯାଏ । ଏଭଳି ଦାଗକୁ ମଙ୍ଗୋଲିଆନ ସ୍ପଟ୍ ବୋଲି କୁହାଯାଏ । ଏହା ଶିଶୁକୁ ଏକ ବର୍ଷ ବୟସ ହେଲାବେଳକୁ ସଂପୂର୍ଣ୍ଣଭାବେ ଚାଲିଯାଏ ।



◆ କିଛି ନବଜାତ ଯେଉଁମାନେ ସାମ୍ଭାବ୍ୟ ତାରିଖ ପରେ ଜନ୍ମ ହୋଇଥାନ୍ତି ସେମାନଙ୍କର ଚର୍ମ ଫାଟିବା ବା ଚର୍ମ ଛାଡିବା ପରି ସମସ୍ୟା ଦେଖାଯାଏ ।



# ଭୁବନେଶ୍ୱର ରେଳ ଷ୍ଟେସନର ବିକାଶ କାର୍ଯ୍ୟ ତଦାରଖ ପାଇଁ କ୍ୟାମ୍ପ ଅଫିସ୍ କାର୍ଯ୍ୟ ଆରମ୍ଭ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ଭୁବନେଶ୍ୱର ରେଳ ଷ୍ଟେସନର ପ୍ରସ୍ତାବିତ ପୁନଃ ବିକାଶ କାର୍ଯ୍ୟ ତଦାରଖ ପାଇଁ ଷ୍ଟେସନ ସାମ୍ନାରେ ଅସ୍ଥାୟୀ କ୍ୟାମ୍ପ ଅଫିସ୍ କାର୍ଯ୍ୟ ଆରମ୍ଭ କରାଯାଇଛି।

ଯାତ୍ରୀଙ୍କ ଅନୁକୂଳ ସୁବିଧା ସହିତ ବିଶ୍ୱ ସ୍ତରୀୟ ଭିତିଭୂମି ଭାବରେ ଭୁବନେଶ୍ୱର ରେଳ ଷ୍ଟେସନକୁ ପୁନଃ ବିକାଶ କରାଯାଉଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରୂପ ନାରାୟଣ ସୁନକର ନିଜେ ଏହି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ଏବଂ ତଦାରଖ କରୁଛନ୍ତି ଏବଂ ବିଶ୍ୱ ସ୍ତରର ଭିତିଭୂମି ସହିତ ଯାତ୍ରୀ ଅନୁକୂଳ ସୁବିଧା ସହିତ ଏହି ପ୍ରକଳ୍ପ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ସଠିକ୍ ସମନ୍ୱୟ ସହିତ ନିର୍ମାଣ କାର୍ଯ୍ୟର କାର୍ଯ୍ୟକାରିତା ଉପରେ ସବିଶେଷ ଏବଂ ସଠିକ୍ ଯୋଜନା ପ୍ରତି ଗୁରୁତ୍ୱାରୋପ ଦେବାପାଇଁ ଶ୍ରୀ ସୁନକର ମଧ ଅଧିକାରୀ ମାନଙ୍କୁ କହିଛନ୍ତି ।

ଏହି ବିକାଶ ପ୍ରକ୍ରିୟାରେ ଅନେକ ସୁବିଧା ପ୍ରଦାନ କରାଯିବାକୁ ଯୋଜନା କରାଯାଇଛି। ନୂତନ ବିଲ୍ଡିଂ, ବିସ୍ତୃତ ଚଳପ୍ରଚଳ କ୍ଷେତ୍ର ସହିତ କନକୋର୍ସ, ପ୍ଲାଟଫର୍ମ ଲାଇଟିଙ୍ଗ, ୱେଟିଂ ରୁମ୍, ଏୟାର କନକ୍ୱୋର୍ସ, ପ୍ଲାଟଫର୍ମ ଏବଂ ପ୍ଲାଟଫର୍ମ ଆଶ୍ରୟସ୍ଥଳର ନବୀକରଣ, ଫୁଡ୍ କୋର୍ଟ ଜୋନ୍ ଏବଂ ସଫିଂ କ୍ଷେତ୍ର ଏବଂ ବର୍ଜ୍ୟବସ୍ତୁ ପରିଚାଳନା, ଶୌଚାଳୟ, ସବୁ ପ୍ଲାଟଫର୍ମକୁ ଯୋଡିବା ପାଇଁ ଫୁଟ ଓଭର ବ୍ରିଜ ସହିତ ଲିଫ୍ଟ ଓ ଏସ୍କାଲେଟର ବ୍ୟବସ୍ଥା ସହିତ ଯାତ୍ରୀମାନଙ୍କ ଆରାମ ପାଇଁ ବହୁତ ଆବଶ୍ୟକୀୟ ଯାତ୍ରୀ ପରିସେବାକୁ ପ୍ରାଥମିକତା ଦିଆଯାଉଛି । ଏହା ସହିତ ସୁସଜ୍ଜିତ ସେବା ରାସ୍ତା, ଯାନ ପାର୍କିଂ, ଡ୍ରେନ୍, ସାଇନେଜ୍ ଏବଂ ଡିଭାଇଡରର ବ୍ୟବସ୍ଥା ରହିବ । ନୂତନ ବିଲ୍ଡିଂରେ ସୁସଜ୍ଜିତ ସର୍କୁଲାର କ୍ଷେତ୍ର ବ୍ୟତୀତ ଉଚ୍ଚ ମାନକ ଡର୍ମଟୋରି ଏବଂ ରିଟାୟାରିଙ୍ଗ ରୁମ ରହିବ।

ଏହି ବିକାଶ କାର୍ଯ୍ୟରେ ରେଳ ଅଂଶ କାମ ରେଳବାଇ ନିଜେ କରିବ। ଏହି କାର୍ଯ୍ୟକୁ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଭୁବନେଶ୍ୱର ରେଳ ଷ୍ଟେସନର ପୁନଃ ବିକାଶ କାର୍ଯ୍ୟ ପାଇଁ ରେଳ ମନ୍ତ୍ରଣାଳୟ ୩୦୮ କୋଟି ଟଙ୍କା ମଞ୍ଜୁର କରିଛି। ଏହି ପ୍ରକଳ୍ପକୁ ପୂର୍ବତଟ ରେଳପଥ ନିର୍ମାଣ ବିଭାଗକୁ କାର୍ଯ୍ୟ ସମ୍ପାଦନ ପାଇଁ ନିୟୋଜିତ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇସାରିଛି ଏବଂ କାର୍ଯ୍ୟ ସଂସ୍ଥା ନିୟୋଜିତ ହୋଇ ସାରିଛି। ପ୍ରକଳ୍ପର ନିର୍ମାଣ ଅବଧି କାର୍ଯ୍ୟ ଆରମ୍ଭରୁ ୨୪ ମାସ ମଧ୍ୟରେ ସମାପ୍ତ କରିବାକୁ ଧାର୍ଯ୍ୟ କରାଯାଇଛି। ଓଡିଶାର ଚାଲିଥିବା ସମସ୍ତ ରେଳ ପ୍ରକଳ୍ପରେ ଜାତୀୟ ଗୁରୁତ୍ୱ ରହିଛି। ରେଳବାଇ ପ୍ରକଳ୍ପଗୁଡିକ ପାଇଁ ସମସ୍ତ ପ୍ରକାର ତଥ୍ୟ /ନିବେଶ ଆଦେଶ ଦିଆଯାଇଛି ।

# ମହୋଦଧି ଦିବସ ପାଳିତ : କାଏକିଂର ଦୃଶ୍ୟ ଉପଭୋଗ କଲେ ପର୍ଯ୍ୟଟକ

ପୁରୀ, ୧୩/୧୨ (ନି.ପ୍ର): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମୁଖ୍ୟ ଦି ବେଲ୍ ଓ ଷ୍ଟେଟ ବ୍ୟାଙ୍କ୍ ର ମିଳିତ ସହଯୋଗରେ ସୋମବାର ପାଳିତ ହୋଇଯାଇଛି ମହୋଦଧି ଦିବସ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା କାଏକିଂ ରାଲି । ପୁରୀ ସମୁଦ୍ରରେ ବେଲ୍ ଅନୁଷ୍ଠାନ ତରଫରୁ ପ୍ରଥମ ଥର ପାଇଁ ଏହା ଆୟୋଜିତ ହୋଇଥିଲା। କଟକର ଓଡିଶା ମାରିଟାଇମ କଳିଙ୍ଗ ସରଫ ଲାଇଫ ଶେଭିଙ୍ଗ ସୋସାଇଟି ଓ ପୁରୀର କଳିଙ୍ଗ ସରଫିଙ୍ଗଲାଇଫ ସୋସାଇଟି ଅନୁଷ୍ଠାନର ୮ଜଣ ଯୁବକ ଅଲିଭ ରିଡଲେର ସୁରକ୍ଷା କରନ୍ତୁ ସମୁଦ୍ର ବଂଚନ୍ତୁ ବାର୍ତା ନେଇ ବଳିଆ ପଣ୍ଡା ଠାରୁ ଏହି ରାଲି ସମୁଦ୍ର ଭିତରେ ନୀଳାଦ୍ରି ବିଚ୍ ପର୍ଯ୍ୟନ୍ତ ଯାଇଥିଲା। ଏହି ରାଲି କୁ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ ପତାକା ଦେଖାଇ ଉଦ୍ଘାଟନ କରିଥିଲେ। ସେହିପରି ନୀଳାଦ୍ରି ବିଚ୍ ମୁକ୍ତାକାଶ ରଙ୍ଗମଂଚରେ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ମହିଳା ମାନଙ୍କ ମଧ୍ୟରେ ମିଉଜିକ ଚେୟାର ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପରିବେଶ ଓ କଇଁଛ ସୁରକ୍ଷା ଦିଗରେ କାର୍ଯ କରି ଅନ୍ତରାଷ୍ଟ୍ରୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସହିତ ଲିମକା ବୁକ୍ ରେ ନିଜ ନାମ ସାମିଲ କରିଥିବା ଯୁବ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ମହୋଦଧି ସମ୍ମାନ - ୨୦୨୨ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲାପାଳ ସମର୍ଥ ବର୍ମା 'ମହୋଦଧି ଉତ୍ସବ' ଅନୁଷ୍ଠାନର ଏକ ନିଆରା ପ୍ରୟାସ ଓ ଏହା ଆଗାମୀ ସମୟରେ ଓଡ଼ିଶାର ପ୍ରତ୍ୟେକଟି ଉପକୂଳ ଅଂଚଳର ସୁରକ୍ଷା ପାଇଁ ବାର୍ତା ବହନ କରିବ ବୋଲି କହିଥିଲେ।ବେଲ୍ ର ଆବାହକ ସିଦ୍ଧାର୍ଥ ରାୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଓଡ଼ିଶାର ବିସ୍ତୃତ ଉପକୂଳ ବର୍ତମାନ କ୍ଷୟ ହେବାକୁ ବସିଛି ଯାହା ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେଉଛି ତେଣୁ ବେଲ୍ ଦ୍ୱାରା ଆରମ୍ଭ କରାଯାଇଥିବା ମହୋଦଧି ଉତ୍ସବ ଲୋକଙ୍କ ମନରେ ସମୁଦ୍ର ଓ ଉପକୂଳ ଅଂଚଳର ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବ। ଏବଂ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସେତିକି ବେଳେ ସଫଳ ହେବ ଯେତେବେଳେ ଓଡ଼ିଶାର ପ୍ରତ୍ୟେକ ଉପକୂଳବର୍ତୀ ଜିଲ୍ଲାରେ ଏହି କାର୍ଯକ୍ରମ ଅନୁଷ୍ଠିତ ହେବ । ଏଥି ସହିତ ଏହି ବର୍ଷ କୋଣାର୍କ ଠାରେ ମଧ ମହୋଦଧି ଉତ୍ସବ ବିଭିନ୍ନ ଅନୁଷ୍ଠାନ ତରଫରୁ ପାଳିତ ହେଉଛି ବୋଲି ସୂଚନା ଦେଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ମହୋଦଧି ଉତ୍ସବର ପତାକା ଉତୋଳନ କରାଯିବା ସହିତ ଉପସ୍ଥିତ ଦର୍ଶକ ଓ ଛାତ୍ର ଛାତ୍ରୀ ମାନେ ମିଳିତ ଭାବରେ ମହୋଦଧି ସୁରକ୍ଷା ସମ୍ପର୍କରେ ଶପଥ ପାଠ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ, ପୁରୀ ମୁଖ୍ୟ ଶାଖାର ପରିଚାଳକ ବିଜୟ କୁମାର ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିଶୁ ସମାଚାରର ସୁକାନ୍ତ କୁମାର ପଣ୍ଡା, ଶ୍ରୀ ସାଇ ଉଦୟ ଲକ୍ଷ୍ମୀ ଟ୍ରଷ୍ଟ ର ରାଜ କିଶୋର ପାତ୍ର, ସମର୍ପଣର ବ୍ରଜ କିଶୋର ସାହୁ, ବୋଧିଚକ୍ରର ଉମେଶ ଚନ୍ଦ୍ର ଦାସ, ଶ୍ରୀକ୍ଷେତ୍ର ଦିବ୍ୟାଙ୍ଗ ସେବା ସଂଗଠନର ଗଜଲକ୍ଷ୍ମୀ ରାୟ, ସଂକଳ୍ପ ଫାଉଣ୍ଡେସନର ସୁଚରିତା ପାଢ଼ୀ, ଆର୍ଟ ଅଫ ଲିଭିଂ ର ସୁଚିସ୍ମିତା ମହାନ୍ତି, ଅନ୍ୱେଷଣ ର ସନ୍ତୋଷ କୁମାର ରାଉତଙ୍କ ସମେତ ଦି ବେଲ୍ ୟୁଥ୍ ଫୋରମ୍ ର ସତ୍ୟନାରାୟଣ ସାହୁ, ଓମ୍ ପ୍ରସାଦ ମହାନ୍ତି, ଟିକିନା ପ୍ରଧାନ, ଅମର ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ସରକାରୀ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ନେଇ ଅଷ୍ଟ୍ରେଲିଆ ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ବର୍ତମାନ ରାଜ୍ୟରେ ଥିବା ସରକାରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ କରାଯିବା ପରିପ୍ରେକ୍ଷୀରେ ସୋମବାର ଭୁବନେଶ୍ୱରଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ଉପସ୍ଥିତିରେ ମିନିଷ୍ଟର କାଉନ୍ସିଲ୍ର (ଶିକ୍ଷା ଓ ଗବେଷଣା) ଅଷ୍ଟ୍ରେଲିଆ ମି. ମାଥ୍ୟୁ ଜନ୍ଷ୍ଟନ, ଡାଇକିନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଇୟାନ୍ ମାର୍ଟିନ୍ ଏବଂ ମି. ଡାନିୟେଲ୍ ସିମ୍ (ଡେପୁଟି କନ୍ସୁଲେଟ୍ ଜେନେରାଲ୍), ଅଷ୍ଟ୍ରେଲିଆନ୍ କନ୍ସୁଲେଟ୍ ଜେନେରାଲ୍, କୋଲକାତାଙ୍କ ମିଳିତ ପ୍ରତିନିଧି ମଣ୍ଡଳୀ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ଓ ସୃଜନଶୀଳତାର ବିକାଶ ନିମନ୍ତେ ସହଯୋଗର ନକ୍ସା ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ନିକଟରେ ଉପସ୍ଥାପିତ କରିଥିଲେ। ଅଷ୍ଟ୍ରେଲିଆର ବିଭିନ୍ନ ବିଶ୍ୱବିଦ୍ୟାଳୟ ଗୁଡ଼ିକର ଉଚ୍ଚଶିକ୍ଷାର ସମ୍ପୂର୍ଣ୍ଣ ଚିତ୍ର ତଥା ବିଶ୍ୱରେ ଗବେଷଣା କ୍ଷେତ୍ରରେ ଉପଲବ୍ଧି କରିଥିବା ପ୍ରସିଦ୍ଧିର ତଥ୍ୟ ଶିକ୍ଷାବିତ୍ ମାନେ ଅବଗତ ହୋଇଥିଲେ । ଅନ୍ୟପକ୍ଷରେ ଛାତ୍ରଛାତ୍ରୀମାନେ ଦକ୍ଷ ହେବା ଜରୁରୀ । ଚାକିରି ନଖୋଜି ଚାକିରି ପ୍ରଦାନକାରୀ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଥିଲେ । ସହଯୋଗଭିତିକ ଶିକ୍ଷା ପ୍ରଦାନରେ ଓଡ଼ିଶାର ଛାତ୍ରଛାତ୍ରୀମାନେ ପରିବର୍ତନଶୀଳ ଶିକ୍ଷା ବ୍ୟବସ୍ଥାରେ ସକ୍ଷମ ବନିପାରିବା ସହ ଆନ୍ତର୍ଜାତିକ ସ୍ତରରେ ଗବେଷଣାରେ ପ୍ରସିଦ୍ଧି ଲାଭ କରିପାରିବେ ବୋଲି ସେ ମତପ୍ରକାଶ କରିଥିଲେ ।

ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ବିଶ୍ୱବିଦ୍ୟାଳୟ ଶିକ୍ଷାରେ ରୂପାନ୍ତରୀକରଣ ପ୍ରକ୍ରିୟା ସମ୍ବନ୍ଧରେ ବିଶେଷ ତଥ୍ୟ ଉପସ୍ଥାପିତ କରିଥିଲେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା କାଉନ୍ସିଲର (ଓଏସ୍ଏଚ୍ଇସି) ଉପାଧ୍ୟକ୍ଷ ପ୍ର. ଅଶୋକ ଦାସ ଦକ୍ଷତା ବିକାଶ ଓ ଗବେଷଣା କ୍ଷେତ୍ରରେ ସହଯୋଗର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିବା ସହ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନେ ବିଭିନ୍ନ ତଥ୍ୟ ଉପସ୍ଥାପିତ କରିଥିଲେ। ଶେଷରେ ବିଭାଗର ଅତିରିକ୍ତ ଶାସନ ସଚିବ ବୀରେନ୍ଦ୍ର କରକରା ଧନ୍ୟବାଦ ଅର୍ପଣ କରିଥିଲେ । ସେଂଚୁରିଅନ୍ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ମୁକ୍ତିକାନ୍ତ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ ।

## ବିଜୁ ପଟ୍ଟନାୟକ ମହିଳା କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

ସୁବର୍ଣ୍ଣପୁର, ୧୩/୧୨ (ନି.ପ୍ର): ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ୨୫ ତମ ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ ମଶାଲ ଶୋଭାଯାତ୍ରା ମା ସୁରେଶ୍ୱରୀଙ୍କ ମନ୍ଦିରରୁ ବାହାରି ଏହି ଷ୍ଟାଡିୟମରେ ପହଂଚିଥିଲା। ଏହି ଅବସରରେ ଆୟୋଜିତ ଏକ ସଭାରେ ମହିଳା କଲେଜର ଅଧକ୍ଷା ରିତାରାଣୀ ପୂଜାରୀ ଅଧକ୍ଷତା କରିଥିବା ବେଳେ ଏଡିଏମ ତଥା କଲେଜ ପରିଚାଳନା କମିଟିର ସଭାପତି ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦଘାଟନ କରି କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଅଧାପିକା ସଂଜୁ ରାଣୀ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସର୍ବମୋଟ ୧୧ ଗୋଟି ଇଭେଂଟ ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ଏଥିରେ ଯୁକ୍ତ ୩ ର ଶେଷ ବର୍ଷ ର ଛାତ୍ରୀ ସୁଜାତା ନାଏକ ଚମ୍ପିୟାନ ହୋଇଥିଲେ। ଅଧାପକ ଦୁଃଖିଶ୍ୟାମ ମେହେର ମଂଚ ପରିଚାଳନା କରିଥିବା ବେଳେ ଅଧାପକ ମଦନ ସୁନ୍ଦର ଖେତୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ଅଧକ୍ଷ ଅଭିମନ୍ୟୁ କୁଶଳ ଉଦଯାପନୀ ଉତ୍ସବରେ ଯୋଗଦେଇ କୃତି ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ଭୁକୁଲୁ ବକ୍ସି ଓ ପ୍ରଭାସିନି ରଥ ଖେଳ ପରିଚାଳନା କରିଥିଲେ।

ଅଧାପିକା ମିତାଶ୍ରୀ ବାରିକ, ଚେର ବୃଜ ହୋତା, ରଂଜିତା ମିଶ୍ର, ସଂକୁରା ଶୀ ସିଂ, ଆରତୀ ହୋତା, ମଦନ ପଣ୍ଡା, ଖିରୋଦ ମେହେର, ସଲିଳ ବେହେରା, ସଂଜୀବ ହୋତା, ଅନାର୍ଯ୍ୟାମୀ ମିଶ୍ର, ସୁଦାମ ସାହୁ, ପ୍ରଦୀପ୍ତ ଦାଶ, ସୁରେନ୍ଦ୍ର ଛତ୍ରିଆ, ହରିଙ୍ଗ କୁଶଳ ପ୍ରମୁଖ ସମସ୍ତ ଟିଚିଙ୍ଗ ନନ ଟିଚିଙ୍ଗ କର୍ମଚାରୀ ଖେଳରେ ସହଯୋଗ କରିଥିଲେ।

# ମାଲକାନଗିରି ମହାବିଦ୍ୟାଳୟରେ ପ୍ରଥମ ଥର ପାଇଁ ଜିଲ୍ଲାସ୍ତରୀୟ ଆନ୍ତଃମହାବିଦ୍ୟାଳୟ କ୍ରିକେଟ ଓ ଭଲିବଲ ଟୁର୍ଣ୍ଣମେଂଟ ଆୟୋଜନ

ମାଲକାନଗିରି, ୧୩/୧୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟରେ ପ୍ରଥମ ଥର ପାଇଁ ଜିଲ୍ଲାସ୍ତରୀୟ ଆନ୍ତଃମହାବିଦ୍ୟାଳୟ କ୍ରିକେଟ ଓ ଭଲିବଲ ଟୁର୍ଣ୍ଣମେଣ୍ଟ ଆୟୋଜନ ହୋଇଛି ।ଏହି ଟୁର୍ଣ୍ଣମେଣ୍ଟ ତା,୧୨/୧୨/ ୨୦୨୨ ରୁ ଆରମ୍ଭ ହୋଇ ୧୫/୧୨/୨୦୨୨ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଧୃବଚରଣ ମୁଦୁଲି ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ମାଲକାନଗିରି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ନମିତା ଦଣ୍ଡସେନା ସଭା ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ରୂପେ ବରିଷ୍ଠ ପ୍ରାଧାପକ ଲିଙ୍ଗରାଜ ମିଶ୍ରଙ୍କ ସମେତ ଜିମୁତ ନାୟକ, ତପନ କୁମାର ବେହେରା, ସୁଶାନ୍ତ କୁମାର ମାଝୀ, ଗୌତମ ନାୟକ, ପ୍ରେମରେଖା ଭତ୍ରା, ପ୍ରମୀୟ କୁମାର ମହାନ୍ତି, ଉମେଶ ଚନ୍ଦ୍ର ରାଉତ, ଅଭିମନ୍ୟୁ ଦଳ ବେହେରା ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

ଏହି ଅବସରରେ ଜିଲ୍ଲାର ୮ଗୋଟି ମହାବିଦ୍ୟାଳୟ କ୍ରିକେଟ ଓ ଭଲିବଲ ଟୁର୍ଣ୍ଣମେଂଟରେ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଉଦଘାଟନ କରିଥିଲେ। ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଟିମ ମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଆଥଲେଟର ସଦସ୍ୟ ଅଧାପକ ଜିମୁତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଞ୍ଜେଇ ଜବତ: ୨ ଗିରଫ

ଜୟପୁର, ୧୩/୧୨ (ନି.ପ୍ର): ବୈପାରୀଗୁଡା ପୋଲିସ ୪୩ କେଜି ଗଞ୍ଜେଇ ଜବତ କରିବା ସହ ୨ ଅଭିଯୁକ୍ତ ଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତ ମଧ୍ୟରୁ ଜଣେ ଜୟପୁର ଖ୍ରୀଷ୍ଟିଆନ୍ ସାହିର ଯୀଶୁଦାନ ମହାନ୍ତ ବେନିୟା ଆଉ ଜଣେ ବୈପାରୀଗୁଡା ଥାନା ଅନ୍ତର୍ଗତ କେରାପୁଟ ଗ୍ରାମର ରବି ଖିଲ ବୋଲି ଜଣା ପଡିଛି । ବୈପାରୀଗୁଡା ଥାନା ଅନ୍ତର୍ଗତ ଦଶମନ୍ତପୁର ଛକରେ ଗାଡି ଯାଂଚ ବେଳେ ୨ଟି ବାଇକ ଯୋଗେ ବ୍ୟାଗରେ ଗଞ୍ଜେଇ ଚୋରା ଚଲାଣ ବେଳେ ପୋଲିସ ହାତରେ ଧରାପିଡ଼ିଲେ । ୨ଟି ବାଇକ ସହ ୪୩କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବୈପାରୀଗୁଡା ଥାନା ଅଧିକାରୀ ଅଶ୍ୱନୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ରାଇରଙ୍ଗପୁରଠାରେ ଉପଖଣ୍ଡ ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ରାଇରଙ୍ଗପୁର, ୧୩/୧୨ (ନି.ପ୍ର): ଆଜି ବାମନଘାଟି ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ବାମନଘାଟି ଉପଜିଲ୍ଲାପାଳ ସରୋଜ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ତଥା ମୟୂରଭଞ୍ଜ ଜିଲ୍ଲପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ ଓ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ତଥା ରାଇରଙ୍ଗପୁର ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ହେମନ୍ତ କୁମାର ସିଂ ଯୋଗ ଦେଇଥିଲେ । ପ୍ରାରମ୍ଭ ରେ ଜିଲ୍ଲାପାଳ ଜନସାଧାରଣଙ୍କ ଠାରୁ ଆସୁଥିବା ଆପତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଆଜିର ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୭୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୫୮ ଟି ବ୍ୟକ୍ତିଗତ ସମସ୍ୟାଭିତିକ ଏବଂ ୧୨ଟି ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟାଭିତିକ ସାମୁହିକ ଅଭିଯୋଗ ଥିଲା । ଗ୍ରହଣ ହୋଇଥିବା ଆପତି ଅଭିଯୋଗ ମଧ୍ୟରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଏବଂ ସହାୟତା ରାଶି ପ୍ରଦାନ ପାଇଁ ଆସିଥିବା ୨ଟି ଅଭିଯୋଗର ଗୁରୁତ୍ୱ ଓ ପରିସ୍ଥିତିକୁ ବିଚାର କରି ଜଣଙ୍କୁ ୫ ହଜାର ଓ ଅନ୍ୟ ଜଣକୁ ୧୦ ହଜାର ଟଙ୍କା ଏପରି ମୋଟ୍ ୧୫ ହଜାର ଟଙ୍କା ସହାୟତା ରାଶି ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି । ଅନ୍ୟାନ୍ୟ ଆପତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା ର କାର୍ଯ୍ୟନିର୍ବାହୀ ଅଧିକାରୀ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର,ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗ ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କ ଦ୍ୱାରା ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ।

# ବିଦ୍ୟାଳୟ ଭିତରୁ ଧରାପଡିଲା ବିଦେଶୀ ମଦ ବଟଲିଂ କାରଖାନା : ୨ ଗିରଫ

ରାଉରକେଲା, ୧୩/୧୨ (ନି.ପ୍ର): ରାଉରକେଲା ନିକଟ ନୂଆଗାଁ ଅର୍ନ୍ତଗତ ଫୁଲଝର ଠାରେ ଥିବା ଏକ ଘରୋଇ ବିଦ୍ୟାଳୟ ପରିସରରେ ଚାଲିଥିବା ଏକ ବେଆଇନ ବିଦେଶୀ ମଦ ବଟଲିଂ କାରଖାନାକୁ ରାଉରକେଲା ଅବକାରୀ ବିଭାଗ ଠାବ କରିଛି। ସେଠାରୁ ୧୨୪୮ ବୋତଲ ମଦ ଜବତ ହେବା ସହ ଏହା ୯୩୬ ଲିଟର ହେବ ଓ ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ହେବ ବୋଲି ଅବକାରୀ ବିଭାଗ ପ୍ରକାଶ କରିଛି । ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି।

ରାଉରକେଲା ଠାରେ ଅବକାରୀ ବିଭାଗର କମିଶନର ଅଫିସ ହେବା ପରେ ଜିଲ୍ଲାରେ ଗଂଜେଇ, ନକଲି ମଦ କାରବାର ସମେତ ଏହାର ଚୋରା କାରବାର ସାଂଗକୁ ବ୍ରାଉନସୁଗାର, ଚରଶ ଭଳି କାରବାର ଦିନକୁ ଦିନ ବଢିଚାଲିଛି। ମଝି ମଝିରେ ଧରା ଯାଉଥିବା ଏହି ସବୁ ସାମଗ୍ରୀର ବିପୁଳ କାରବାର ତାର ଜ୍ୱଳନ୍ତ ଉଦାହରଣ । ରାଉରକେଲା ସହର ବର୍ତମାନ ବ୍ରାଉନସୁଗାର କାରବାରର ପେନ୍ସସ୍ଥଳୀ ସାଜିଛି। ଏଠାରୁ ବୀରମିତ୍ରପୁର, ରାଜଗାଂଗପୁର, ସୁନ୍ଦରଗଡ ଆଦି ସ୍ଥାନକୁ ଚାଲାଣ ହେଉଥିବା ବେଳେ ଏସବୁ ଆରାମରେ ବାଲେଶ୍ୱର ଓ କଲିକତା ଅଂଚଳରୁ ଆସୁଥିବା ଖବର ଯୋର ଧରିଥିବା ବେଳେ ନୂଆଗାଁର ଫୁଲଝର ବିଦ୍ୟାଳୟରେ ବଟଲିଂ କାରଖାନା ଧରାପଡିବା ଘଟଣା ଜିଲ୍ଲାରେ ନକଲି ନିଶା କାରବାର ବଢିବାରେ ଲାଗିଥିବା ନେଇ ହେଉଥିବା ଅଭିଯୋଗ ପ୍ରମାଣିତ ହୋଇଛି । ଅବକାରୀ ବିଭାଗ ଏହି କାରଖାନାକୁ ଠାବ କଲାପରେ କହିଛି ଯେ, ଏହି ମଦ ରାଂଚି ଅଂଚଳରୁ ଚାଲାଣ ହେଉଥିଲା, ବିଭିନ୍ନ ଯାଗାରୁ ବୋତଲ ସଂଗ୍ରହ କରାଯାଇ ନକଲି ଲେବୁଲ ଓ ସିଲ୍ ଦ୍ୱାରା ଏସବୁ ପ୍ରସ୍ତୁତ କରାଯାଇ ସହରାଂଚଳରେ ଥିବା ଢାବା, ବସ୍ତି ଗୁଡିକରେ ଥିବା ଚୋରା ମଦବେପାରୀ ମାନଂକୁ ଏସବୁ ଚାଲାଣ କରାଯାଉଥିଲା । ଅନେକ ସମୟରେ ବିଦେଶୀ ମଦ ଦୋକାନ ଗୁଡିକରେ ନକଲି ବିଦେଶୀ ମଦ ବିକ୍ରୀ ହେଉଥିବାର ଯେଉଁସବୁ ଅଭିଯୋଗ ହେଉଥିଲା ତାହା ଏହି କାରବାରରୁ ଅଧିକ ସୁଦୃଢ ହୋଇଥିବା ଜଣାପଡିଛି । ରାଉରକେଲା ସମେତ ବେଦବ୍ୟାସ, ରାଜଗାଂଗପୁର, ରାସ୍ତାକଡରେ ଥିବା ଢାବା ଗୁଡିକରେ ଏସବୁ ମଦ ଅଧିକରୁ ଅଧିକ ଚାଲିଥିବା ବେଳେ ଅବକାରୀ ବିଭାଗ ଓ ପୁଲିସ ଏନେଇ ସଂପୁର୍ଣ ନିରବ ଦ୍ରଷ୍ଟା ସାଜିଛି। ଫଳରେ ଏହି ନକଲି ନିଶା କାରବାର ଲାଭ ଦାୟକ ହେବାରୁ ଏଠାରେ ଅତି ସହଜରେ ସୁପରଫାଇନ ବୁଦ୍ଧି ଲଗାଇ ଏକ ଶିକ୍ଷାନୁଷ୍ଠାନରେ ଏହି ବେପାରର କାରଖାନା ଲଗାଯାଇ କାରବାର ଚଳା ଯାଉଥିଲା ବୋଲି କୁହାଯାଉଛି । ପଡୋଶୀ ରାଜ୍ୟରେ ବିଦେଶୀ ମଦ ଶସ୍ତା ହୋଇଥିବା ବେଳେ ଓଡିଶାରେ ତାହା ମହଙ୍ଗା, ତେଣୁ ସେଠାରୁ ଚୋରାରେ ବିଦେଶୀ ମଦ ଓଡିଶାର ରାଉରକେଲା ଅଂଚଳକୁ ଚାଲାଣ କରାଯାଇ ବେପାର କରି ସଫଳ ହେବା ପରେ ସେହି ନାମରେ ନକଲି କାରବାର ଚଳାଇବା ଏହି ବେପାରୀଙ୍କୁ ସହାୟକ ହୋଇଛି । ତେଣୁ ରାଉରକେଲା ସମେତ ବିଭିନ୍ନ ଅଂଚଳରେ ଏହି କାରବାର ବଢିବାରେ ଲାଗିଛି ।

# ଧାନ ମଣ୍ଡିରେ କଟନୀ ଛଟନୀ : ପ୍ରତିବାଦରେ ଜାତୀୟ ରାଜପଥ ଅବରୋଧ

ବଲାଙ୍ଗିର, ୧୩/୧୨ (ନି.ପ୍ର): ଧାନ ମଣ୍ଡିରେ କଟନୀ ଛଟନୀ ବନ୍ଦ ଦାବିରେ ପୁଇଁତଳା ବ୍ଲକର ଚାଷୀ ମାନେ ଆଜି ସକାଳୁ ବଲାଙ୍ଗିର - ସୋନପୁର ୫୭ ନଂ ଜାତୀୟ ରାଜପଥର ମଲମୁଣ୍ଡା ଠାରେ ରାସ୍ତା ଅବରୋଧ କରିଛନ୍ତି । ବିଭିନ୍ନ ଚାଷୀ ସଂଗଠନର ମିଳିତ ଆନୁକୁଲ୍ୟରେ ଜାତୀୟ ରାଜପଥ ଅବରୋଧ କରାଯାଇଥିବା ବେଳେ ଚାଷୀ ମାନେ ତାଙ୍କର ଦାବିରେ ଅଡି ବସିଥିବା ଦେଖିବାକୁ ମିଳିଛି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଛି । ଦୀର୍ଘ ସମୟ ଧରି ବଲାଙ୍ଗିର- ସୋନପୁର ରୁଟ୍ ରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି ।

ବର୍ତମାନ ଧାନ ମଣ୍ଡି ଗୁଡିକରେ ଧାନ କିଣା ଚାଲିଛି । ହେଲେ ଜିଲ୍ଲା ପ୍ରଶାସନର ଧାନ କିଣା ବୈଠକରେ ଯେଉଁଭଳି ଭାବରେ ଚାଷୀଙ୍କ ସୁବିଧା କଥା କୁହାଯାଇଥିଲା ତାହା ହେଉନଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। କଟନୀ ଛଟନୀ ନାମରେ ପ୍ରତି କ୍ୱିଂଟାଲ ପିଛା ୫ କିଲୋ ଲେଖାଏଁ କାଟ କରାଯାଉଛି । ସେହିଭଳି ମଣ୍ଡି ରେ ମିଲର୍ସ ଓ ସଂପାଦକଙ୍କ ମଧୁଚନ୍ଦ୍ରିକା ରହି ମଣ୍ଡିରେ ମିଲର୍ସ ମାନେ ସେହି ଧାନ କିଣୁଛନ୍ତି। ଏହି ସବୁ ସମସ୍ୟାର ସମାଧାନ କରିବାକୁ ଦାବି କରି ଆଜିର ରାସ୍ତା ରୋକ କରାଯାଇଥିବା ଚାଷୀ ମାନେ କହିଛନ୍ତି। ଖବର ପାଇ ଧାରଣାସ୍ଥଳରେ ଏଆରସି ଏସ ପହଂଚି ଚାଷୀ ମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ତେବେ ଚାଷୀ ମାନେ ନିଜ ଜିଦ୍ ରେ ଅଟଳ ରହିଥିବା ବେଳେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି । ରାସ୍ତା ଅବରୋଧ ହୋଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ବିଶେଷ କରି ଯାତ୍ରୀ ମାନେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଛି । ପୂର୍ବରୁ ଚାଷୀ ମାନେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ । ରବିବାର ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ଦାବି କରିଥିଲେ । ମଣ୍ଡି ମାନଙ୍କରେ ଏଫଏକ୍ୟୁ ମାନ ନିର୍ଦ୍ଧାରଣ ପାଇଁ କୌଣସି ଯନ୍ତ୍ରପାତି ନଥିବା ବେଳେ କ୍ୱିଂଟାଲ ପିଛା ୫ କେଜି ଧାନ କାଟିନେବା, ଅଖା ବସ୍ତା ପ୍ରତି ୨୦ ଟଙ୍କା କଟାଯିବାକୁ ଚାଷୀ ମାନେ ପ୍ରତିବାଦ କରିଥିଲେ । ପୂର୍ବରୁ ଆନ୍ଦୋଳନକାରୀ ମାନେ ଧାନକିଣାରେ ଅସହଯୋଗ କରିବା ସହ ମଣ୍ଡି ଗୁଡିକୁ ବନ୍ଦ କରିଥିବା ବେଳେ ଆଜି ଜାତୀୟ ରାଜପଥ ଅବରୋଧ କରିଛନ୍ତି । ଏହି ରାସ୍ତାରୋକ ଆନ୍ଦୋଳନରେ ଦୁଇ ଶହରୁ ଉର୍ଦ୍ଧ୍ୱ ଚାଷୀ ସାମିଲ୍ ହୋଇଛନ୍ତି ।

# ଦନ୍ତରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୧୩/୧୨ (ନି.ପ୍ର): ବ୍ରହ୍ମପୁର ହରିହର ନଗର ପ୍ରଥମ ସାରଣୀ ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଦନ୍ତ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ ଭାରତୀ ଅଧକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ଦନ୍ତରୋଗ ନିରାକରଣ ପାଇଁ ପରାମର୍ଶ ଦେଇଥିଲେ। ମିଠା ଖାଇଲା ପରେ ଭଲ ଭାବରେ କୁଳି କରିବେ, ପିଲାଙ୍କୁ ଅଧିକ ଚକୋଲେଟ୍ ଦେବେନାହିଁ ଓ ଅଜୀର୍ଣ୍ଣ ଆଦି ଦ୍ୱାରା ଦନ୍ତ ସଂକ୍ରମଣ ହୁଏ। ଦନ୍ତପୁଟ ଶୋଥ, କୃମିଦନ୍ତ, ଦନ୍ତ ହଲିବା, ଦନ୍ତ ପାକ ଓ ଦୁର୍ଗନ୍ଧ ହୁଏ। ଉପରୋକ୍ତ କାରଣ ଗୁଡିକୁ ଛାଡି, ଦୁଇବେଳା ଦାନ୍ତ ଘଷିବେ, ଦାନ୍ତ ବ୍ୟଥାରେ ଅଦା କିମ୍ବା ଲବଙ୍ଗ ଜାକିବେ, କୃମିଦନ୍ତ କଣାରେ ହିଙ୍ଗୁ ଭରିଦେବେ ଓ ଦନ୍ତ ହଲିଲେ ବକୁଳ ଛାଲି ଚୂର୍ଣ୍ଣ କିମ୍ବା ଲଙ୍କାକାଲ କ୍ଷୀର କିମ୍ବା ଅର୍ଜୁନ ଛାଲି କ୍ୱାଥ କୁଳି କରିବେ। ଦନ୍ତ କାଲୁଆ ହେଲେ ବାସଙ୍ଗପତ୍ର ଚୂର୍ଣ୍ଣ ଲଗାଇବେ ବା ଶୁଣ୍ଠି, ସୋରିଷ, ତ୍ରିଫଳାକ୍ୱାଥ କୁଳି କରିବେ। ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ଅମ୍ଳପିତ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପ୍ରାୟୋଜକ ଥିଲେ ଜୟନ୍ତୀ ଲାଲ ନରସି ଚୌହାନ ଓ ପରିଚାଳନାରେ ସହଯୋଗ କରିଥିଲେ ଗଣେଶ ପ୍ରସାଦ ପରିଚ୍ଛା, ଡି. ଶ୍ରୀନିବାସ ଓ ମନ୍ଦିର କମିଟି ସଭ୍ୟ ସଭ୍ୟା। ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହେଉଛି। ସମସ୍ତେ ଏହାର ସୁଯୋଗ ନେବାକୁ ମନ୍ଦିର କମିଟି ଅନୁରୋଧ କରିଛନ୍ତି।

## କାଶ୍ମିର ମାର୍ଗରେ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)ଏହା ପରେ ବଙ୍ଗଳାଦେଶ ସୀମାବର୍ତ୍ତୀ ଭୋଳାଗଞ୍ଜ ଏବଂ ଇଛାମତି ଅଞ୍ଚଳରେ ହିନ୍ଦୁ ମହିଳା ଏବଂ ଶିଶୁମାନଙ୍କୁ ଖ୍ରୀଷ୍ଟିଆନ ଗୋଷ୍ଠୀ ହଇରାଣ ହରକତ କରିବା ଅଭିଯୋଗ ହୋଇଥିଲା । ଏହି ଖାସୀମାନଙ୍କ ସ୍ଲୋଗାନ ହେଲା "ଆମେ ରକ୍ତରେ ଖାସୀ, ଦୁର୍ଘଟଣାବଶତଃ ଭାରତୀୟ" । ଏହି ସ୍ଲୋଗାନ ଲେଖାର ବ୍ୟାନର ଶିଲଂ ସହରରେ ଲାଗିଥିବା ଦେଖାଯାଇଥାଏ । ଚଳିତବର୍ଷ ହିନ୍ନିଉଟ୍ରେପ ନେସନାଲ ଲିବରେସନ କାଉନସିଲ (ଏଚ୍ଏନ୍ଏଲ୍ସି) ପକ୍ଷରୁ ହିନ୍ଦୁମାନେ ଏକମାସ ମଧ୍ୟରେ ପୂର୍ବଖାସୀ ପାହାଡର ସେଲ୍ଲା ଅଞ୍ଚଳରୁ ମାସକ ଭିତରେ ବାହାରିଯିବା ପାଇଁ ଧମକ ଦେଇଥିଲା । ଏହା ପରେ ଲୋକେ ଭୟଭୀତ ହୋଇ ଜଙ୍ଗଲ ମଧ୍ୟକୁ ପଳାଇଥିଲେ । ୨୫୦ଲୋକଙ୍କୁ ଆସାମର ତଳ ଅଞ୍ଚଳରୁ ଆସାମ ସରକାର ଉଦ୍ଧାର କରିଥିଲେ । ଏହି ବିଷୟକୁ ସିଲଚର ସାଂସଦ ରାଜଦୀପ ରାୟ ସଂସଦରେ ମଧ୍ୟ ଉଠାଇଥିଲେ ।

୧୯୮୭ରେ ନେପାଳୀଙ୍କ ବିରୁଦ୍ଧରେ ଖ୍ରୀଷ୍ଟିଆନ୍ ଗୋଷ୍ଠୀଙ୍କ ଆକ୍ରମଣ ଯୋଗୁ ଶିଲଂରେ ଏକବର୍ଷ ଯାଏଁ କର୍ଫ୍ୟୁ ଲାଗି ରହିଥିଲା । ହଜାର ହଜାର ଲୋକଙ୍କ ଗୃହଦାହ ଯୋଗୁ ସେମାନେ ଅଞ୍ଚଳ ଛାଡିବାକୁ ବାଧ୍ୟ ହୋଇଥିଲେ । ଏହି ହିଂସାକାଣ୍ଡ ପଛରେ ଖାସୀ ଷ୍ଟୁଡେଣ୍ଟସ ୟୁନିଅନ ରହିଥିଲା । ୧୯୯୨ରେ ବିହାରୀ ଚଷୀମାନଙ୍କୁ ଏହି ଗୋଷ୍ଠୀ ଟାର୍ଗେଟ କରି ସେମାନଙ୍କ ଗୋଶାଳାରେ ନିଆଁ ଲଗାଇ ଜିଅନ୍ତା ଗୋରୁମାନଙ୍କୁ ପୋଡି ମାରି ଦେଇଥିଲେ । ୨୦୧୮ରେ ଶିଖ ଦଳିତଙ୍କୁ ଟାର୍ଗେଟ କରାଯାଇଥିଲା ।୨୦୨୦ରେ ପଶ୍ଚିମଗାରୋ ହିଲସ୍ ଜିଲ୍ଲାର ମେରେଙ୍ଗାପଡାଠାରେ ନିର୍ମିତ କାଳିମନ୍ଦିରକୁ ଖ୍ରୀଷ୍ଟିଆନ ସନ୍ତ୍ରାସବାଦୀ ଗୋଷ୍ଠୀ ଭାଙ୍ଗି ଦେଇଥିଲେ । ୨୦୧୯ରେ ପୂର୍ବ ଖାସୀ ଜିଲ୍ଲା ଅନ୍ତର୍ଗତ କୋଙ୍ଗଥୋଙ୍ଗଠାରେ ହିନ୍ଦୁ ଜନଜାତିଙ୍କ ପୂଜାସ୍ଥଳୀକୁ ଖ୍ରୀଷ୍ଟିଆନ ଗୋଷ୍ଠୀ ନଷ୍ଟ କରିଥିଲେ । ଏହି ଘଟଣା ସମୟରେ ସ୍ଥାନୀୟ ପୁଲିସ ଏବଂ ମାଜିଷ୍ଟ୍ରେଟ ମଧ୍ୟ ଚୁପ୍ ହୋଇ ଛିଡା ହୋଇଥିଲେ । ଏହିସବୁ ଘଟଣାରୁ ମେଘାଳୟ କିପରି କାଶ୍ମିର ମାର୍ଗରେ ଯାଉଛି ତାହା ଜଣାପଡୁଛି । ଏଥିପାଇଁ ସମସ୍ତେ ଚିନ୍ତା କରିବା ଆବଶ୍ୟକ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ମଧୁବୈଶ୍ୟ ସମାଜ ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି ଚୂଡ଼ାନ୍ତ

ବାଲେଶ୍ୱର, ୧୩/୧୨ (ନି.ପ୍ର): ମଧୁବୈଶ୍ୟ (ଗୁଡ଼ିଆ) ସମାଜର ଜିଲ୍ଲାସ୍ତରୀୟ ସମ୍ମିଳନୀ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଏନେଇ ବାରବାଟୀ ସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୮ ତାରିଖରେ ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ହେବାକୁ ଯାଉଥିବା ଏହି ସମ୍ମଳନୀକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ବାର୍ଷିକ ସମ୍ମିଳନୀ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ହେବାକୁ ଯାଉଥିବା ଚିତ୍ରାଙ୍କନ, ରଙ୍ଗୋଲି, କୁଇଜ୍, ନାଚ, ଗୀତ ଇତ୍ୟାଦି ପ୍ରତିଯୋଗିତାକୁ ସୁଚାରୁରୂପେ ପରିଚାଳନା ଉପରେ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ ଗୁରୁତ୍ୱାରୋପ କରିଥିଲେ । ସମ୍ମିଳନୀରେ ରାଜ୍ୟସ୍ତରୀୟ ସଂଘ କର୍ମକର୍ତ୍ତାମାନେ ଯୋଗ ଦେବା ସଙ୍ଗେସଙ୍ଗେ ସ୍ଥାନୀୟ ଲୋକ ପ୍ରତିନିଧିମାନେ ମଧ୍ୟ ଅତିଥି ଆସନ ଗ୍ରହଣ କରିବାର ସିଦ୍ଧାନ୍ତ ନିଆଯାଇଛି । ପୂର୍ବାହ୍ନ ୮ଟାରୁ ସନ୍ଧ୍ୟା ୭ଘଟିକା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସଜାଗ ହେଲା ଭାରତୀୟ ସେନା....

କିନ୍ତୁ ଏହି ସଂଘର୍ଷରେ ଭାରତର ୬ଜଣ ସେନା ଆହତ ହୋଇଥିବାବେଳେ, ଚୀନର ୧୨ରୁ ଅଧିକ ସେନା ଆହତ ହୋଇଥିବା ଜଣାପଡିଛି । ଏନେଇ ସଂସଦରେ ସୂଚନା ଦେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ । ଏଲଏସିରେ ଭାରତ ଓ ଚୀନ ସେନା ମଧ୍ୟରେ ଘଟିଥିବା ସଂଘର୍ଷକୁ ନେଇ ସଂସଦରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ସବୁ ପ୍ରସଙ୍ଗ ଛାଡି ପ୍ରଥମେ ସୀମା ବିବାଦ ଉପରେ ଆଲୋଚନା କରିବାକୁ ଦାବି କରି ହୋହଲ୍ଲା କରିଛନ୍ତି । କଂଗ୍ରେସ ସାଂସଦ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, ଭାରତର ସୁରକ୍ଷା ସମସ୍ୟାକୁ ନେଇ ରାଜନୀତି କରିବାକୁ ଚାହୁଁନାହୁଁ । ଦେଶ ସହ ଏକାଠି ହୋଇଛୁ । ହେଲେ, ୨୦୨୦ ମେ ମାସରୁ ସୀମା ନିକଟରେ ଚୀନ ସେନାର ଏଭଳି ଉଲ୍ଲଂଘନକୁ ନେଇ ମୋଦୀ ସରକାର ସତ କୁହନ୍ତୁ । ବିରୋଧୀଙ୍କ ହଙ୍ଗାମା ପରେ ପ୍ରତିରକ୍ଷା ମନ୍ତ୍ରୀ ଓ ଗୃହମନ୍ତ୍ରୀ ଉତ୍ତର ରଖିଛନ୍ତି । ସୀମା ପ୍ରସଙ୍ଗରେ ଏକାଠି ହୋଇ ମୁକାବିଲା କରିବାକୁ ଆହ୍ୱାନ ଦେଇଛନ୍ତି । ତେବେ ରାଜୀବ ଗାନ୍ଧୀ ଫାଉଣ୍ଡେସନକୁ ଚୀନ ଆର୍ଥିକ ସହାୟତା ଦେବା ପ୍ରସଙ୍ଗ ଉଠାଇ ସମାଲୋଚନା କରିଛନ୍ତି ଅମିତ୍ ଶାହା । ସୀମାରେ ଚୀନ ସେନାର ଗଣ୍ଡଗୋଳ ପରେ ଭାରତରେ ଦେଖିବାକୁ ମିଳିଛି ପ୍ରତିବାଦ । ଜମ୍ମୁକଶ୍ମୀରରେ ଡୋଗ୍ରା ଫ୍ରଣ୍ଟ ଜୋରଦାର ବିରୋଧ କରିଛି । ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଓ ଚୀନ ପୋଷ୍ଟରକୁ ପୋଡି ପ୍ରଦର୍ଶନ କରାଯାଇଛି । ଜିନପିଙ୍ଗଙ୍କ ଫଟୋ ଉପରେ କାଳି ଓ ଚପଲ ମାଡ ସହ ନାରା ଦେଇଛି ଡୋଗ୍ରାଫ୍ରଂଟ । ପାକିସ୍ତାନକୁ ଯେଉଁଭଳି ଭାବେ କଡ଼ା ଜବାବ ଦେଉଛି ଭାରତ ଠିକ ସେପରି ଚୀନ ବିରୋଧରେ କରିବା ପାଇଁ ସମୟ ଆସିଛି ବୋଲି ପ୍ରଦର୍ଶନକାରୀ ଦାବି କରିଛନ୍ତି । ତେବେ ସୀମାରେ ଶାନ୍ତି ବଜାୟ ରହିଛି ବୋଲି କହିଛି ଚୀନ ।

## ଲାଞ୍ଚ ନେଉଥିଲେ ପୋଲିସ ବାବୁ....

ଯେଉଁଦିନ ବାକି ୪୦୦୦ ଟଙ୍କା ଦେବା କଥା ସେଦିନ ଠିକଣା ଜାଗାରେ ଜଗିରହିଥିଲା ଭିଜିଲାନ୍ସ ଟିମ୍ । ଆଉ ପୋଲିସ ଅଧିକାରୀ ଟଙ୍କା ଧରିବା କ୍ଷଣି ମାଡିବସିଥିଲେ ଭିଜିଲାନ୍ସ ଅଧିକାରୀ । ଆଉ ବିକଳରେ ସବୁତକ ଟଙ୍କା ଗିଳିଦେଇଥିଲେ ପୋଲିସ ବାବୁ । କିନ୍ତୁ ଛାଡିନଥିଲେ ଭିଜିଲାନ୍ସ ଅଧିକାରୀ । ତାଙ୍କୁ ତଳେ ପକାଇ ତାଙ୍କ ପାଟିରୁ ଟଙ୍କା କାଢିବାକୁ ଚେଷ୍ଟା କରିଥିଲେ । ଘଟଣାସ୍ଥଳରେ ଉପସ୍ଥିତ କେହି ଜଣେ ବ୍ୟକ୍ତି ଏହି ଦୃଶ୍ୟକୁ ସୁଟିଙ୍ଗ କରି ସୋସିଆଲ ମିଡିଆରେ ଅପଲୋଡ କରିବା ପରେ ଏବେ ଏହା ଭାଇରାଲ ହେବାରେ ଲାଗିଛି ।

## ଚାଇନାର ଗୁଣ୍ଡାଗର୍ଦ୍ଦି ....

ଦେଶର ଅଖଣ୍ଡତାର ସୁରକ୍ଷା ପ୍ରତି ସଂପୂର୍ଣ୍ଣ ପ୍ରତିବଦ୍ଧ ।" ତେବେ ବିରୋଧୀ ଦଳଗୁଡ଼ିକ ଏହି ବିବୃତିରେ ସନ୍ତୁଷ୍ଟ ହୋଇନାହାନ୍ତି । ଲୋକସଭାରେ ରାଜନାଥ ସିଂହଙ୍କ ବିବୃତି ପରେ ସେମାନେ ନିଜର ଅସନ୍ତୋଷ ପ୍ରକାଶ କରି କକ୍ଷ ତ୍ୟାଗ କରିଛନ୍ତି । ବିରୋଧୀ ଦଳଗୁଡ଼ିକ କହିଛନ୍ତି ଯେ ଏହି ଗୋଟିଏ ବିବୃତିରେ ସେମାନେ ସନ୍ତୁଷ୍ଟ ନୁହନ୍ତି । ଗୁରୁତ୍ୱପୂର୍ଣ୍ଣ ସୀମା ପ୍ରସଙ୍ଗରେ ସେମାନେ ଖୋଲା ଆଲୋଚନା ଚାହୁଁଛନ୍ତି । ଏଧିକାଂଶ ବିରୋଧୀ ଦଳ ଗୃହ କାର୍ଯ୍ୟକୁ ବନ୍ଦ କରି ଭାରତ-ଚାଇନା ସୀମା ବିବାଦ ସମ୍ପର୍କରେ ଆଲୋଚନା କରିବାକୁ ଦାବି କରିଛନ୍ତି । ସୂଚନାଯୋଗ୍ୟ, ଡିସେମ୍ବର ୯ ତାରିଖରେ ଅରୁଣାଚଳ ପ୍ରଦେଶର ତୱାଙ୍ଗ ସେକ୍ଟରରେ ଭାରତ ଓ ଚାଇନା ସେନା ମୁହାଁମୁହିଁ ହୋଇଥିଲେ । ଏଥିରେ ଏକାଧିକ ଯବାନ ଆହତ ହୋଇଛନ୍ତି । ଡ୍ରାଗନ ସେନାର ପ୍ରାୟ ୩ଶହ ଯବାନ ହଠାତ୍ ଏଲଏସି ଅତିକ୍ରମ କରି କାଠ ଫାଳିଆ, ଲୁହା ରଡ ଓ କାଠ ଫାଳିଆରେ ଗୁଡ଼ା ଯାଇଥିବା ଲୁହା ତାର ଦ୍ୱାରା ଗଣ୍ଡଗୋଳ କରିଥିଲେ । ଭାରତୀୟ ସେନା ଯବାନ ଏହାର ମୁକାବିଲା କରିଥିଲେ । ଘଟଣାରେ ୬ ଜଣ ଭାରତୀୟ ଯବାନ ଆହତ ହୋଇଥିଲେ । ସେମାନଙ୍କୁ ଚିକିତ୍ସା ପାଇଁ ଗୌହାଟୀ ନିଆଯାଥିଲା । ସେହିପରି ଚାଇନା ସେନାର ମଧ୍ୟ ୧୨ରୁ ଅଧିକ ଯବାନ ଆହତ ହୋଇଥିବା ଜଣାପଡ଼ିଛି ।

## ସଂସଦ ଉପରେ ଆକ୍ରମଣ....

ସମେତ ଅନ୍ୟ ସାଂସଦ ମାନେ ବଳିଦାନୀ ଜବାନ ମାନଙ୍କର ଫଟୋ ଚିତ୍ରରେ ପୁଷ୍ପାଂଜଳି ଅର୍ପିତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଟ୍ୱିଟ କରି ଲେଖିଛନ୍ତି – ୨୦୦୧ ମସିହା ସଂସଦ ଆକ୍ରମଣ ମାମଲାରେ ବଳିଦାନ ଦେଇଥିବା ଲୋକ ମାନଙ୍କୁ ଶ୍ରଦ୍ଧାଂଜଳି । ଆମେ ତାଙ୍କର ସେବା, ଶୌର୍ଯ୍ୟ ଓ ବଳିଦାନକୁ କେବେ ହେଲେ ଭୁଲିବୁ ନାହିଁ ।

## ହାଇକୋର୍ଟ ବେଂଚ ପ୍ରତିଷ୍ଠା....

ଆନ୍ଦୋଳନରତ ଓକିଲଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ । ଏ ନେଇ ଓଡ଼ିଶା ପୁଲିସକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ପରେ ସମ୍ବଲପୁର ପୁଲିସ କାର୍ଯ୍ୟାନୁଷ୍ଠାନ ନେଇଥିଲା । ସମ୍ବଲପୁର କୋର୍ଟ ପରିସର ପୁଲିସ ଛାଉଣୀରେ ପରିଣତ ହୋଇଥିଲା । ଆଜି ପର୍ଯ୍ୟନ୍ତ ୧୭ ଜଣ ଆଇନଜୀବୀ ଗିରଫ ହୋଇଥିଲେ । କୋର୍ଟ ଅଂଚଳରେ ୧୪୪ ଧାରା ଲାଗୁ କରାଯାଇଥିବାବେଳେ ୨୧ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ ।

## ରୂପସା ପୁଲିସ ଡିଉଟିରେ ଥାଇ ଚୋରି

ବସ୍ତା, ୧୩/୧୨ (ନି.ପ୍ର): ସୋମବାର ରାତିରେ ଦୁର୍ବୃତ୍ତ ମାନେ ପାଟପୁର ବଜାରରେ ଥିବା ବୁଲୁ ବିଶ୍ୱାଳଙ୍କ ଦୋକାନ ୧୨ ଟି ଚାବି ଭାଙ୍ଗି ନଗଦ ପନ୍ଦର ହଜାର ଟଙ୍କା, ଖୁଚୁରା ପଇସା, କିଛି ଦରକାରୀ କାଗଜପତ୍ର ନେଇ ପଳାଇଛନ୍ତି । ଏନେଇ ଶ୍ରୀ ବିଶ୍ୱାଳ ରୂପସା ଥାନାରେ ଅଭିଯୋଗ କରିଛନ୍ତି । ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ଯଦି ପୁଲିସ ଡିଉଟିରେ ରହୁଛି ତେବେ ରୂପସା ପାଟପୁର ବଜାରରୁ ତିନି ତିନୋଟି ଦୋକାନରୁ ଚୋରି ହେଲାଣି ଆଜି ପର୍ଯ୍ୟନ୍ତ ପୁଲିସ କେମିତି ଟେର ପାଉନାହିଁ।ଏହା ଫଳରେ ଧୀରେ ଧୀରେ ପୁଲିସ ଉପରୁ ସାଧାରଣ ଲୋକଙ୍କ ଆସ୍ଥା ତୁଟି ଯାଉଛି ।

## ଶୁଦ୍ଧ ଲିଖନ ଦିଗରେ ଧ୍ୟାନ ଦେବାକୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର, ୧୩/୧୨ (ନି.ପ୍ର): 'ପବିତ୍ର ଶିଶୁ ଦିବସ-୨୦୨୨' ଉପଲକ୍ଷେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମ୍ବାଦପତ୍ର ମାଧ୍ୟମରେ ଦେଇଥିବା ବାର୍ତ୍ତାରେ ଅନେକ ଭୁଲ ରହିଛି ବୋଲି ବରିଷ୍ଠ ଶିକ୍ଷାବିତ୍ ଡକ୍ଟର ନାରାୟଣ ମହାନ୍ତି ଦର୍ଶାଇଛନ୍ତି । ସେ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ପାଖକୁ ଏକ ଚିଠି ଲେଖି ଶୁଦ୍ଧ ଲିଖନ ଦିଗରେ ଧ୍ୟାନ ଦେଇ ଓଡ଼ିଆ ଭାଷାର ଗରିମା ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି । ଡକ୍ଟର ମହାନ୍ତି ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, 'ସହଭାଗୀତା' ଓ 'ସର୍ବାଙ୍ଗୀନ' ଅଶୁଦ୍ଧ ଅଟେ । ଏହା ଯଥାକ୍ରମେ 'ସହଭାଗିତା' ଓ 'ସର୍ବାଙ୍ଗୀଣ' ହେବ । ସେ ଲେଖିଛନ୍ତି, "ଆପଣଙ୍କ ବାର୍ତ୍ତାରେ ଥିବା ତିନିଟି ବାକ୍ୟ ମଧ୍ୟରୁ ଦ୍ୱିତୀୟ ବାକ୍ୟଟି ଏତେ ଦୀର୍ଘ ଓ କ୍ଲିଷ୍ଟ ଯେ ତାହା ବୁଝିହେଉ ନାହିଁ ।" ତିନି ବାକ୍ୟବିଶିଷ୍ଟ ବାର୍ତ୍ତାରେ ଅନ୍ୟୁନ ପାଂଚଟି ଭୁଲ ରହିବା ଉଦବେଗଜନକ ବୋଲି ଡକ୍ଟର ମହାନ୍ତି କହିଛନ୍ତି ।

# ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ବ୍ଲକ୍ ସ୍ତରୀୟ ଶିଶୁ ଅଧିକାର କର୍ମଶାଳା




ବାଲେଶ୍ୱର, ୧୩/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ବସ୍ତାବ୍ଲକ୍ ସଭାଗୃହରେ ଶିଶୁ ସୁରକ୍ଷା ବିଷୟରେ 'ବାତ୍ସଲ୍ୟ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବସ୍ତା ବ୍ଲକ୍ ବିଡିଓ ଦାୟିତ୍ୱରେ ଥିବା ଆଇଏଏସ୍ ପ୍ରୋବସନାରୀ ସୁଶ୍ରୀ କିରଣଦୀଗବୈର ଏହି କର୍ମଶାଳାକୁ ଉଦ୍ ?ଘାଟନ କରିଥିଲେ । ସଂଯୋଜିକା ସୁଶ୍ରୀ ସଂଯୁକ୍ତା ରାଉତ ପ୍ରାକ୍ ସୂଚନା ସହିତ ସଭା ପରିଚାଳନା କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ ସରକାରଙ୍କ ବିଭିନ୍ନ ଶିଶୁ ସୁରକ୍ଷା ପାଇଁ ଯୋଜନା ବିଷୟରେ ବର୍ଣ୍ଣନା କରିଥିଲେ । ବସ୍ତାବ୍ଲକ ଅଧକ୍ଷା ଅଞ୍ଜଳୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଉପାଧକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । 'ବାତ୍ସଲ୍ୟ' ଓ ଶିଶୁ ମାନଙ୍କର ଅଧିକାର ସୁରକ୍ଷା ବିଷୟରେ ରିସୋର୍ସ ପରସନ ଭାବେ ପୂର୍ବତନ ଶିଶୁ ମଙ୍ଗଳ କମିଟି ସଭ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଆଲୋକପାତ କରିବା ସହିତ ଶିଶୁ ଉତ୍ପୀଡ଼ନ ଓ ଦଣ୍ଡ ବିଧାନ ବିଷୟରେ ମନ୍ତବ୍ୟ ରଖିଥିଲେ । ବସ୍ତାବ୍ଲକ୍ ପୋଲିସ, ଶିକ୍ଷାଧିକାରୀ ସହିତ ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅନାଦି ଜେନା, ବିଶ୍ୱମ୍ଭର ସ୍ୱାଇଁ, ସୁବ୍ରତ ପଣ୍ଡା ପ୍ରମୁଖ ପି ଆରଆଇ ସଦସ୍ୟ ବିଶେଷ ଭାବେ ଅଂଶ ଗ୍ରହଣ କରିଥିଲେ । କାଉନସିଲର ପୁଷ୍ପଲତା ଜେନା ଧନ୍ୟବାଦ ଦେଇଥିଲେ । ବାରମ୍ବାର ଏହି କାର୍ଯ୍ୟକ୍ରମ ପାଇଁ ପ୍ରତିନିଧିମାନେ ଦାବୀ କରିଥିଲେ । ଚାଇଲ୍ଡ ଲାଇନ୍ ଅଧିକାରୀ ପ୍ରଶାନ୍ତ କୁମାର ରାଉତ ଶିଶୁ ସୁରକ୍ଷା ସମନ୍ୱୟର ସମସ୍ୟା ବର୍ଣ୍ଣନା କରିଥିଲେ ।

# ନବାଗତଙ୍କୁ ଶିକ୍ଷା ବିଭାଗ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା

ଉଦଳା, ୧୩/୧୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗ ତରଫରୁ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହି ଅଧକ୍ଷତା କରିବା ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଶିକ୍ଷା ବିଭାଗର ମୁଖ୍ୟ ଅଧାପିକା ମେରିନା ପଣ୍ଡା ଯେଉଁ ଦେଶର ଲୋକ ମାନେ ଯେତେ ଶିକ୍ଷିତ ସେହି ଦେଶ ଏକ ଉନ୍ନତ ଦେଶ ରୂପେ କିପରି ପରିଗଣିତ



ହୋଇଥାଏ ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧାପକ ରାଜକିଶୋର ବେହେରା, ରବିନାରାୟଣ ମହାପାତ୍ର, ଅଧାପିକା ମଞ୍ଜୁଳା କଳିଆ ପ୍ରମୁଖ ମଣିଷ ବଞ୍ଚି ରହିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ପରେ ଶିକ୍ଷା କିପରି ଅତ୍ୟାବଶ୍ୟକ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ +୩ର ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀ ମାନେ ନବାଗତ ଭଉଣୀ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

# ମନ କି ବାତ ପାଇଁ ଇନପୁଟ ଶେୟାର କରିବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ, ୧୩/୧୨ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଡିସେମ୍ବର ୨୫, ୨୦୨୨ ପୂର୍ବାହ୍ନ ୧୧ଟା ବେଳେ ପ୍ରସାରିତ ହେବାକୁ ଥିବା ମନ କି ବାତ କାର୍ଯ୍ୟକ୍ରମର ଆଗାମୀ ଅଧ୍ୟାୟ ପାଇଁ ନାଗରିକମାନଙ୍କୁ ଇନପୁଟ ଶେୟାର କରିବାକୁ ଆହ୍ୱାନ ଦେଇଛନ୍ତି । ମାଇଁ ଗଭ୍,ନମୋ ଆପ୍ କିମ୍ବା ୧୮୦୦-୧୧-୭୮୦୦ ନମ୍ବରରେ ନିଜ ବାର୍ତ୍ତା ରେକର୍ଡ କରାଇବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି । ମାଇଁ ଗଭ୍ ଆମନ୍ତ୍ରଣକୁ ଶେୟାର କରି ପ୍ରଧାନମନ୍ତ୍ରୀ ଟ୍ୱିଟ କରିଛନ୍ତି; "୨୦୨୨ର ଶେଷ ମନ କି ବାତ୍ ଏହି ମାସର ୨୫ ତାରିଖରେ ପ୍ରସାରିତ ହେବ । ଆପଣମାନଙ୍କ ଇନପୁଟ ପାଇଁ ଉତ୍ସୁକତାର ସହ ଅପେକ୍ଷା କରିଛି । ମାଇଁ ଗଭ୍,ନମୋ ଆପ୍ କିମ୍ବା ୧୮୦୦-୧୧-୭୮୦୦ ନମ୍ବରରେ ଆପଣମାନେ ନିଜ ବାର୍ତ୍ତା ରେକର୍ଡ କରାଇବାକୁ ଆହ୍ୱାନ କରୁଛି ।"

## ନୀଳଗିରି ତହସିଲଦାରଙ୍କ ଚଢ଼ାଉ : ୨ ପଥର ବୋଝେଇ ଡମ୍ଫର ଜବତ

ନୀଳଗିରି, ୧୩/୧୨ (ନି.ପ୍ର): ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ଆଜି ବେଆଇନ ଭାବେ ଚାଲାଣ ହେଉଥିବା ୨ଗୋଟି ପଥର ବୋଝେଇ ଡମ୍ଫରକୁ ଜବତ କରିଛନ୍ତି । ନୀଳଗିରି ମିତ୍ରପୁର ରାସ୍ତାର ଷ୍ଟେସନ ସାହି ଠାରେ ଏକ ପଥର ବୋଝେଇ ଡମ୍ଫର ଓଡି-୦୧ଏଜେ-୬୮୪୩ କୁ ଜବତ କରିଥିବା ବେଳେ ଅନ୍ୟ ଏକ ପଥର ବୋଝେଇ ଡମ୍ଫରକୁ କଦମସାହି ଛକ ଠାରେ ଜବତ କରିଛନ୍ତି । ଜବତ୍ ଡମ୍ଫରଟି ହେଲା ଓଡି-୨୩ବି-୫୭୧୮ । ଏହି ଚଢ଼ାଉରେ ତହସିଲଦାରଙ୍କ ସମେତ ଆର.ଆଇ. ମିଥୁନ ସେଠୀ ଓ କର୍ମଚାରୀ ତ୍ରିଲୋଚନ ନାୟକ ସାମିଲ ଥିଲେ ।

## ପଠାଣି ସାମନ୍ତଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଠାଣି ସାମନ୍ତଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ମହାନ ଜ୍ୟୋତିର୍ବିଦ୍ ତଥା ପଣ୍ଡିତ ପଠାଣି ସାମନ୍ତଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ଜ୍ୟୋତିର୍ବିଦ୍ ଭାବେ 'ସିଦ୍ଧାନ୍ତ ଦର୍ପଣ' ଭଳି ଅମୂଲ୍ୟ ଗ୍ରନ୍ଥର ରଚନା ସହ ମହାକାଶ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ନିଜ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ।

## ସୀମା ସଂଘର୍ଷରେ ସ୍ପଷ୍ଟିକରଣ ଦାବି ରଖି ଅସନ୍ତୁଷ୍ଟ ବିରୋଧି କଲେ କକ୍ଷତ୍ୟାଗ

ନୂଆଦିଲ୍ଲୀ, ୧୩/୧୨ : କଂଗ୍ରେସ ଏବଂ ଅନ୍ୟ ବିରୋଧି ଦଳ ମଙ୍ଗଳବାର ଦିନ ରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ତବାଂଗ ସେକ୍ଟରରେ ଭାରତ ଏବଂ ଚିନି ସୈନିକଙ୍କ ଝଡ଼ପ ଉପରେ ଦିଆଯାଇଥିବା ବକ୍ତବ୍ୟ ପରେ ସ୍ପଷ୍ଟୀକରଣର ଅନୁମତି ଦିଆନଯିବା ଉପରେ ରାଜ୍ୟସଭାରୁ କକ୍ଷତ୍ୟାଗ ବାହାରି ଯାଇଥିଲେ । କଂଗ୍ରେସ ସଦସ୍ୟଙ୍କ କହିବା କଥା ଥିଲା ଯେ ସ୍ପଷ୍ଟୀକରଣ ଦିଆନଯିବାରୁ ଏବେ ସଦନରେ ବସିବାର କୌଣସି ଔଚିତ୍ୟ ନାହିଁ । କଂଗ୍ରେସ ସହିତ ମାକପା, ଭାକପା, ଶିବସେନା, ରାଜଦ, ସପା ଏବଂ ଝାମୁମୋ ମଧ୍ୟ ସଦନରୁ ବାହାରକୁ ବାହାରିଯାଇଥିଲେ । ରାଜ୍ୟସଭାରେ ଉପସଭାପତି ହରିବଂଶ ସ୍ପଷ୍ଟୀକରଣ ବିଷୟକୁ ଅଣଦେଖା କରି କହିଥିଲେ ଯେ ମାମଲା ବହୁତ ସମ୍ବେଦନଶୀଳ ଏବଂ ଏହି ପ୍ରକାର ସମ୍ବେଦନଶୀଳ ମାମଲାରେ ସ୍ପଷ୍ଟୀକରଣ ଦେବାର ପରମ୍ପରା ନାହିଁ ।

# ଓକିଲ ଆନ୍ଦୋଳନର ମୁଁ ଅଂଶ ବିଶେଷ : ଜୟନାରାୟଣ ମିଶ୍ର

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ପାଇଁ ଚାଲିଥିବା ଓକିଲଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର । ସେ କହିଛନ୍ତି ମୁଁ ଓକିଲଙ୍କ ଆନ୍ଦୋଳନକୁ ସମର୍ଥନ କରୁଛି । ଆନ୍ଦୋଳନରେ ମୁଁ ଅଂଶ ବିଶେଷ । ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରିବା ସମସ୍ତ ନାଗରିଙ୍କର ଅଧିକାର । ଭାରତୀୟ ସମ୍ବିଧାନ ଅନୁସାରେ ତାକୁ କେହି ବାରଣ ପାରିବେନି । ଏହି ସବୁ ସମସ୍ୟା ପାଇଁ ଓଡ଼ିଶା ସରକାର ଦାୟୀ । ସେ କହିଛନ୍ତି, ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାର କୌଣସି ଠୋସ୍ ପ୍ରସ୍ତାବ ଦେଇନାହାନ୍ତି । କିଛି ଦିନ ପୂର୍ବରୁ କେନ୍ଦ୍ର ଆଇନ ମନ୍ତ୍ରୀ ସଂସଦରେ ଏପରି କହିଥିଲେ । ଓଡ଼ିଶାରେ ହାଇକୋର୍ଟ ବେଂଚ କେଉଁଠି ହେବ, ସରକାର ସେ ବିଷୟରେ ଜଣାଇଲେ କେନ୍ଦ୍ର ସରକାର ପଦକ୍ଷେପ ନେବ । ହେଲେ ହାଇକୋର୍ଟ ବେଂଚ କେଉଁ ଜାଗାରେ ହେବ ସେଥିପାଇଁ ସରକାର ବିଧିବଦ୍ଧ ପ୍ରସ୍ତାବ ଆଣୁନାହାନ୍ତି । ଏହିସବୁ ସମସ୍ୟା ପାଇଁ ଓଡ଼ିଶା ସରକାର ଦାୟୀ । ଜୟନାରାୟଣ ଆହୁରି କହିଛନ୍ତି, ଓଡ଼ିଶାରେ ଗୋଟିଏ ଦୁଇଟି ହାଇକୋର୍ଟ ବେଂଚ ହେଲେ ଅସୁବିଧା କ'ଣ ଅଛି ? ଡୋର ଷ୍ଟେପରେ ନ୍ୟାୟ ଦିଆଯିବ ବୋଲି ସରକାର କହୁଛନ୍ତି । ଯଦି ଲୋକଙ୍କୁ ଡୋର ଷ୍ଟେପରେ ନ୍ୟାୟ ଦିଆଯିବ, ତା'ହେଲେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ହୋଇଗଲେ ଲୋକମାନଙ୍କୁ ପଇସା ଖର୍ଚ୍ଚ କରି କଟକ ଆସିବାକୁ ପଡ଼ିବନି । ହାଇକୋର୍ଟକୁ ଅନେକ କେସ ଆସୁଛି । ଯାହାଫଳରେ ହାଇକୋର୍ଟ ଭାରାକ୍ରାନ୍ତ ହୋଇଯାଉଛି । ଯଦି ଅନ୍ୟ ଜାଗାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ହେବ, ତା'ହେଲେ ହାଇକୋର୍ଟ ଉପରେ ବୋଝ କମିଯିବ । ହାଇକୋର୍ଟ ବେଂଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ କି ? ରାଜ୍ୟ ସରକାର ସେଥିପାଇଁ ପ୍ରସ୍ତାବ ଦେଉନାହାନ୍ତି ବୋଲି ଜୟନାରାୟଣ କହିଛନ୍ତି । କଂଗ୍ରେସ ବିଧାୟକ ସୁର ରାଉତରାୟ କହିଛନ୍ତି, ସମ୍ବଲପୁର ଓ ଭୁବନେଶ୍ୱରରେ ଗୋଟିଏ ଗୋଟିଏ ଲେଖାଏଁ ହାଇକୋର୍ଟ ବେଂଚ ପ୍ରତିଷ୍ଠା କରାଯାଉ । ୨ଟି ହାଇକୋର୍ଟ ବେଂଚ ହେଲେ ଓଡ଼ିଶା ଠିକ୍ ରେ ଚାଲିବ । ବେଶୀ ଦିନ ଆନ୍ଦୋଳନ ନ କରି ଆଲୋଚନା ମାଧ୍ୟମରେ ସମାଧାନ କରାଯାଉ । ଅପରପକ୍ଷରେ ବିଜେଡି ଉପ ସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ବ୍ଲେମ୍ ଗେମ୍ ଚାଲିଛି । ପଶ୍ଚିମ ଓଡ଼ିଶାରେ କେଉଁଠି ହେବ, ତାହା ସମସ୍ତେ ମିଶିକି ନିଷ୍ପତି ନିଅନ୍ତୁ । ସେ ଆହୁରି କହିଛନ୍ତି ଯେ ସରକାରଙ୍କ ଉପରେ ଦୋଷ ଲଦିଲେ ହେବ ନାହିଁ । ସେମାନେ ଯାହା କହୁଛନ୍ତି ଅବାନ୍ତର କଥା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କିପରି ଅନୁପାଳନ କରାଯିବ ସେ ନେଇ ନିର୍ଦ୍ଦେଶ ଅଛି । ବାକି କଣ ପ୍ରୋସେସ, ପଶ୍ଚିମାଂଚଳରେ କେଉଁଠି ହେବ ଓ ତାଙ୍କର ଅଧିବକ୍ତା ସଂଘ ଯାହା କହିବେ ସେ ଅନୁସାରେ ହେବ ।

# ସ୍ୱାସ୍ଥ୍ୟକର୍ମୀଙ୍କ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ : ଦାବିପୂରଣ ନହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ

ବାରିପଦା, ୧୩/୧୨ (ନି.ପ୍ର): ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ ତୃଣମୂଳ ସ୍ତରରେ କାର୍ଯ୍ୟରତ ବହୁମୁଖୀ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ଓ ସ୍ୱାସ୍ଥ୍ୟ ପରିଦର୍ଶିକା ମାନେ ଆଜି କ୍ୟାଡ଼ର ପୁନର୍ଗଠନ ପ୍ରକ୍ରିୟାରେ ସରକାର ଚରମ ଅବହେଳା ପ୍ରଦର୍ଶନକରୁଥିବା, ସରକାରୀ କର୍ମଚାରୀ ମାନେ ଚାକିରୀ କାଳରେ ୪ ରୁ ୮ ଟି ପଦୋନ୍ନତି ପାଉଥିବା ବେଳେ ଏହି ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ମାତ୍ର ଗୋଟିଏ ପଦୋନ୍ନତି ମିଳୁଥିବାରୁ ଅଧିକ ପଦନ୍ନୋତି ଯୋଗାଇଦେବା, ସ୍ୱାସ୍ଥ୍ୟ ମନ୍ତ୍ରୀ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ



ପରିବାର କଲ୍ୟାଣ ନିର୍ଦ୍ଦେଶକ ରାଜ୍ୟ କର୍ମକର୍ତାଙ୍କ ସହ ଆଲୋଚନା କରି ଦାବୀ ପୂରଣ କ୍ଷେତ୍ରରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା, ଗ୍ରେଡପେ ବୃଦ୍ଧି କରିବା, ପୋଷାକ ଭତା ପ୍ରଦାନ କରିବା ଆଦି ୫ ଦଫା ଦାବୀ ରେ ଆଜି ସ୍ୱାସ୍ଥ୍ୟକର୍ମୀ ମାନେ ଏକ ବିଶାଳ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବୀପତ୍ର ପ୍ରଦାନ କରିଛନ୍ତି । ଦାବି ପୂରଣ କ୍ଷେତ୍ରରେ ସରକାର ଯଦି ତ୍ୱରିତ ପଦକ୍ଷେପ ଗ୍ରହଣ ନକରନ୍ତି ତେବେ କାର୍ଯ୍ୟରତ ୨୦ହଜାର ସ୍ୱାସ୍ଥ୍ୟ କର୍ମୀ ଆସନ୍ତା ଡିସେମ୍ବର ୧୪ ତାରିଖ ଠାରୁ ଅସହଯୋଗ ଆନ୍ଦୋଳନ କରିବେ ଏବଂ ଡିସେମ୍ବର ୨୧ ତାରିଖ ଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରି ତୃଣମୂଳସ୍ତରରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମ ଯଥା ଟୀକାକରଣ ମମତା ଦିବସ ପରିଚାଳନା, ଜାତୀୟ ସ୍ୱାସ୍ଥ୍ୟ ଦିବସ ପରିଚାଳନା, ଯକ୍ଷ୍ମାରୋଗୀ ମାନଙ୍କୁ ହସ୍ପିଟାଲକୁ ପ୍ରେରଣ କରିବା, କୁଷ୍ଠ ରୋଗର ନିରାକରଣ, ଅନ୍ଧତ୍ୱ ଦୂରୀକରଣ ସଚେତନତା, ଗାଁ କଲ୍ୟାଣ ସମିତି ପରିଚାଳନା, ଅଣ-ସଂକ୍ରାମକ ରୋଗ ଶିବିର ପରିଚାଳନା, ଇତ୍ୟାଦି କାର୍ଯ୍ୟ କରିବେ ନାହିଁ ଏବଂ ସେଥିପାଇଁ କର୍ତୃପକ୍ଷ ଦାୟୀ ରହିବେ ବୋଲି କହିଛନ୍ତି ।


OFFICE OF THE SUPERINTENDING ENGINEER
R.W. DIVISION: ANANDAPUR: SALAPADA: KEONJHAR.

e-Procurement Notice for Building works Identification No.
On line- 04 /SERW/AND/2022-23
E-mail address: eerw_anandapur@yahoo.co.in
No. 8480 // Dt. 08.12.2022

1. Name of the work : Construction of Building works for the year 2022-23.
2. Total No. of works : 35 (Thirty Five) No. (Percentage rate Tender)
3. Estimated cost : Approx. Estimate Cost Rs 0.92 lakhs to Rs 04.24 Lakhs.
4. Class of Contractor : Class 'D' & Class 'C'
5. Other Details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender : Office of the Superintending Engineer, R.W. Division, Anandapur | Date & Place of receipt of bid cost & bid security |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division, Anandapur | On line 04/SERW/AND/2022-23 | 15.12.2022 at 10.00 A.M. | 23.12.2022 up to 5.00 P.M. | 22.12.2022 up to 5.00 P.M. | 26.12.2022 at 11.30 A.M. | The bidder shall transfer online the cost of bid and EMD in column No-4 & 6 in Annexure-I, respectively through a process as mention in DTCN. |

Further details can be seen from the website www.tendersorissa.gov.in & www.tenders.ori.nic.in

OIPR : 25055/11/0006/2223

Superintending Engineer
R.W. Division, Anandapur

ବୁଧବାର, ଡିସେମ୍ବର ୧୪, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସେଣ୍ଟ ଜାଭିୟର୍ସ ସିନିଅର ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ

ବାଲେଶ୍ୱର, ୧୩/୧୨ (ନି.ପ୍ର): ଚାନ୍ଦିପୁର ରୋଡ଼ସ୍ଥିତ ସେଣ୍ଟ ଜାଭିୟର୍ସ ସିନିଅର ସେକେଣ୍ଡାରୀ ସ୍କୁଲର ଦଶମ ବାର୍ଷିକ ଉତ୍ସବ 'ଅରହାନ-୨୦୨୨' ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟସ୍ତରୀୟ ଉତ୍ସବର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଛାତ୍ରଛାତ୍ରୀଙ୍କ ମାନସିକ ସ୍ଥିତିକୁ ଦୃଷ୍ଟିରେ ରଖି ଶିକ୍ଷାଦାନ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ମହାପାତ୍ର ମତ ପ୍ରକାଶ କରିଥିଲେ। ଦୈନିକ ଓଡ଼ିଆ ଖବର କାଗଜ 'ସମାଜ'ର ଉତ୍ତର ଓଡ଼ିଶା ସଂସ୍କରଣ ବ୍ୟୁରୋ ମୁଖ୍ୟ କୁଳମଣି ବାରିକ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାଦାନ ଓ ସଫଳତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଆୟୁର୍ବେଦ ବିଶେଷଜ୍ଞ ପ୍ରଫେସର (ଡାକ୍ତର) ଶାନ୍ତନୁ ଦାସ ଏଥିରେ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ବ୍ୟକ୍ତିତ୍ୱ ବିକାଶରେ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ପ୍ରଦୀପ ଦୟାନିଧି ଜେନା ଏଥିରେ ସ୍ୱାଗତ ଅଭିଭାଷଣ ସହ ସେଣ୍ଟ ଜାଭିୟର୍ସ ସିନିଅର ସେକେଣ୍ଡାରୀ ସ୍କୁଲର ଶିକ୍ଷାଦାନ ଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସ ଏଥିରେ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚେୟାରମ୍ୟାନଙ୍କ ପିତା ଦୟାନିଧି ଜେନା, ବିଦ୍ୟାଳୟ ଟ୍ରଷ୍ଟି ରାଜେନ୍ଦ୍ର କୁମାର ଜେନା, ପରିଚାଳନା ସମିତି ସଦସ୍ୟ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଏହି ଉତ୍ସବରେ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ରୁବିନା ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶୋଭା କାପୁର ମଂଚ ପରିଚାଳନା କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଏହି ଉତ୍ସବରେ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍କୁଲର ଭାଇସ ପ୍ରିନସିପାଲ କୃଷ୍ଣକାନ୍ତ ରଣାଙ୍କ ସମେତ କମଳ ଲୋଚନ ରଣା, ରାମଚନ୍ଦ୍ର ଜେନା, ଇଭାରାଣୀ ଦେ, ସାଇ ରଞ୍ଜନ ଦାସ, ମୀନାକ୍ଷୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବସଷ୍ଟାଣ୍ଡ ଜମିରେ ଆପାର୍ଟମେଣ୍ଟ ନିର୍ମାଣ ପ୍ରସଙ୍ଗ : ନିଷ୍ପତ୍ତି ପ୍ରତ୍ୟାହାର ଦାବି କଲା ବିଜେପି

ବାଲେଶ୍ୱର, ୧୩/୧୨ (ନି.ପ୍ର): ବ୍ରିଟର ୮ ଏକର ଜମିରେ ପ୍ରସ୍ତାବିତ ବସଷ୍ଟାଣ୍ଡ ନିର୍ମାଣ ସ୍ଥଳୀରେ ଆପାର୍ଟମେଣ୍ଟ ନିର୍ମାଣ ସହ ସାଧାରଣ ଲୋକଙ୍କୁ ବିକ୍ରି ବିକ୍ରି ପାଇଁ ପ୍ରଶାସନ ନିଷ୍ପତ୍ତିର ଦୃଢ଼ ବିରୋଧ କରିଛି ବିଜେପି। ଏହି ପରିପ୍ରେକ୍ଷୀରେ ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାପାତ୍ର, ଜିଲା ସମ୍ପାଦକ ପର୍ଶୁରାମ ପରିଡ଼ା, ଉପ-ସଭାପତି କମଳ ଲୋଚନ ଦାସ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ରାଜେଶ ମହାପାତ୍ର, ସୁଶାନ୍ତ କୁମାର ବେରା, ମହେଶ୍ୱର ଗିରି ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳଙ୍କୁ ସାକ୍ଷାତ କରିଛନ୍ତି। ୨୦୧୦ ମସିହାରେ ଏହି ପ୍ରସ୍ତାବିତ ବସଷ୍ଟାଣ୍ଡର ଶିଳାନ୍ୟାସ ଦେଇଥିବା ଜମିରେ ବ୍ୟବସାୟିକ ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଉଦ୍ୟମ କାହା ସ୍ୱାର୍ଥରେ ବୋଲି ବିଜେପି ନେତାମାନେ ଜିଲାପାଳଙ୍କୁ ପ୍ରଶ୍ନ କରିଛନ୍ତି। ପ୍ରସ୍ତାବିତ ଏହି ଆନ୍ତରାଜ୍ୟ ବସଷ୍ଟାଣ୍ଡ ନିକଟବର୍ତ୍ତୀ ଅଞ୍ଚଳରେ ଫକୀର ମୋହନ ସରକାରୀ ମେଡିକାଲ କଲେଜ, ଏମ୍ସ ସେଟେଲାଇଟ ସେଣ୍ଟର, କେନ୍ଦ୍ରୀୟ ବିଦ୍ୟାଳୟ ଭଳି ବହୁ ଅନୁଷ୍ଠାନ ରହିଥିବା ବେଳେ ଆଗାମୀ ଦିନରେ ବହୁ ପ୍ରତିଷ୍ଠାନ ଓ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ ପ୍ରତିଷ୍ଠା ହେବାର ସମ୍ଭାବନା ରହିଛି। ଜିଲାକୁ ଦୈନିକ ଶତାଧିକ ବସ ଚଳାଚଳ କରୁଥିବା ବେଳେ ଜନସାଧାରଣଙ୍କ ସୁବିଧା ପାଇଁ ପ୍ରସ୍ତାବିତ ଏହି ବସଷ୍ଟାଣ୍ଡର ଗୁରୁତ୍ୱ ଢ଼େର ଅଧିକ। ୮ ଏକର ଜମିରେ ବସଷ୍ଟାଣ୍ଡ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସକୁ ୧୨ ବର୍ଷ ବିତିଯାଇଥିବା ବେଳେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପରିବର୍ତ୍ତେ ୬.୫ ଏକରରେ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ନିର୍ମାଣ ଯୋଜନା ଦୁର୍ଭାଗ୍ୟଜନକ ବୋଲି ବିଜେପି ନେତାମାନେ ଆରୋପ କରିଛନ୍ତି। ପ୍ରଶାସନ ଏଭଳି ତ୍ରୁଟିପୂର୍ଣ୍ଣ ନିଷ୍ପତିରୁ ନିବୃତ ନହେଲେ ଆଗାମୀ ଦିନରେ ବିଜେପି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଦଳୀୟ କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏନେଇ ଦଳ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

# ଯମୁନାଲାଲ ବଜାଜ ପୁରସ୍କାରପ୍ରାପ୍ତ ସୋଫିଆ ଶେଖ୍‌ଙ୍କୁ ଭଦ୍ରକରେ ସ୍ୱାଗତ



ଭଦ୍ରକ, ୧୩/୧୨ (ନି.ପ୍ର): ବିଶିଷ୍ଟ ସମାଜସେବିକା, ସ୍ୱେଚ୍ଛାସେବୀ ସଂଗଠନ ସୋସାଇଟି ଫର ଉିକର କମ୍ୟୁନିଟି (ଆଶିୟାନା)ର ସମ୍ପାଦିକା, ଚାଇଲ୍‌ଡ ଲାଇନ୍ ନିର୍ଦ୍ଦେଶିକା ଭଦ୍ରକର ସୁଯୋଗ୍ୟା ନାରୀ ପ୍ରତିଭା ସୋଫିଆ ଶେଖ୍ ମର୍ଯ୍ୟାଦା ଜନକ ୪୪ତମ ଯମୁନାଲାଲ ବଜାଜ୍ - ୨୦୨୨ ପୁରସ୍କାର ପାଇ ଆଜି ଭଦ୍ରକକୁ ଫେରିବା ପରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭଦ୍ରକର ବହୁ ସଂଗଠନ, ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ ଭଦ୍ରକ ରେଳ ଷ୍ଟେସନକୁ ଯାଇ ତାଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜୟନ୍ତୀ ବେହେରା, ଭଦ୍ରକ ରେଳ ଷ୍ଟେସନ ମ୍ୟାନେଜର ସନ୍ତୋଷ କୁମାର ସାହୁ, ଆର୍‌ପିଏଫ୍ ଆଇଆଇସି ଦିଲିପ କୁମାର, ଜିଆର୍‌ପି ଆଇଆଇସି ଆର୍. ଶଙ୍କର ରାୟ, ଆଶିୟାନାର ନିର୍ଦ୍ଦେଶକ ସଲାମ ଭାଇ, ସଂଯୋଜକ ରିୟାଜ ଅହମ୍ମଦ, ପରାମର୍ଶଦାତ୍ରୀ ଅନିମା ପଣ୍ଡା, ସ୍ୱଧାର ଗୃହ ପରିଚାଳକ ସବାନା ଶେଖ୍, ମୁକ୍ତାଶ୍ରୟ କେନ୍ଦ୍ରର ସଂଯୋଜକ ସମ୍ବିତ୍ ମହାନ୍ତି, ସାମାଜିକ କର୍ମୀ ଭାଗ୍ୟଶ୍ରୀ ମହାକୁଡ଼, ବିକାଶ ରାଉତ, କାଦମ୍ବିନୀ ଜେନା, ମମତା ମଲ୍ଲିକ, ଚାଇଲ୍‌ଡ ଲାଇନ୍‌ର ସଂଯୋଜିକା ଦିବ୍ୟାନୀ ମୁଖାର୍ଜୀ, ରମାକାନ୍ତ ଜେନା, ପ୍ରଦୀପ ପଣ୍ଡା, ପରାମର୍ଶଦାତ୍ରୀ ସ୍ମୃତିରେଖା ଓଝା, ସଂଯୁକ୍ତା ମଲ୍ଲିକ, ଅର୍ଚ୍ଚନା ନାୟକ, ବାସନ୍ତୀ ସେଠୀ, ସାହିନ୍ ଖାଁ, ଶତାବ୍ଦୀ ବେହୁରା, ପ୍ରତିମା ବଳ, ଶାନ୍ତିଲତା ସ୍ୱାଇଁ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ଡ଼ିଟକ୍ସ ଦି ମାଇଣ୍ଡି ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ସାୱନ କ୍ରିପାଲ ରୁହାନି ମିଶନ ଓ ୱାର୍ଲଡ଼ କାଉନସିଲ୍ ଅଫ ରିଲିଜିୟସର ଅଧକ୍ଷ ସନ୍ଥ ରାଜିନ୍ଦର ସିଂ ଜୀ ମହାରାଜଙ୍କ ଦ୍ୱାରା ଲିଖିତ ପୁସ୍ତକ ମନ୍ କା ଶୁଦ୍ଧିକରଣ (ଡ଼ିଟକ୍ସ ଦି ମାଇଣ୍ଡି) ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଛି। ଆର୍ଯ୍ୟଭୂମି ଭାରତବର୍ଷରେ ଜନ୍ମଗ୍ରହଣ କରି ଜଣେ ବୈଜ୍ଞାନିକ ଭାବେ ଅନେକ ଜ୍ଞାନ ଅର୍ଜନ କରିଛନ୍ତି। ଉଭୟ ଆଧାତ୍ମିକ ଜ୍ଞାନ ଏବଂ ବିଜ୍ଞାନରେ ତାଙ୍କର ତୀକ୍ଷ୍ଣ ଅଭିଜ୍ଞତା ରହିଛି। ମହାରାଜଜୀଙ୍କ ଦ୍ୱାରା ଲିଖିତ ପୁସ୍ତକ ୫୬ଟି ଭାଷାରେ ଅନୁବାଦ ହେଉଛି। ତାଙ୍କର ଅମୃତବାଣୀ ସାରା ବିଶ୍ୱରେ ବିଭିନ୍ନ ଟିଭି, ରେଡ଼ିଓ ଏବଂ ଇ ରନେଟ୍ ମାଧ୍ୟମରେ ପ୍ରସାରିତ ହେଉଅଛି। ପ୍ରେମର ଅନବରତ ଯାତ୍ରା ଏବଂ ସ୍ୱାର୍ଥହୀନ ସେବାର ସମଷ୍ଟି ହିଁ ଜୀବନ ଅଟେ। ଡ଼ିଟକ୍ସ ଦି ମାଇଣ୍ଡି ପୁସ୍ତକ ଓଡ଼ିଶାର ମହାମହିମ ରାଜ୍ୟପାଳ ଡ଼ାକ୍ଟର ଗଣେଶୀ ଲାଲ୍ ରାଜଭବନରେ ଲୋକାର୍ପିତ କରିଥିଲେ। ପୁସ୍ତକଟି ଲୋକମାନଙ୍କର ମାନସିକ ସୁସ୍ଥ ଓ ଶାନ୍ତି ଦିଗରେ ଅନେକ ପ୍ରେରଣାଦାୟୀ ବୋଲି ମହାମହିମ ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। ଓଡ଼ିଶାର ଶାଖା ମୁଖ୍ୟ ଦେବାନନ୍ଦ ନାଏକ, କିଶୋର ନାଏକ, ସ୍ମୃତିରଞ୍ଜନ ଧଳ, ରଶ୍ମୀତା ନାଏକ, ସୌମ୍ୟରଞ୍ଜନ ପଟେଲ ପ୍ରମୁଖ ଉପସ୍ଥିତ ରହି ପୁସ୍ତକଟି ଲୋକାର୍ପିତ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ସାଂସ୍କୃତିକ ସମାରୋହ



ଭଦ୍ରକ, ୧୩/୧୨ (ନି.ପ୍ର): ଆଜି କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ ଠାରେ ବାଲେଶ୍ୱର, କେନ୍ଦୁଝର, ଯାଜପୁର, ମୟୁରଭଞ୍ଜ, ଭଦ୍ରକ ଜିଲ୍ଲା କୁ ମିଶାଇ ଦଶଟି କେନ୍ଦ୍ରୀୟ ବିଦ୍ୟାଳୟର ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆଧାରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ର ଅଧକ୍ଷଓ ସୁଜାତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଟି ସୁନ୍ଦର ଭାବେ ଆୟୋଜିତ ହୋଇଥିଲା। ଏଥିରେ ଏକକ ନୃତ୍ୟ, ସାମୂହିକ ନୃତ୍ୟ, ଏକକ ସଙ୍ଗୀତ, ସାମୁହିକ ସଙ୍ଗୀତ, ହିନ୍ଦୀ, ଇଂରାଜୀ କବିତା ଆବୃତ୍ତି, ହିନ୍ଦୀ, ଇଂରାଜୀ ଗଳ୍ପ କଥନ ଏବଂ ଚିତ୍ର କଳା ଆଦି ପ୍ରତିଯୋଗିତା ରେ ପିଲାମାନେ ଅଂଶଗ୍ରହଣ କରି ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ବିଶେଷ ରୂପେ ବିଦ୍ୟାଳୟର ଅନୁଭବୀ ଶିକ୍ଷିକା ଶ୍ରୀମତୀ ସୁକାନ୍ତି ମିଶ୍ର, ସୁରେନ୍ଦ୍ର କୁମାର ରାଉତ ଏବଂ ଦକ୍ଷ ଶିକ୍ଷକ ଶ୍ରୀ କିଶୋର କୁମାର ଦାସ ଙ୍କ ପରିଚାଳନା ରେ ବିଦ୍ୟାଳୟର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ଟିକୁ ଆକର୍ଷଣୀୟ ଓ ସାଫଲ୍ୟ ମଣ୍ଡିତ କରାଇଥିଲେ। ଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା।

# ରାସ୍ତାପାର୍ଶ୍ୱ ବେଆଇନ ନିର୍ମାଣକୁ ବିରୋଧ

ବାଲେଶ୍ୱର, ୧୩/୧୨ (ନି.ପ୍ର): ସହରର ଜନ ଗହଳିପୂର୍ଣ୍ଣ ରାସ୍ତା ପାର୍ଶ୍ୱରେ ବେଆଇନ ନିର୍ମାଣ ଓ ଗାଡ଼ି ପାର୍କିଂକୁ ନେଇ ସାମାଜିକ ସଂଗଠନ 'ଫ୍ୟୁଚର ବାଲେଶ୍ୱର'ର କର୍ମକର୍ତ୍ତାମାନେ ଟ୍ରାଫିକ ଥାନାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସଂଗଠନର ସଭାପତି ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଟ୍ରାଫିକ ଥାନାଧିକାରୀ ପ୍ରେମପ୍ରଜ୍ଞା ମହାନ୍ତିଙ୍କୁ ସାକ୍ଷାତ କରି କଚେରୀ ହତା ପ୍ରବେଶ ଦ୍ୱାରରେ ହେଉଥିବା ବେଆଇନ ପାର୍କିଂ ଓ ଷ୍ଟେସନ ଛକରେ ବ୍ୟବସାୟିକ ପ୍ରତିଷ୍ଠାନ କୋଠା ନିର୍ମାଣରେ ସର୍ବସାଧାରଣ ଡ୍ରେନ କବଜା ସମ୍ପର୍କରେ ଅବଗତ କରିଥିଲେ। ବହୁ ବାଧାବିଘ୍ନ ମଧ୍ୟରେ ରେଳ ଷ୍ଟେସନ ରୋଡ଼ର ସମ୍ପ୍ରସାରଣ ହୋଇଥିଲା। ଏମିତିକି ଏବେ ସୁଦ୍ଧା ଏହି ରାସ୍ତାକୁ ନେଇ ହାଇକୋର୍ଟରେ ମାମଲା ବିଚାରଧୀନ ରହିଛି। ତେବେ ପ୍ରଶାସନର ପ୍ରଚେଷ୍ଟାରେ ରାସ୍ତା ସମ୍ପ୍ରସାରଣ ହେବା ଫଳରେ ସର୍ବସାଧାରଣ ଯାତାୟତ ସମ୍ପ୍ରତି ସହଜ ଓ ସୁବିଧା ହୋଇପାରିଛି। ମାତ୍ର ଷ୍ଟେସନ ଛକଠାରେ ନିର୍ମାଣ ହେଉଥିବା ବହୁତଳ ବିଶିଷ୍ଟ ଏକ ବ୍ୟବସାୟିକ କୋଠାର ପ୍ରବେଶ ପାହାଚ ଡ୍ରେନ ଉପରେ ନିର୍ମାଣ ହୋଇ ରାସ୍ତାକୁ ଲମ୍ବିବା ଫଳରେ ଏଠାରେ ଆଗାମୀ ଦିନରେ ଟ୍ରାଫିକ ସମସ୍ୟା ସୃଷ୍ଟି କରିବ। ଏହା ବ୍ୟତୀତ ଏହି ଡ୍ରେନ କବଜା ଘଟଣାକୁ ଦେଖି ଅନ୍ୟମାନେ ବି ରାସ୍ତା ଉପରକୁ ମାଡ଼ିଆସିବା ଭଳି ପରିସ୍ଥିତି ଉପୁଜିବ ବୋଲି ଫ୍ୟୁଚର ବାଲେଶ୍ୱର କର୍ମକର୍ତ୍ତାମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିଭଳି କଚେରୀ ହତାରେ ପାର୍କିଂ ସ୍ଥାନ ନଥିବା ଯୋଗୁଁ ଲୋକେ ନିଜର ଯାନବାହନ ମନଇଚ୍ଛା ଯେଉଁଠି ସେଇଠି ରଖୁଛନ୍ତି। ଫଳରେ କେଚରୀ ପାର୍ଶ୍ୱ ମୁଖ୍ୟ ରାସ୍ତାରେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଦେଖାଯାଉଛି।

# ଧାନମଣ୍ଡି ଖୋଲିବାକୁ ସି.ପି.ଆଇ. (ଏମ) ପକ୍ଷରୁ ଦାବିପତ୍ର ପ୍ରଦାନ



ନୀଳଗିରି, ୧୩/୧୨ (ନି.ପ୍ର): ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଧାନଚଷ ଭଲ ହୋଇ ନ ଥିବା ବେଳେ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବ୍ୟାଙ୍କ ଋଣ ଓ ଗାଉଁଲି କରଜ କରି ଚାଷ କରିଥିବା ବେଳେ ଯାହା ବି କିଛି ଧାନ ଅମଳ କରିଛନ୍ତି, ଏ ପର୍ଯ୍ୟନ୍ତ ସରକାରୀସ୍ତରରେ ନୀଳଗିରି ଉପଖଣ୍ଡରେ ଧାନ ମଣ୍ଡି ଖୋଲି ନ ଥିବା ବେଳେ ଚାଷୀମାନେ ବାଧ୍ୟ ହୋଇ କରଜ ଋଣ ପରିଶୋଧ ପାଇଁ ଦଲାଲଙ୍କୁ ବହୁ କମ ଦରରେ ନିଜରର ଝାଳବୁହା ପରିଶ୍ରମରର ଧାନକୁ ବିକ୍ରି କରୁଛନ୍ତି। ଫଳରେ ଚାଷୀମାନଙ୍କ ମଧ୍ୟରେ ହତାଶର ଭାବ ଦେଖା ଦେଇଛି। ସରକାରୀସ୍ତରରେ ଯଥାଶୀଘ୍ର ନୀଳଗିରି ଉପଖଣ୍ଡରେ ବିଭିନ୍ନ ସ୍ଥାନରେ ଧାନମଣ୍ଡି ଖୋଲିବା ପାଇଁ ନୀଳଗିରି ସି.ପି.ଆଇ. (ଏମ) ଦଳ ପକ୍ଷରୁ ଏକ ଦାବୀପତ୍ର ନୀଳଗିରି ଉପଜିଲ୍ଲାପାଳ ମନ୍ଦାରଧର ମହାଲିକଙ୍କୁ ପ୍ରଦାନ କରିଛନ୍ତି। ଦାବୀପତ୍ର ପ୍ରଦାନ ସମୟରେ ଯୋଗାନନ୍ଦ ଦାସ, ଅମରେନ୍ଦ୍ର ନାୟକ, ହେମେନ୍ଦ୍ର ସେଠୀ, କେଶବ ଚରଣ ପରିଡ଼ା ଉପସ୍ଥିତ ଥିଲେ। ଆଗାମୀ ସାତ ଦିନ ମଧ୍ୟରେ ଯଦି ସରକାରୀ ସ୍ତରରେ ଧାନମଣ୍ଡି ଖୋଲା ନ ଯାଏ ତେବେ ଆଗାମୀ ଦିନରେ ଚାଷୀମାନଙ୍କୁ ନେଇ ଗଣଧାରଣା ଦିଆଯିବ ବୋଲି ଦଳ ପକ୍ଷରୁ ଚେତାବନି ଦିଆଯାଇଛି।

# ଟାଟା ପାୱାର ବିରୋଧରେ ଚାଷୀ ଆନ୍ଦୋଳନ ତେଜିଲା

ଜଳେଶ୍ୱର, ୧୩/୧୨(ନି.ପ୍ର): ରାଜ୍ୟରେ ଟାଟା ପାୱାରେ ଯୋଗାଣ ନାମରେ ଶୋଷଣ ଚଳାଇଥିବା ବେଳେ ରବିରଡୁ ପୂର୍ବରୁ ଚାଷୀଙ୍କ ବିରୋଧରେ ଅଧିକ ବିଜୁଳି କର ବସାଉଥିବାରୁ ତାକୁ ବିରୋଧ କରି ଆଜି ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ୫ ଦଫା ଦାବିରେ ସେମାନେ ଆନ୍ଦୋଳନକୁ ଉହ୍ଲାଉଥିବା ବେଳେ ଏହାର ପ୍ରତିକାର ନ ହେଲେ ପରିସ୍ଥିତି ଅଣାୟତ୍ତ ହେବ ବୋଲି ଆହ୍ୱାନ ଦେଇଛନ୍ତି। ଜଳେଶ୍ୱର ବ୍ଲକର ଛମୌଜ ରାଣୀପୋଖରୀଠାରେ ଚାଷୀ ଏକତା ମଂଚ ପକ୍ଷରୁ ଆୟୋଜିତ ସଭାରେ ବିଭିନ୍ନ ଅଂଚଳରୁ କୃଷକ ପ୍ରତିନିଧି, ଛାମୁଆ କୃଷକ ଓ ଗ୍ରାମାଂଚଳର ନେତୃବର୍ଗ ଯୋଗ ଦେଇଥିଲେ। ଟାଟା ପାୱାର ବିରୋଧରେ ଏପରି ଏକ ସମାବେଶରେ କମ୍ପାନୀର ବିଦ୍ୟୁତ୍ ରାଜସ୍ୱ ବୃଦ୍ଧି, ସେଲୋ ଓ ମିନି ଡପ୍ଟୱେଲରୁ ବିଦ୍ୟୁତ୍ ବିଚ୍ଛିନ୍ନ କରିବା, ବିଭିନ୍ନ ସେଲୋରେ ମିଟର ବସାଇବା ଇତ୍ୟାଦିକୁ ବିରୋଧ କରି ନେତୃମଣ୍ଡଳି କମ୍ପାନୀ ବିରୋଧରେ ଗର୍ଜ୍ଜିଥିଲେ। ନେତୃମଣ୍ଡଳୀ ଚାଷୀଙ୍କ ସେଲୋକୁ ବିଦ୍ୟୁତ୍‌କାଟ ବନ୍ଦ କରିବା, ଚାଷୀଙ୍କ ସହିତ ଆଲୋଚନା ନ କରି ମିଟର ବସାଇବା ବନ୍ଦ ରଖିବା, ସେଲୋ ମାଲିକ ବା ଉପଭୋକ୍ତାଙ୍କୁ ନ ଜଣାଇ ବିଦ୍ୟୁତ୍ କାଟ ବନ୍ଦ ରଖିବା, ମନଇଚ୍ଛା ବିଲ ଲାଗିଥିବାରୁ ସେଗୁଡିକୁ ସଂଶୋଧନ କରିବା, ସାଧାରଣ ଦୋକାନୀଙ୍କ କ୍ଷେତ୍ରରେ ବ୍ୟବସାୟୀକ ବିଲ ନ ଲଗାଇବା ନେଇ ଚାଷୀ ସମାବେଶରେ ଦାବି କରାଯାଇଥିଲା। ପୂର୍ବରୁ ବିଭିନ୍ନ ସ୍ଥାନରେ ଏପରି ଚାଷୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆଜିର ବୈଠକରେ ରାଜ୍ୟ କଂଗ୍ରେସ ଦଳ ପ୍ରବକ୍ତା ସୁଦର୍ଶନ ଦାସ ଉପସ୍ଥିତ ରହି ଟାଟା ପାୱାର ମନମାନି ଘଟଣାକୁ ବିରୋଧ କରିଥିଲେ। କମ୍ପାନୀ ପକ୍ଷରୁ ରବିରଡୁ ଚାଷ ପୂର୍ବରୁ ଏସବୁର ସମାଧାନ ନ କଲେ ଟାଟା କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲିପ କୁମାର ଗିରି, ସୁଦାମ ପାତ୍ର, ମଧୁସୂଦନ ଦତ୍ତ, ସୁଧିର ପାତ୍ର, ତ୍ରିଲୋଚନ ଦାସ ଅଧିକାରୀ, ଦିପ୍ତିମାନ ଆଚାର୍ଯ୍ୟ, ପଦ୍ମଲୋଚନ ବେହେରା, ବିଜୟ କୁମାର ଜେନା, ହେମନ୍ତ ଗିରି, ଅନନ୍ତ ରାଉଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବି : ଦିଲ୍ଲିରେ ପାର୍ଲିଆମେଂଟ ଘେରିଲା କୁଡୁମୀ ସେନା



ବାରିପଦା, ୧୩/୧୨ (ନି.ପ୍ର): ବିଗତ ୧୯୫୦ ମସିହା ସେପଟେମ୍ବର ୬ ତାରିଖ ଦିନ ଠାରୁ ଆଦିବାସୀ ମାନ୍ୟତା ହରାଇଥିବା କୁଡୁମୀ ଜାତି କୁ ଆଦିବାସୀ ବର୍ଗରେ ପୁନଃ ସାମିଲ କରିବା ଦାବିରେ ଆଜି ଓଡିଶା ବେଙ୍ଗଲ ଓ ଝାଡଖଣ୍ଡ ରାଜ୍ୟର କୁଡୁମୀ ସଂଗଠନ ପକ୍ଷରୁ ଦିଲ୍ଲିରେ ମିଳିତ ଭାବରେ ବିକ୍ଷୋଭ ସଭା ଅନୁଷ୍ଠିତ ହେବା ସହ ପାର୍ଲିଆମେଂଟ ଘେରାଓ କରାଯାଇଥିବାର ଜଣାଯାଇଛି। ଓଡିଶା କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ଓଡିଶାର ବିଭିନ୍ନ କୁଡୁମୀ ଲୋକ ବସବାସ କରୁଥିବା ଅଂଚଳରୁ ବହୁ ସଂଖ୍ୟାରେ କୁଡୁମୀ ମହିଳା ଓ ପୁରୁଷ ମାନେ ଦିଲ୍ଲି ଯାଇ ଏହି ଆନ୍ଦୋଳନରେ ସାମିଲ ହୋଇଥିବାର ଜଣାଯାଇଛି। ତେବେ କୁଡୁମୀ ଜାତିକୁ ପୁନଃ ଆଦିବାସୀ ବର୍ଗରେ ସାମିଲ କରିବା ନିମନ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଅବହେଳା ପ୍ରଦର୍ଶନ କରୁଥିବାରୁ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବା ସହ ଦାବୀ ପୁରଣ ନହେଲେ ଆଗାମୀ ସାଧାରଣ ନିର୍ବାଚନରେ କୁଡୁମୀ ଲୋକେ ଏହାର ଉଚିତ ଜବାବ ଦେବେ ବୋଲି କୁଡୁମୀ ସେନାର ରାଜ୍ୟ ସଭାପତି ଜୈମୁନୀ ମହାନ୍ତ କହିଛନ୍ତି।

# ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା

## 'ସ୍ୱାଧୀନତା ସଂଗ୍ରାମରେ ଭଦ୍ରକର ଭୂମିକା ଗୌରବୋଜ୍ଜ୍ୱଳ ଅଧ୍ୟାୟ'




ଭଦ୍ରକ, ୧୩/୧୨ (ନି.ପ୍ର): ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଭଦ୍ରକ ଜିଲ୍ଲାର ଭୂମିକା ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ସୃଷ୍ଟି କରି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି। ୧୯୨୧ ମସିହା ମାର୍ଚ୍ଚ ମାସ ୨୫ ତାରିଖରେ ମହାତ୍ମା ଗାନ୍ଧୀ ପ୍ରଥମେ ଏହି ଗାନ୍ଧି ପଡ଼ିଆରେ ପଦାର୍ପଣ କରି ସ୍ୱାଧୀନତା ସଂଗ୍ରାମର ବୀଜ ବପନ କରିଥିଲେ ଏବଂ ପରେପରେ ୧୯୨୭ ମସିହା ଡିସେମ୍ବର ୧୭ ଓ ୧୯୩୪ ମସିହା ଜୁନ ୨ରେ ସେ ଭଦ୍ରକ ଆସି ସ୍ୱାଧୀନତା ସଂଗ୍ରାମକୁ ଗତିଶୀଳ କରିଥିଲେ। ଯାହା ଫଳରେ ଭଦ୍ରକ ଜିଲ୍ଲା ସମସ୍ତ ସ୍ୱାଧୀନତା ସଂଗ୍ରାମ ଯଥା - ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ, ହରିଜନ ପଦଯାତ୍ରା, ବ୍ୟକ୍ତିଗତ ସତ୍ୟାଗ୍ରହ ତଥା ଭାରତ ଛାଡ଼ ଆନ୍ଦୋଳନରେ ଅଂଶ ଗ୍ରହଣ ସ୍ୱାଧୀନତା ସଂଗ୍ରାମକୁ ଜ୍ୱାଳାମୁଖୀ କରିଥିଲା। ଭାରତ ଛାଡ଼ ଆନ୍ଦୋଳନରେ ଲୁଣିଆ ଠାରେ ୯ଜଣ ଓ ଇରମ ଠାରେ ୨୯ଜଣ ଶହୀଦ୍ ହୋଇଥିଲେ ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି। ଇରମ ମାଟିର ଅବିସ୍ମରଣୀୟ ପ୍ରତିଭା ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ସ୍ମୃତିରେ ଉତ୍ସର୍ଗ ଏହି ସନ୍ଧ୍ୟାରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ମୁଖ୍ୟଅତିଥି, ଅତିରିକ୍ତ ଉପଜିଲ୍ଲାପାଳ ଲକ୍ଷ୍ମୀ ପ୍ରସାଦ ସାହୁ ବିଶିଷ୍ଟ ଅତିଥି, ଭଦ୍ରକ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଡ. ସୁଦର୍ଶନ ବାରିକ, ଅବସରପ୍ରାପ୍ତ ପ୍ରାଧାପିକା ଡ. ପ୍ରଭାତ ନଳିନୀ ମହାପାତ୍ର, ଶିକ୍ଷାବିତ୍ ଦୁଃଶାସନ ରାଉତ, ପ୍ରଧାନ ଶିକ୍ଷକ ସଦାନନ୍ଦ ପାଣିଗ୍ରାହୀ, ବାଇଚଢେଇର ସମ୍ପାଦକ ବିକାଶ କୁମାର ଶତପଥୀ ବରେଣ୍ୟ ଅତିଥି, ଶିକ୍ଷାବିତ୍ ତଥା ଗାଳ୍ପିକ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ କବି ଓ ସଂଗଠକ ବାବୁଲାଲ ଦାସ ପୌରୋହିତ୍ୟ କରିଥିଲେ। ଆବାହକ ନୀହାର ରଞ୍ଜନ କର ଅତିଥି ପରିଚୟ, ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢୀ ଅତିଥିମାନଙ୍କୁ ମଞ୍ଚ ଆବାହନ ଓ ସଂଯୋଜନା କରିଥିଲେ। ସମାଜସେବିକା, କବୟିତ୍ରୀ ସୁମିତ୍ରା ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତ ସଂଗୀତ ପରିବେଷଣ କରିଥିବା ବେଳେ ସମ୍ପାଦକ ରବିନାରାୟଣ ଖିଲାର ଓ କୋଷାଧକ୍ଷ ଆଶିଷ ଅମିତାଭ ମହାପାତ୍ର ଉତ୍ସବ ପରିଚାଳନା କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ଓ ସୁଶ୍ରୀ ରଶ୍ମିତା ସେଠୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହୋତ୍ସବ ଆଙ୍କି ଦେଇଛି ଏକ ଅଣଦେଖା ଆତ୍ମୀୟତା : ପ୍ରମିଳା ପଣ୍ଡା



ଉଦଳା, ୧୩/୧୨ (ନି.ପ୍ର): ବିଜ୍ଞାପିତ ଅଞ୍ଚଳ ପରିଷଦ, ଉଦଳାର ନଗରପାଳ ପ୍ରମିଳା ପଣ୍ଡାଙ୍କୁ ମହୋତ୍ସବ ସମ୍ପର୍କରେ ପଚାରି ବୁଝିବାରୁ, ଉତ୍ତରରେ ସେ କହିଲେ, ଆଜି ମନେ ପଡ଼ିଯାଉଛି ଉଦଳାରେ ଉପେନ୍ଦ୍ର ମଲ୍ଲିକ ଉପଜିଲ୍ଲାପାଳ ଥିବା ସମୟର କଥା। ସ୍ୱେଚ୍ଛାସେବୀ ସଂଗଠନ ଆମେ ଭଞ୍ଜ କଳାକାରର ନେତୃତ୍ୱରେ ଏବେ ଉପଜିଲ୍ଲାପାଳଙ୍କ ସହଯୋଗରେ ଆରମ୍ଭ ହୋଇଥିଲା 'ଉଦଳା ମହୋତ୍ସବ'। ସେ ସମୟରେ ଖୋଲା ଯାଇଥିବା ଷ୍ଟଲରେ ସ୍ଥାନ ପାଇଥିଲା ସ୍ୱାଧିନତା ଆନ୍ଦୋଳନରେ ଉଦଳାର ଭୂମିକା, ପର୍ଯ୍ୟଟନସ୍ଥଳୀ ଓ ଉଦଳା ଇତିହାସକୁ ନେଇ ଫୋଟ ଚିତ୍ର ପ୍ରଦର୍ଶନୀ। ଯାହାକି ମହୋତ୍ସବର ମୁଖ୍ୟ ଅକର୍ଷଣ ପାଲଟିଥିଲା। ଖାଲି ସେତିକି ନୁହେଁ ମହୋତ୍ସବକୁ ଦେଖିବା ପାଇଁ ଆସୁଥିବା ଦର୍ଶକ ମାନଙ୍କ ସହିତ ସୃଷ୍ଟି ହୋଇ ଯାଇଥିଲା ଏକ ଅଦେଖା ଆତ୍ମିୟତା। କାଳକ୍ରମେ ଏହି ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉପଜିଲ୍ଲାପାଳ ବିକର୍ତ୍ତନ ପୁଥାଳ କରିଥିଲେ ଉଦ୍ୟମ। ତାଙ୍କର ଅବଦାନକୁ କେବେ ଭୁଲିହେବ ନାହିଁ। ସେହି ବର୍ଷ ଠାରୁ ପ୍ରଥମ କରି ଆରମ୍ଭ ହୋଇଥିଲା ସ୍ମରଣିକା ପ୍ରକାଶନ। ପରେ ଉପଜିଲ୍ଲାପାଳ ସରୋଜ କୁମାର ସେଠୀ ମହୋତ୍ସବ ପାଇଁ ଯେଉଁଭଳି ଆଗ୍ରହ ପ୍ରକାଶ କରୁଥିଲେ ଓ ନିଜେ ନେତୃତ୍ୱ ନେଉଥିଲେ ତାହାକୁ କେଉଁ ଭାଷାରେ ଧନ୍ୟବାଦ ଜଣାଇବି ତା ପାଇଁ ଭାଷା ପାଉ ନାହିଁ। ଏହିଭଳି ଉଦଳା ମହୋତ୍ସବ ସହିତ ଖାଲି ଉଦଳା ସହରବାସୀ ନୁହଁନ୍ତି, ସମଗ୍ର କପ୍ତିପଦା ଉପଖଣ୍ଡର ବାସିନ୍ଦାଙ୍କର ଯୋଡ଼ି ହୋଇ ଯାଇଥିଲା ଏକ ପ୍ରଗାଢ଼ ଆତ୍ମୀୟତା। କରୋନା ପାଇଁ କ୍ରମାଗତ ୨ ବର୍ଷ ଧରି ମହୋତ୍ସବ ବନ୍ଦ ହୋଇ ଯିବା ଫଳରେ ତାହା ସମସ୍ତଙ୍କୁ ଖୁବ କଷ୍ଟ ଦେଇଥିଲା। ପୁଣି କରୋନା ପରେ ବର୍ତ୍ତମାନର ଉପଜିଲ୍ଲାପାଳଙ୍କର ମହୋତ୍ସବ ପାଇଁ ପଛଘୁଞ୍ଚା ସମସ୍ତଙ୍କୁ ଖୁବ୍ ଆଘାତ ଦେଇଛି। ଏତିକି ବେଳେ ଆମେ ଭଞ୍ଜ କଳାକାରର ମହୋତ୍ସବ ଆୟୋଜନର ପ୍ରତିଶୃତି ସମସ୍ତଙ୍କୁ ଆଶ୍ୱସ୍ତି ଆଣି ଦେଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo